କଟକ
ଶୁକ୍ରବାର ୧୦ ଜୁଲାଇ, ୨୦୨୬
ପ୍ରାତଃ ସଂସ୍କରଣ

July 10, 2026 Cuttack
Vol - XXIV, Issue - 99
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ
www.pratidintv.com
e-paper:
www.pratidinepaper.com
PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ବାଇକ୍ ଆରୋହୀଙ୍କ ଉପରେ ଚଢ଼ିଗଲା ଆମ ବସ୍

**କଟକ,୯।୭(ନି.ପ୍ର):** ଜଣେ ବାଇକ୍ ଆରୋହୀଙ୍କ ଉପରେ ଚଢ଼ିଯିବା ସହ ତାଙ୍କୁ ୪୦ଫୁଟ ଯାଏ ଘୋଷାରି ନେଇଛି ଆମ ବସ୍। ଏହି ଲୋମହର୍ଷଣକାରୀ ଘଟଣା ଘଟିଛି କଟକର ବାଦାମବାଡ଼ି ଥାନା ମଲାଚଣ୍ଡିଆ ଛକରେ। ଦୁର୍ଘଟଣା ଘଟାଇଥିବା ଆମ ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସ୍ଥାନୀୟ ଲୋକେ ଆମ ବସ୍‌କୁ ଟେକି ବାଇକ୍ ଆରୋହୀଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଛି। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ତଦନ୍ତ କରୁଛି।




# ଅନ୍ତର୍ଜାତୀୟ ଜଳସୀମାରେ ମାଛ ଧରିବେ ଓଡ଼ିଆ ମତ୍ସ୍ୟଜୀବୀ

## ଲେଟର୍ସ ଅଫ୍ ଅଥରାଇଜେସନ ଓ ଓଡ଼ିଶା ଡିପ୍ ସି ଫିଶିଂ ମିଶନର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି

**ଭୁବନେଶ୍ୱର,୯।୭(ନି.ପ୍ର):** ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ ଗ୍ରୀନ୍ ଇକୋନୋମି ଇତିହାସରେ ଯୋଡ଼ି ହୋଇଛି ନୂଆ ସ୍ୱର୍ଣ୍ଣିମ ଅଧ୍ୟାୟ। ଭୁବନେଶ୍ୱର ଗସ୍ତ କରି ଉପରାଷ୍ଟ୍ରପତି ସି ପି ରାଧାକ୍ରିଷ୍ଣନ ଏକ ଭବ୍ୟ ଜାତୀୟ କାର୍ଯ୍ୟକ୍ରମରେ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଲେଟରସ୍ ଅଫ୍ ଅଥରାଇଜେସନ (ଏଲ୍ଓଏ) ଏବଂ ଓଡ଼ିଶା ଡିପ୍ ସି ଫିଶିଂ ମିଶନର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନରେ ଆୟୋଜିତ ହୋଇଛି ଏହି ଭବ୍ୟ କାର୍ଯ୍ୟକ୍ରମ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ପଞ୍ଚାୟତରାଜ, ମତ୍ସ୍ୟ, ଦୁଗ୍ଧ, ପ୍ରାଣୀ ସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ ସ୍ୱାଇଁ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମତ୍ସ୍ୟ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସାମିଲ ହୋଇଥିଲେ।

ଏହି ଅବସରରେ ଉପରାଷ୍ଟ୍ରପତି କହିଛନ୍ତି, ମତ୍ସ୍ୟ ଉତ୍ପାଦନରେ ବିଶ୍ୱରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରତିବର୍ଷ କୋଟି କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମାଛଧରା କାର୍ଯ୍ୟ ଉପକୂଳର ୪୦-୫୦ ନଟିକାଲ ମାଇଲ ମଧ୍ୟରେ ସୀମିତ ଥିବାବେଳେ ଗଭୀର ସମୁଦ୍ରର ଅନ୍ତର୍ଜାତୀୟ ଜଳସୀମାରେ ଟୁନା ଭଳି ଉଚ୍ଚ ମୂଲ୍ୟର ମାଛ ଧରିବା ପାଇଁ ଏହି ନୂତନ ନୀତି ବିରାଟ ସୁଯୋଗ ଆଣିଦେବ। ଖାଦ୍ୟ ସୁରକ୍ଷା ଓ ପୋଷଣ କ୍ଷେତ୍ରକୁ ସୁଦୃଢ଼ କରିବ।

ଅନ୍ତର୍ଜାତୀୟ ଜଳ ସୀମାରେ ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ଏଲ୍ଓଏ ବା ପ୍ରାଧିକରଣ ପତ୍ର ବାଧ୍ୟତାମୂଳକ। ମତ୍ସ୍ୟଜୀବୀ ଏହି ଏଲ୍ଓଏ ହାସଲ କରିବା ଫଳରେ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ବାହାରେ ଥିବା ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ଧରିବା ପାଇଁ ଅନୁମତି ପାଇପାରିବେ। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩, ୮୯୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି।



ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିମଣ୍ଡଳ ବୈଠକରେ ଓଡ଼ିଶା ଡିପ୍ ସି ଫିଶିଂ ମିଶନ (୨୦୨୬-୨୦୩୬)କୁ ଆର୍ଥିକ ମଞ୍ଜୁରୀ ମିଳିଥିଲା। ଆଗାମୀ ୧୦ ବର୍ଷରେ ୫୦ ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ରୋଜଗାର ସୃଜନ ସହ ଓଡ଼ିଶାକୁ ଦେଶରେ ପ୍ରମୁଖ ସାମୁଦ୍ରିକ ରପ୍ତାନୀ କେନ୍ଦ୍ର ମଧ୍ୟରେ ସାମିଲ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା ଅନୁଯାୟୀ, ଆଧୁନିକ ଡିପ୍ ସି ଫିଶିଂ ଭେସେଲ ଉପଲବ୍ଧ କରାଯିବ। ଫଳରେ ଦୂର ସମୁଦ୍ର କ୍ଷେତ୍ରରେ ଓ ଗଭୀର ସମୁଦ୍ରରେ ସୁରକ୍ଷିତ ଏବଂ ଅଧିକ ପ୍ରଭାବୀ ଢଙ୍ଗରେ ମତ୍ସ୍ୟଉତ୍ପାଦନ ସମ୍ଭବ ହୋଇପାରିବ।

ଉପରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରମୁଖ ସ୍ୱାଗତ କରିଥିଲେ। ଉପରାଷ୍ଟ୍ରପତିଙ୍କର ଏହା ଓଡ଼ିଶାକୁ ଦିନିକିଆ ଗସ୍ତ।

## ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ଗିରଫ

**କେନ୍ଦ୍ରାପଡ଼ା/ବାଙ୍କୀ,୯।୭(ନି.ପ୍ର):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦ୍ରାପଡ଼ା ବନାଞ୍ଚଳର ଫରେଷ୍ଟ ରେଞ୍ଜର ରବୀନ୍ଦ୍ର ନାୟକଙ୍କୁ ଭିଜିଲାନ୍ସ ଟିମ୍ ଗୁରୁବାର ଗିରଫ କରିଛି। ବୁଧବାର ତାଙ୍କର କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ସାହାଡ଼ାପଡ଼ା ପୈତୃକ ଘର ସମେତ ୪ଟି ଠିକଣାରେ ଏକକାଳୀନ ଚଢାଉ ହୋଇଥିଲା। ବିପୁଳ ପରିମାଣର ଆୟ ବର୍ହିଭୂତ ସମ୍ପତ୍ତି ମଧ୍ୟ ଠାବ କରାଯାଇଥିଲା। ଠାବ ହୋଇଥିବା ସମ୍ପତ୍ତି ମଧ୍ୟରେ ରହିଛି ଗୋଟିଏ ୪ ମହଲା କୋଠା ସମେତ ୨ଟି ବିଲ୍ଡିଂ, ୬ଟି ଦାମୀ ପ୍ଲଟ୍, ୨୮୩ ଗ୍ରାମ ସୁନା, ୨.୧୪ ଲକ୍ଷ ନଗଦ ଟଙ୍କା , ୭୬.୫୯ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ଚାରି ଚକିଆ ଗାଡ଼ି। ୩୭୨% ଆୟ ବହିର୍ଭୂତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ରେଞ୍ଜର ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରିନଥିଲେ। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ ମାମଲା ରୁଜୁ ହୋଇଛି।

## ୨୨ ଘଣ୍ଟା ପରେ ମାଲ୍ୟଗିରି ପାହାଡ଼ରୁ ୩ ଯୁବକ ଉଦ୍ଧାର

**କେନ୍ଦୁଝର/ପାଲଲହଡ଼ା,୯।୭(ନି.ପ୍ର):** ଖରାପ ପାଗରେ ମାଲ୍ୟଗିରି ପାହାଡ଼ରେ ଫସି ରହିଥିବା ୩ ଯୁବକଙ୍କୁ ଦୀର୍ଘ ୨୨ ଘଣ୍ଟା ପରେ ଉଦ୍ଧାର କରିଛି ଅଗ୍ନିଶମ ଟିମ୍। ଏଥିପାଇଁ ବହୁ କଷ୍ଟ କରିବାକୁ ପଡ଼ିଛି। ରଶିରେ ଜଣ ଜଣଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, କେନ୍ଦୁଝରର ସାତ ଜଣ ଯୁବକ ବୁଧବାର ମାଲ୍ୟଗିରି ପାହାଡ଼ରେ ଟ୍ରେକିଂ କରିବାକୁ ଯାଇଥିଲେ। ସେମାନେ ଖୁଲୁଡି ଶିବ ମନ୍ଦିରରୁ ଟ୍ରେକିଂ ଆରମ୍ଭ କରିଥିଲେ। ଦଳର ଚାରି ଜଣ ସଦସ୍ୟ ସୁରକ୍ଷିତ ଭାବରେ ଫେରି ଆସିଥିବା ବେଳେ ଅନ୍ୟ ତିନି ଜଣ ନିଖୋଜ ହୋଇଯାଇଥିଲେ। ଏହା ପରେ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ପାହାଡ଼ରେ ଗୋଟିଏ ପଥର ଉପରେ ଆଶ୍ରୟ ନେଇଥିଲେ ନିଖୋଜ ୩ ଯୁବକ। ବର୍ଷା ପାଗରେ ପାହାଡ଼ ଖସଡ଼ା ଥିବା ସହ ଅତି ତୀଖ ମଧ୍ୟ ଥିଲା। ପ୍ରାୟ ୩୦ ଫୁଟ ଉଚ୍ଚରେ ଯୁବକମାନେ ଥିଲେ। ସୌଭାଗ୍ୟବଶତଃ ମୋବାଇଲ ଫୋନ୍ କାମ କରିବାରୁ ସେମାନେ ୧୧୨କୁ ଫୋନ୍ କରି ଲୋକେସନ ବି ଶେୟାର କରିଥିଲେ। ଅଗ୍ନିଶମ ଟିମ୍ ବହୁ ପରିଶ୍ରମ କରି ସେମାନଙ୍କୁ ଉଦ୍ଧାର କରିଛନ୍ତି।

# ହୀରାକୁଦର ୧୦ ଗେଟ୍ ଖୋଲିଲା

## ନିଷ୍କାସିତ ହେଉଛି ଚଳିତବର୍ଷର ପ୍ରଥମ ବନ୍ୟାଜଳ, ମହାନଦୀ ଫୁଲୁଛି

**ସମ୍ବଲପୁର,୯।୭(ନି.ପ୍ର):** ହୀରାକୁଦ ଜଳଭଣ୍ଡାରର ୧୦ଟି ଗେଟ୍ ଖୋଲିଛି। ଗୁରୁବାର ୧୦ ଗେଟ୍ ଦେଇ ହୀରାକୁଦରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଛି। ପ୍ରଥମ ୪ଟି ଗେଟ୍ ଖୋଲିଥିଲା। ବାମପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ। ଏହା ପରେ ଆଉ ୬ଟି ଗେଟ୍ ଖୋଲିଥିଲା। ସୁରକ୍ଷା ପାଇଁ ମଧ୍ୟ ଡ୍ୟାମ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି।

ଗୁରୁବାର ପୂର୍ବାହ୍ନ ୧୧ଟାରେ ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ପାରମ୍ପରିକ ପୂଜାର୍ଚ୍ଚନା ପରେ ଖୋଲିଥିଲା ଗେଟ୍। ୪୮ ଘଣ୍ଟା ପରେ ହୀରାକୁଦର ବନ୍ୟାଜଳ ମୁଣ୍ଡଳୀରେ ପ୍ରବେଶ କରିବ। ଗୁରୁବାର ଅପରାହ୍ନ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୯୩ ଫୁଟ ରହିଥିଲା। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍। ଜଳଭଣ୍ଡାରକୁ ୧,୭୪,୧୮୧ କ୍ୟୁସେକ ପାଣି ପ୍ରବେଶ କରୁଛି। ତେଣୁ ଜଳ ନିଷ୍କାସନର ନିହାତି ଆବଶ୍ୟକତା ରହିଥିଲା। ମହାନଦୀର ଉପରମୁଣ୍ଡରେ ମଧ୍ୟ ବର୍ଷା ଫଳରେ ଜଳ ଭଣ୍ଡାରର ଜଳସ୍ତର ବଢୁଛି।



ସାଧାରଣତଃ ହୀରାକୁଦରୁ ଛଡ଼ାଯାଉଥିବା ବନ୍ୟାଜଳ ଖଇରମାଳ ଓ ବରମୁଳ ପହଞ୍ଚିବା ପାଇଁ ୧୨ରୁ ୧୬ ଘଣ୍ଟା ଲାଗିଯାଏ। ୪୮ ଘଣ୍ଟା ମଧ୍ୟରେ ଏହା ମୁଣ୍ଡଳିରେ ପହଞ୍ଚିଥାଏ। ଏଥିପାଇଁ ହୀରାକୁଦ ଗେଟ୍ ଖୋଲିବା ପୂର୍ବରୁ ସେଠାରେ ସତର୍କ ସୂଚନା ଜାରି କରାଯାଇଛି।

## ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସଜବାଜ

**ଭୁବନେଶ୍ୱର,୯।୭(ନି.ପ୍ର):** ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ସଜବାଜ, ଆଗୁଆ ପ୍ରସ୍ତୁତି। ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି ରାଜ୍ୟ ନିର୍ବାଚନ କମିଶନ। ଆସନ୍ତା ୨୧ ତାରିଖରେ ଏହି ବୈଠକ ଓଏସ୍‌ଡବ୍ଲ୍ୟୁଏନ୍ ପ୍ଲାଟଫର୍ମରେ ହେବ। ବୈଠକରେ ସାମିଲ ହେବା ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଡୋର୍ ଟୁ ଡୋର୍ ସର୍ଭେ ଉପରେ ସମୀକ୍ଷା ହେବ। ଡିସି ବିଲ୍ ଓ ୟୁଟିଲାଇଜେସନ ସାର୍ଟିଫିକେଟ୍ ଉପରେ ବି ହେବ ଆଲୋଚନା। ସୂଚନା ଅନୁଯାୟୀ, ୨୧ ତାରିଖରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଭିଡିଓ କନ୍‌ଫେରେନ୍ସ ଅନୁଷ୍ଠିତ ହେବ। ବୈଠକରେ ୨୦୨୭ ନିର୍ବାଚନକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ସ୍ଥାନୀୟ କାଉନ୍‌ସିଲଗୁଡ଼ିକର ବୁଥ୍‌ଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ସର୍ଭେର ରୂପରେଖା ଓ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବ। ୨୦୨୨ ସହରାଞ୍ଚଳ ସ୍ଥାନୀୟ କାଉନ୍‌ସିଲ ନିର୍ବାଚନ ସମ୍ବନ୍ଧୀୟ ବକେୟା ଡିସି ବିଲ୍ ଓ ଉପଯୋଗ ପ୍ରମାଣପତ୍ର ଦାଖଲର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯିବ। ଏହି ବକେୟା କାଗଜପତ୍ରର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯିବ ଜିଲ୍ଲା ପ୍ରଶାସନକୁ।

**ଉଚ୍ଚସ୍ତରୀୟ ବୈଠକ ଡାକିଲେ ରାଜ୍ୟ ନିର୍ବାଚନ କମିଶନ**

## କପଡ଼ା ଗାଡି ଭିତରୁ ୧୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୮ ଗିରଫ

**ବଲାଙ୍ଗୀର,୯।୭(ନି.ପ୍ର):** ରାଜ୍ୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚୋରା ଗଞ୍ଜେଇ ଚାଲାଣ ଉପରେ ତୀକ୍ଷ୍ଣ ନଜର ରହିଛି। ଚୋରା ଗଞ୍ଜେଇ ଜବତ ସହ ଗଞ୍ଜେଇ ମାଫିଆଙ୍କୁ ମଧ୍ୟ ଗିରଫ କରାଯାଉଛି। ଗଞ୍ଜେଇ ମାଫିଆ ମଧ୍ୟ ଅଭିନବ ଉପାୟରେ ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି। ବଲାଙ୍ଗୀର ଜିଲ୍ଲାରେ ଏକ କପଡ଼ା ଗାଡ଼ି ଭିତରେ ଜବତ କରାଯାଇଛି ୧୩ କ୍ୱିଣ୍ଟାଲ ଗଞ୍ଜେଇ। ଗାଡ଼ିରେ କପଡ଼ା ଲଦା ହୋଇଥିଲା ଏବଂ କପଡ଼ା ଭିତରେ ରହିଥିଲା ଗଞ୍ଜେଇ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୫୦ ଲକ୍ଷ ଟଙ୍କାରୁ ଅଧିକ ହେବ। ଏହି ମାମଲାରେ ୮ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ମହିଳା ବି ରହିଛନ୍ତି। ଚୋରା ଗଞ୍ଜେଇ କନ୍ଧମାଳ ବାଲିଗୁଡ଼ାରୁ ଦିଲ୍ଲୀକୁ ଚାଲାଣ ହେଉଥିଲା।

### ମୋଦୀ-ଆଲବାନିଜ ଦ୍ୱିପାକ୍ଷିକ ବୈଠକ

# ଭାରତକୁ ୟୁରାନିୟମ୍ ଦେବ ଅଷ୍ଟ୍ରେଲିଆ

## ପ୍ରତିରକ୍ଷା, ମହାକାଶ ଓ ଏଆଇ କ୍ଷେତ୍ରରେ ବଢ଼ିଲା ସହଯୋଗ

**ମେଲବୋର୍ଣ୍ଣ,୯।୭(ଏଜେନ୍ସି):** ତ୍ରିରାଷ୍ଟ୍ର ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆରୁ ଅଷ୍ଟ୍ରେଲିଆ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମୋଦୀ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିଜଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଦୁଇ ନେତା ମଧ୍ୟ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ୟୁରାନିୟମ ଚୁକ୍ତି ସ୍ୱାକ୍ଷରିତ ହୋଇଛି।



ମୋଦୀ ଓ ଆଲବାନିଜଙ୍କ ଉପସ୍ଥିତିରେ ୟୁରାନିୟମ୍ ଯୋଗାଣକୁ ନେଇ ଦୁଇ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମେଲବୋର୍ଣ୍ଣରେ ଆୟୋଜିତ ଦ୍ୱିପାକ୍ଷିକ ବୈଠକ ପରେ ଦୁଇ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରତିରକ୍ଷା, ବାଣିଜ୍ୟ, ଶକ୍ତି, ମହାକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଅନେକ ସହଯୋଗୀ ଚୁକ୍ତି ଘୋଷଣା କରିଛନ୍ତି। ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ଓ ଅଷ୍ଟ୍ରେଲିଆ ମିଳିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ କରିଡର ବିକଶିତ କରିବେ। କୋକୋସ୍ (କିଲିଂ) ଦ୍ୱୀପପୁଞ୍ଜରେ ଏକ ମହାକାଶ ଟ୍ରାକିଂ ଟର୍ମିନାଲ ସ୍ଥାପନ କରାଯିବ, ଯାହା ଭାରତର ଗଗନଯାନ ମିଶନ ପାଇଁ ସହାୟକ ହେବ। ମୋଦୀ ମଧ୍ୟ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ଅଷ୍ଟ୍ରେଲିଆର ନୀତିକୁ ପ୍ରଶଂସା କରିଛନ୍ତି। ମେଲବୋର୍ଣ୍ଣରେ ପ୍ରାୟ ୩୦,୦୦୦ ଭାରତୀୟ ସମୁଦାୟର ସଦସ୍ୟଙ୍କୁ ବି ସମ୍ବୋଧନ କରିଛନ୍ତି।

ଏହି ଚୁକ୍ତି ପରେ ଅଷ୍ଟ୍ରେଲିଆ ଭାରତକୁ ୟୁରାନିୟମ୍ ଯୋଗାଣ କରୁଥିବା ପଞ୍ଚମ ଦେଶ ହୋଇଛି। **(ପୃଷ୍ଠା:୫)**

# ବିକଶିତ ଭାରତ ଗଠନରେ ଯୁବ ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ଉପରାଷ୍ଟ୍ରପତି

**ଭୁବନେଶ୍ୱର ୯।୭(ନି.ପ୍ର):** ଜଟଣୀସ୍ଥିତ ନାଇଜର କ୍ୟାମ୍ପସରେ ୧୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରାଷ୍ଟ୍ରପତି ସି ପି ରାଧାକ୍ରିଷ୍ଣନ କହିଛନ୍ତି, ଆଜି ମହାନ ବୈଜ୍ଞାନିକ ହୋମି ଭାଭା ଆମ ଗହଣରେ ନାହାନ୍ତି ସତ, କିନ୍ତୁ ଆଜି ମୁଁ ମୋ ସମ୍ମୁଖରେ ଶତାଧିକ ହୋମି ଭାଭାଙ୍କୁ ବସିଥିବା ଦେଖିପାରୁଛି। କେବଳ ଗବେଷଣା ନୁହେଁ, ବରଂ ଜାତୀୟ ସୁରକ୍ଷା ଓ ଦୀର୍ଘସ୍ଥାୟୀ ବିକାଶ ପ୍ରତି ନାଇଜରର ଅଙ୍ଗୀକାରବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଥିବା ବେଳେ ବିଜ୍ଞାନର ସାମର୍ଥ୍ୟ ହିଁ ଏହାର ସ୍ଥାୟୀ ସମାଧାନ ବାହାର କରିପାରିବ।



**ନାଇଜରର ୧୫ତମ ସମାବର୍ତ୍ତନ ଉତ୍ସବ**

ଉପରାଷ୍ଟ୍ରପତି କହିଛନ୍ତି, ବୈଜ୍ଞାନିକ ଦକ୍ଷତା ଏବେ କୌଣସି ବିକଳ୍ପ ନୁହେଁ, ବରଂ ଏହା ଆମ ପ୍ରଗତିର ମୂଳଦୁଆ। ଛାତ୍ର ଛାତ୍ରୀ ନିଜ ଭିତରେ ଥିବା ଜିଜ୍ଞାସାକୁ ସଦାସର୍ବଦା ଜାଗ୍ରତ ରଖି ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା ସହ ନିଜ ଜ୍ଞାନକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବା ଆବଶ୍ୟକ। **(ପୃଷ୍ଠା:୫)**



# ଚର୍ଚ୍ଚାରେ ପିସି



ବଲିଉଡ୍‌ରୁ ହଲିଉଡ୍ ପର୍ଯ୍ୟନ୍ତ ରାଜ୍ କରୁଥିବା ପ୍ରିୟଙ୍କା ଚୋପ୍ରା ବେଶ୍ ଆତ୍ମବିଶ୍ୱାସୀ। କାମରେ ହେଉ କି ପୋଷାକ ସେ ସର୍ବଦା ନିଜକୁ ଦୃଢ ଭାବରେ ପ୍ରଦର୍ଶିତ କରିଥାନ୍ତି। ଫ୍ୟାଶନ କଥା ଆସିଲେ ସେ ଅତୁଳନୀୟ। ନିକଟରେ ପ୍ରିୟଙ୍କା ପ୍ୟାରିସରେ ହାଉଟ କାଉଚର ସପ୍ତାହ ଶରତ/ଶୀତ ୨୦୨୬-୨୭ରେ ଯୋଗ ଦେଇଥିଲେ। ସେ ଏକ କମଳା ରଙ୍ଗର ଡାୟୋର୍ ଡ୍ରେସ ପିନ୍ଧିଥିଲେ। ଏହି ପୋଷାକ ତାଙ୍କୁ ଏତେ ସୁନ୍ଦର ଭାବରେ ଶୁଟ୍ କରିଥିଲା ଯେ, ଯିଏ ଏହି ଲୁକ୍ ଦେଖିଲା ସେ ପ୍ରତିକ୍ରିୟା ନଦେଇ ରହିପାରିନଥିଲେ।

ଏହି ଫ୍ୟାଶନ ଇଭେଣ୍ଟ ପାଇଁ ସେ 'ଡାୟୋର୍ କ୍ରୁଜ ୨୦୨୭' କଲେକ୍ସନରୁ ଏକ କମଳା ମିଡି ଡ୍ରେସ ବାଛିଥିଲେ। ସେ ଏହି ପୋଷାକରେ ଆହୁରି ଗ୍ଲାମରସ ଏବଂ ସୁନ୍ଦର ଦେଖାଯାଉଥିଲେ। ସେ ତାଙ୍କ ସ୍ୱାମୀ ତଥା ପପ୍ ଷ୍ଟାର ନିକ ଜୋନସ ସହିତ ଏହି କାର୍ଯ୍ୟକ୍ରମରେ ପହଞ୍ଚିଥିଲେ।

ପ୍ରିୟଙ୍କା ନିକଟରେ ହଲିଉଡ ଫିଲ୍ମ 'ଦି ବ୍ଲଫ' ପାଇଁ ଚର୍ଚ୍ଚାରେ ଥିଲେ। ଏଥିରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମଟିକୁ ଦର୍ଶକଙ୍କଠାରୁ ମିଶ୍ରିତ ପ୍ରତିକ୍ରିୟା ମିଳିଥିଲା। 'ଦେଶୀ ଗାର୍ଲ' ମଧ୍ୟ ଦୀର୍ଘଦିନ ପରେ ଭାରତୀୟ ସିନେମାକୁ ଫେରିବାକୁ ଯାଉଛନ୍ତି। ସେ ଏସ୍ ଏସ୍ ରାଜାମୌଲିଙ୍କ ପ୍ୟାନ-ଇଣ୍ଡିଆ ଫିଲ୍ମ 'ବାରାଣସୀ'ରେ ମହେଶ ବାବୁଙ୍କ ସହ ଅଭିନୟ କରିବାକୁ ଯାଉଛନ୍ତି। ଏହାସହ ସେ ପ୍ରାଇମ ଭିଡିଓ ସିରିଜ 'ସିଟାଡେଲ ସିଜିନ ୨'ରେ ମଧ୍ୟ ଦେଖାଯିବେ। ଏହା ସହିତ ତାଙ୍କର 'ହେଡ୍ସ ଅଫ୍ ଷ୍ଟେଟ' ଏବଂ 'ରିସେଟ' ଭଳି ହଲିଉଡ ପ୍ରୋଜେକ୍ଟ ଲାଇନରେ ଅଛି।

## ସୁସ୍ଥ ଓ ସୁନ୍ଦର କେଶ ପାଇଁ

# ଦେଶୀ ଘିଅ ମାସ୍କ

**କେଶ ଝଡ଼ିବା ଏବେ ଏକ ସାଧାରଣ ସମସ୍ୟା। ଏହାର ମୁଖ୍ୟ କାରଣ ହେଉଛି ପ୍ରଦୂଷଣ ଏବଂ ପୋଷକ ତତ୍ତ୍ୱର ଅଭାବ। ପୁରୁଷଙ୍କଠାରୁ ଆରମ୍ଭ କରି ମହିଳା ପର୍ଯ୍ୟନ୍ତ ସମସ୍ତେ ଏହି ସମସ୍ୟାର ଶିକାର। ତେବେ କେଶ ଝଡ଼ିବା, ରୁକ୍ଷ ହେବା କିମ୍ବା ଅନ୍ୟ ସମସ୍ୟାରୁ ମୁକ୍ତି ପାଇଁ ବଜାରରେ ଅନେକ ସାମଗ୍ରୀ ମିଳୁଛି। କିନ୍ତୁ ଏହି କେମିକାଲଯୁକ୍ତ ସାମଗ୍ରୀ ପାର୍ଶ୍ୱ ପ୍ରତିକ୍ରିୟାରେ ଭରପୂର। ଏମିତିରେ ପ୍ରାକୃତିକ ଉପାୟରେ କେଶ ସମସ୍ୟାରୁ ମୁକ୍ତି ପାଇବା ଏକ ସୁରକ୍ଷିତ ଉପାୟ। ଏହିପରି ଏକ ଘରୋଇ ଉପାୟ ହେଉଛି ଦେଶୀ ଘିଅରେ ପ୍ରସ୍ତୁତ ହେୟାର ମାସ୍କ...**



### ମାସ୍କ ତିଆରି କରିବା ବିଧି :

ଏହି ହେୟାର୍ ମାସ୍କ ତିଆରି କରିବା ପାଇଁ ଆବଶ୍ୟକ ଶୁଦ୍ଧ ଦେଶୀ ଘିଅ, ଗୋଟିଏ ଲେମ୍ବୁ, ଏଲୋବେରା ଜେଲ୍ ଏବଂ ନଡିଆ ତେଲ। ପ୍ରଥମେ ଗୋଟିଏ ପାତ୍ରରେ ସମାନ ପରିମାଣର ଘିଅ ଏବଂ ନଡିଆ ତେଲ ଭଲ ଭାବରେ ମିଶାନ୍ତୁ। ଏବେ ଏଥିରେ ଏକ ଚାମଚ ଲେମ୍ବୁ ରସ ଏବଂ ଏକ ଚାମଚ ଏଲୋବେରା ବା ଘିକୁଆଁରୀ ରସ ମିଶାନ୍ତୁ।

### କେମିତି କରିବେ ବ୍ୟବହାର :

ଏହି ମାସ୍କ ବ୍ୟବହାର କରିବା ପୂର୍ବରୁ କେଶକୁ ଭଲ ଭାବରେ କୁଣ୍ଡାନ୍ତୁ । ଏବେ ଏହି ମିଶ୍ରଣକୁ ଭଲ ଭାବରେ କେଶରେ ଲଗାନ୍ତୁ। କେଶ ମୂଳରେ ମଧ୍ୟ ଭଲ ଭାବରେ ମାଲିସ୍ କରନ୍ତୁ। ଏହି ମିଶ୍ରଣକୁ ଲଗାଇବା ପରେ ପ୍ରାୟ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ଥଣ୍ଡା ପାଣିରେ କେଶକୁ ଧୋଇଦିଅନ୍ତୁ। ଏହା ଏକ ପ୍ରାକୃତିକ କଣ୍ଡିସନର ଭାବରେ କାମ କରିବ। ତେଣୁ କେଶ ଧୋଇବା ପରେ ଅନ୍ୟ କଣ୍ଡିସନର୍ ବ୍ୟବହାର କରିବା ଆବଶ୍ୟକ ପଡିବ ନାହିଁ।

### କ'ଣ ମିଳିବ ଫାଇଦା:

ଏହି ମାସ୍କ ଲଗାଇବା ଦ୍ୱାରା ଦୋମୁଁହା କେଶରୁ ମୁକ୍ତି ମିଳିଥାଏ। ଏହାସହ ସମୟ ପୂର୍ବରୁ କେଶ ଧଳା ହେବାରୁ ବଞ୍ଚିଥାଏ। ଘିଅର ମାସ୍କ ଲଗାଇବା ଦ୍ୱାରା କେଶ ମୂଳରେ ସଂକ୍ରମଣ ହୋଇନଥାଏ। ତେଣୁ ସପ୍ତାହରେ ପ୍ରାୟ ଦୁଇ ଥର ଏହି ମାସ୍କ ବ୍ୟବହାର କରିବା ଉଚିତ୍।

## ଗୃହିଣୀଙ୍କ ପାଇଁ...

- ବିରିୟାନୀ କିମ୍ବା ପଲାଉ କରିବା ସମୟରେ ପିଆଜ ଜଲ୍‌ଦି ଫ୍ରାଏ ହେବା ଲାଗି ସେଥିରେ ଅଳ୍ପ ପରିମାଣରେ ଚିନି ପକାନ୍ତୁ, ଦେଖିବେ ପିଆଜ ଶୀଘ୍ର ଫ୍ରାଏ ହେବା ସହ କ୍ରିସ୍ପି ହୋଇଥାଏ।
- ଅଦାକୁ ଛୁରି ସାହାଯ୍ୟରେ ଚୋପା ଛଡ଼ାଇବା ଲାଗି ସମୟ ଲାଗିଥାଏ, ଏଥିଲାଗି ଚାମଚ ଦ୍ୱାରା ଚୋପା ଜଲ୍‌ଦି ଛାଡ଼ିଥାଏ।
- ରସୁଣ ପେଷ୍ଟକୁ ଯଦି ଫ୍ରିଜ୍‌ରେ ରଖୁଥାନ୍ତି ତେବେ ଏଥିରେ ତେଲ ମିଶାଇ ରଖନ୍ତୁ, ଏହା କିଛିଦିନ ପର୍ଯ୍ୟନ୍ତ ଭଲ ରହିବ।
- ଡାଲି, ଚାଉଳ ଏବଂ ଡ୍ରାଏ ଫ୍ରୁଟ୍ସରେ ପୋକ ଲାଗିବାର ଦେଖାଯାଏ। ଏହା ଦୂର କରିବାକୁ ହେଲେ ନିମ୍ବପତ୍ରକୁ ଶୁଖାଇ ଡବା ଭିତରେ ରଖି ଦିଅନ୍ତୁ, ଏହା ଭଲ ରହିବ।

## ରକ୍ତଚାପ ଦୂର କରେ

# ସୂର୍ଯ୍ୟଭେଦ ପ୍ରାଣାୟମ



ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ିକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବହିର୍ମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ।

- ଏକ ଆରାମଦାୟକ ଧ୍ୟାନାସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଜ୍ଞାନ ମୁଦ୍ରାରେ ରଖନ୍ତୁ।
- ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢିଲା କରନ୍ତୁ।
- ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ।
- ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ।
- ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ।
- ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ।
- ମୂଳବନ୍ଧ ଛାଡ଼ିଦିଅନ୍ତୁ, ତା'ପରେ ଜଳନ୍ଧର ବନ୍ଧ ଛାଡ଼ିବେ।
- ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ।

**ଅବଧି:** ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

**ସାବଧାନତା:** ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ। କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ। ୩୦ ମିନିଟ୍‌ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ। ହୃଦ୍‌ରୋଗ, ରକ୍ତଚାପ ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

## ବାରମ୍ବାର ଚୁଟି କଲର୍

# ହୋଇପାରେ କିଡ୍‌ନୀ ରୋଗ



**ଆଜିର ସମୟରେ ସମସ୍ତେ ନିଜ ପ୍ରିୟ ଅଭିନେତା ତଥା ଅଭିନେତ୍ରୀଙ୍କ ପରି ଦେଖାଯିବାକୁ ଚାହାନ୍ତି। ହିରୋଇନଙ୍କ ପରି ଦେଖାଯିବା ପାଇଁ ସେମାନଙ୍କର ଫ୍ୟାଶନ ଏବଂ ସୌନ୍ଦର୍ଯ୍ୟ ଟିପ୍ସକୁ ଅନୁସରଣ କରନ୍ତି। ଏହି ବିୟୁଟି ଟିପ୍ସରେ ଚୁଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥାଏ। ସେଲିବ୍ରିଟିଙ୍କ ପରି ଦେଖାଯିବାକୁ ଚୁଟିକୁ ରଙ୍ଗବେରଙ୍ଗ କରି କଲର୍ କରନ୍ତି ଯୁବପିଢ଼ି। ବାରମ୍ବାର ଚୁଟି କଲର୍ କରିବା କେତେ କ୍ଷତିକାରକ ଆସନ୍ତୁ ଜାଣିବା....**

କିଛିଦିନ ପୂର୍ବରୁ ଚୀନରେ ଏକ ଏମିତି ଘଟଣା ଘଟିଥିଲା ଯାହା ସେଠାକାର ଯୁବପିଢ଼ିଙ୍କୁ ଭୟଭୀତ କରିଥିଲା। ଜଣେ ୨୦ ବର୍ଷୀୟା ଝିଅ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି ଦେଖାଯିବା ପାଇଁ କେମିତି ଚୁଟି ରଙ୍ଗ କରି କିଡନୀ ରୋଗରେ ପୀଡ଼ିତ ହେଲେ ତାହା ସମସ୍ତଙ୍କୁ ଚକିତ କରିଥିଲା। ଯେତେବେଳେ ଶରୀରରେ ସମସ୍ୟା ସୃଷ୍ଟି ହେଲା ଝିଅଟି ଡାକ୍ତରଖାନାକୁ ଯାଇଥିଲେ ସେଠାରେ ତାଙ୍କର କିଡ୍‌ନୀ ଖରାପ ଥିଲା ବୋଲି ଜଣାପଡ଼ିଥିଲା। ହୁଆ ନାମକ ୨୦ ବର୍ଷୀୟ ଯୁବତୀ ପ୍ରତି ମାସରେ ସାଲୁନକୁ ଯାଇ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି କେଶ ରଙ୍ଗ କରୁଥିଲେ। କିଛି ସମୟ ପରେ ସେ ପେଟ ଏବଂ ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ହେଲେ। ତାଙ୍କ ଗୋଡ଼ରେ ଲାଲ ଦାଗ ହେବାକୁ ଲାଗିଲା। ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଗଲେ ତାଙ୍କୁ କିଡନୀ ରୋଗ ହୋଇଥିବା ଜଣାପଡ଼ିଲା। ଚୀନର ଝେଙ୍ଗଝୋ ପିପୁଲ୍ସ ହସ୍ପିଟାଲର ଡାକ୍ତର ତାଓ ଚେନୟାଙ୍ଗ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥାକୁ ପ୍ରତିକ୍ରିୟା ଦେଇ କହିଥିଲେ, ବାରମ୍ବାର କେଶ ରଙ୍ଗ କରିବା ଦ୍ୱାରା ଶରୀରରେ ମୁଣ୍ଡ ମାଧ୍ୟମରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ ଯାହା ଫୁସଫୁସ୍ ଏବଂ କିଡନୀକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ। ବଜାରରେ ମିଳୁଥିବା ଅନେକ ରଙ୍ଗ ଏବଂ ରଙ୍ଗରେ ସୀସା ଓ ପାରଦ ଭଳି ବିପଜ୍ଜନକ ଉପାଦାନ ରହିଛି। କୋରିଆନ୍ ପପ୍ ଷ୍ଟାରଙ୍କୁ ଫଲୋ କରି ଝିଅଟି ନିଜ ଲୁକ୍ ଏବଂ ପ୍ରମୋଶନ୍ ପାଇଁ କେଶର ରଙ୍ଗ ପରିବର୍ତ୍ତନ କରୁଥିଲେ। ଏହା ପୂର୍ବରୁ ଆମେରିକାରେ ପୂର୍ବତନ ହେୟାର ଷ୍ଟାଇଲିଷ୍ଟ ହେକ୍ଟର କର୍ଭେରା ଲସ୍ ଆଞ୍ଜେଲସରେ ୧୦ଟି କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଥିଲେ। ସେ ଦାବି କରିଥିଲେ ଯେ ଚୁଟି ରଙ୍ଗ କରିବା ପରେ ତାଙ୍କୁ କର୍କଟ ରୋଗ ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥର ସଂସ୍ପର୍ଶରେ ଆସିବା ଯୋଗୁ ତାଙ୍କୁ ମୂତ୍ରାଶୟ କର୍କଟ ରୋଗ ହୋଇଥିଲା। ତେବେ ଆପଣ ବି ଯଦି ବାରମ୍ବାର କେଶକୁ ରଙ୍ଗ କରୁଛନ୍ତି ତେବେ ଏହି ଟିପ୍ସଗୁଡ଼ିକ ମନେ ରଖନ୍ତୁ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ ନାହିଁ।

### ଧ୍ୟାନ ଦିଅନ୍ତୁ

- ରଙ୍ଗ ଲଗାଇବା ପୂର୍ବରୁ ସବୁବେଳେ ଏକ ପ୍ୟାଚ୍ ପରୀକ୍ଷା କରନ୍ତୁ। ଏହି ପରୀକ୍ଷାରେ ଚୁଟିର ଏକ ଛୋଟ ସ୍ଥାନରେ ରଙ୍ଗ ଲଗାନ୍ତୁ ଏବଂ ଯାଞ୍ଚ କରନ୍ତୁ ।
- ଚୁଟି ରଙ୍ଗ କରିବା ପୂର୍ବରୁ ତୁରନ୍ତ ଧୋଇବା ଉଚିତ୍ ନୁହେଁ। କାରଣ ଏହା କେଶରେ ଥିବା ପ୍ରାକୃତିକ ତେଲକୁ ରାସାୟନିକ ପଦାର୍ଥରୁ ରକ୍ଷା କରିଥାଏ।
- ସବୁବେଳେ ଆମୋନିଆମୁକ୍ତ ଏବଂ ପାରାବେନ୍‌ମୁକ୍ତ କଲର୍ ବ୍ୟବହାର କରନ୍ତୁ। ଶସ୍ତା ବ୍ରାଣ୍ଡର କଲର କିଣି ଚୁଟି ସହିତ ସ୍ୱାସ୍ଥ୍ୟକୁ ମଧ୍ୟ ଖରାପ କରନ୍ତୁ ନାହିଁ।
- ଯଦି କେଶ ପୂର୍ବରୁ ବହୁତ ଶୁଷ୍କ କିମ୍ବା ଡ୍ୟାମେଜ୍ ହୋଇଛି ତେବେ ପ୍ରଥମେ ଡିପ୍ କଣ୍ଡିସନିଂ କରନ୍ତୁ କିମ୍ବା ଚୁଟି ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ତା'ପରେ ହିଁ କେଶକୁ ରଙ୍ଗ କରିବା ବିଷୟରେ ଚିନ୍ତା କରନ୍ତୁ।

## କିପରି କଟିବ ଆଜିର ଦିନ

୧୦ ଜୁଲାଇ ୨୦୨୬

**ମେଷ:** କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ । ସାହିତ୍ୟ, ସାମ୍ବାଦିକତା, ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ:** ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନି। ପିଲାଙ୍କର ସମସ୍ୟାକୁ ନେଇ ବିବ୍ରତ ହୋଇପାରନ୍ତି। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କମିଯିବାର ସୂଚନା ରହିଛି।

**ମିଥୁନ:** ଯୁକ୍ତିଯୁକ୍ତ କଥା କହି ଅର୍ଥ ଓ ସମ୍ମାନ ଲାଭ କରିବେ। ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ କ୍ରମଶଃ କମିବ ଓ ମିତ୍ରଙ୍କ ସହ ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କର୍କଟ:** ଆନୁଷ୍ଠାନିକ କାମରେ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି। ଘରଭଡ଼ାକୁ ନେଇ ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

**ସିଂହ:** କର୍ତ୍ତବ୍ୟର ଦ୍ୱାହି ଦେଇ ଅନ୍ୟ ପାଇଁ କଷ୍ଟ ସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ କାରଣ ନଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି ।

**କନ୍ୟା:** ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଛାତ୍ରଛାତ୍ରୀ ପାଠ ପ୍ରତି ଆଗ୍ରହୀ ହେବେ।

**ତୁଳା:** ସନ୍ତାନଙ୍କ ବେଖାତିର କାମ ଯୋଗୁ ମାନସିକ ସ୍ଥିରତା ହରାଇବେ। କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟା ଦେଖାଦେଇପାରେ। ବୃହସ୍ପତିଙ୍କ ଦୃଷ୍ଟିରୁ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ବିଛା:** ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ବନ୍ଧୁଙ୍କ ଆନ୍ତରିକତା ହରାଇପାରନ୍ତି ।

**ଧନୁ:** ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟରେ ଲାଭ ପାଇବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ମହିଳାମାନେ କର୍ମତତ୍ପର ହେବେ।

**ମକର:** ପଡ଼ୋଶୀଙ୍କ ଦ୍ୱାରା ଘରୋଇ ବ୍ୟାପାରରେ ହସ୍ତକ୍ଷେପ ମାଧ୍ୟମରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିବେ। ଘରେ ବନ୍ଧୁ ମିଳନରେ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କୁମ୍ଭ:** ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମୀନ:** କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

## ଅଘଟଣରୁ ଅଳ୍ପକେ ବର୍ତ୍ତିଲେ କୁନି ଛାତ୍ର

ବଲାଙ୍ଗିର, ୯।୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ସହରର ରାଣୀସତୀ ମନ୍ଦିର ଯିବା ରାସ୍ତାରେ ଥିବା ବଡ଼ ଡ୍ରେନ ସାମ୍ନାରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ସେଠାରେ ପାଠପଢ଼ି ସାରି ଆସୁଥିବା ବେଳେ ଜଣେ ଛୋଟ ଛାତ୍ର ହଠାତ୍ ଖୋଲା ଡ୍ରେନ୍‌ରେ ପଡିଯାଇଥିଲେ। ପଡ଼ାର ଲୋକେ ତୁରନ୍ତ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଅଳ୍ପକେ ବଡ଼ ଦୁର୍ଘଟଣାରୁ ଟଳିଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦ ରୁ ୨୫ ଦିନ ହେବ ଏହି ଡ୍ରେନ୍ ଖୋଲା ପଡିରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ଛୋଟ ଛୁଆଟିର ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳିଛି। ଘଟଣା ପରେ ପଡ଼ାବାସୀ ତୁରନ୍ତ ଡ୍ରେନ୍ ମରାମତି ଓ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଯୁବତୀଙ୍କ ଆତ୍ମହତ୍ୟା

ଖୁଣ୍ଟା,୯।୭(ନି.ପ୍ର): ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତ ସିମଳାବନ୍ଧ ଗ୍ରାମ ବନ୍ଧସାହିର ବୁଧବାର ଜଣେ ଯୁବତୀ ବେକରେ ଶାଢୀ ବାନ୍ଧି ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଊର୍ମିଳା ସୋରେନ (୧୯)। ପରିବାର ଲୋକେ ଘରେ ନଥିବା ବେଳେ ସେ ଆତ୍ମହତ୍ୟାର ରାସ୍ତା ବାଛି ନେଇଥିଲେ। ତେବେ ମଧ୍ୟାହ୍ନରେ ତାଙ୍କ ଭାଇ ଘରକୁ ଫେରିବା ବେଳକୁ ଘର ମଧ୍ୟରେ ଭଉଣୀ ଝୁଲୁ ଥିବାର ଦେଖି ପୋଲିସକୁ ଖବର ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଊର୍ମିଳାଙ୍କୁ ଖୋଲା ଯାଇ ଉଦଳା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ଊର୍ମିଳାଙ୍କ ଆତ୍ମହତ୍ୟାର ସଠିକ କାରଣ ଜଣାପଡି ନାହିଁ।

## ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କଲେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା

ସମ୍ବଲପୁର, ୯।୭ (ନି.ପ୍ର): ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଗୁରୁବାର ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ର ନବନିଯୁକ୍ତ ଅଧ୍ୟକ୍ଷା ଓ ସଦସ୍ୟମାନେ ସୌଜନ୍ୟ ସାକ୍ଷାତ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇ ଥିଲେ। ଏହି ଅବସରରେ ଜିଲ୍ଲାରେ ଶିଶୁ ସୁରକ୍ଷା, କଲ୍ୟାଣ ଏବଂ ଅଧିକାର ସମ୍ବନ୍ଧୀୟ



ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ପ୍ରଥା ଏବଂ ଅବହେଳିତ, ନିର୍ଯାତିତ ଓ ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ଚିହ୍ନଟ, ପୁନର୍ବାସ ଓ ଶିକ୍ଷାର ସୁନିଶ୍ଚିତତା ଦିଗରେ ସିଡବ୍ଲୁସି ସଦସ୍ୟମାନେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ। ପ୍ରତ୍ୟେକ ଶିଶୁର ସୁରକ୍ଷା ଓ ଅଧିକାର ରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ କହିଥିଲେ। ଏଥିପାଇଁ ପ୍ରଶାସନ, ପୁଲିସ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସାମାଜିକ ସଂଗଠନ ମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ।

# ହସ୍ତତନ୍ତ ଶାଢ଼ି ଓ ପାରମ୍ପରିକ ପୋଷାକ ସ୍ୱତନ୍ତ୍ର ବିକ୍ରି ଘୋଷଣା



ଭୁବନେଶ୍ୱର, ୯।୭ (ନି.ପ୍ର): ଟାଟା ଉତ୍ପାଦ 'ତନେଇରା' ପକ୍ଷରୁ ସେଲ୍ ଘୋଷଣା କରାଯାଇଛି। ଏହା ଗ୍ରାହକଙ୍କୁ ଅବିଶ୍ୱସନୀୟ ଦରରେ ହସ୍ତତନ୍ତ ଶାଢ଼ି ଓ ପୋଷାକ କିଣିବାର ସୁଯୋଗ ପ୍ରଦାନ କରୁଛି। ୨୦୨୬ ଜୁଲାଇ ୧ରୁ ଆରମ୍ଭ ଏ ସେଲ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଚାଲିବ। ଏହି ସେଲ୍ ମାଧ୍ୟମରେ ଗ୍ରାହକ ତନେଇରା ଷ୍ଟୋର୍ ଓ ଅନ୍‌ଲାଇନ୍‌ରେ ବଛା ବଛା ଶାଢ଼ି ଉପରେ ୪୦% ପର୍ଯ୍ୟନ୍ତ ରିହାତି ଏବଂ କୁର୍ତ୍ତା ଓ କୁର୍ତ୍ତା ସେଟ୍ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ସେଲ ଗ୍ରାହକଙ୍କୁ ସମଗ୍ର ଋତୁରେ ବିବାହ, ପାର୍ବଣ ଏବଂ ଅନ୍ୟାନ୍ୟ ସେଲିବ୍ରେଶନ୍ ପାଇଁ କାଳଜୟୀ ପୋଷାକରେ ନିବେଶ କରିବା ପାଇଁ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ଭାରତର ସମୃଦ୍ଧ ବୟନ ଐତିହ୍ୟକୁ ପାଳନ କରିବା ପାଇଁ ପରିଚିତ ତନେଇରା ଦେଶର ବିଭିନ୍ନ ପ୍ରସିଦ୍ଧ ବୟନ କ୍ଲଷ୍ଟରରୁ ସଂଗୃହିତ ହସ୍ତତନ୍ତର ଏକ ବ୍ୟାପକ ସଂଗ୍ରହକୁ ଏକାଠି ଆଣିଛି। ଏହି ସେଲ୍‌ରେ ବ୍ରାଣ୍ଡର ବିଭିନ୍ନ ପ୍ରମୁଖ ଶାଢ଼ି କଲେକ୍ସନକୁ ଉପଲବ୍ଧ କରାଯାଇଛି। ଏଗୁଡ଼ିକ ହେଲା କାଞ୍ଜିବରମ୍, ବନାରସୀ, ସାଉଥ୍ ସିଲ୍କ, ଟସର, ଜାମଦାନୀ, ସମ୍ବଲପୁରୀ, ଇକତ୍, ଚନ୍ଦେରୀ, ମାହେଶ୍ୱରୀ, କୋଟା ଦୋରିଆ ଇତ୍ୟାଦି। ପ୍ରତ୍ୟେକଟି ଶାଢ଼ି ଭିନ୍ନ ଭିନ୍ନ ବୟନ କ୍ଲଷ୍ଟରର ଅନନ୍ୟ ପରମ୍ପରାର ପ୍ରତିନିଧିତ୍ୱ କରୁଛି।

ଆଗାମୀ ମାସଗୁଡ଼ିକରେ ବିବାହ, ପାର୍ବଣ ଉତ୍ସବ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଉତ୍ସବ ପାଇଁ ଗ୍ରାହକ ପ୍ରସ୍ତୁତି ଆରମ୍ଭ କରୁଥିବାରୁ ତନେଇରାର ଏହି ସେଲ୍ ଶୁଦ୍ଧ ଓ ପ୍ରାକୃତିକ ଫ୍ୟାବ୍ରିକ୍ସରୁ ପ୍ରସ୍ତୁତ ତଥା ଚିନ୍ତନଶୀଳ ଭାବେ ତିଆରି ହୋଇଥିବା ହସ୍ତତନ୍ତ ଶାଢ଼ି ସହିତ ଅତିସୁନ୍ଦର କୁର୍ତ୍ତା, କୁର୍ତ୍ତା ସେଟ୍, ବ୍ଲାଉଜ୍ ଓ ଅନ୍‌-ଷ୍ଟିଚଡ୍ ପୋଷାକ ସମ୍ଭାର ମଧ୍ୟରୁ ନିଜ ପସନ୍ଦର ପୋଷାକ ଚୟନ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି।

# ୧୪ କୋଇଲା ଖଣିକୁ ମିଳିଲା 'ଷ୍ଟାର୍ ରେଟିଂ' ସମ୍ମାନ

ସମ୍ବଲପୁର, ୯।୭ (ନି.ପ୍ର): କେନ୍ଦ୍ର କୋଇଲା ମନ୍ତ୍ରଣାଳୟର 'ଷ୍ଟାର୍ ରେଟିଂ ଆୱାର୍ଡ'ରେ ମହାନଦୀ କୋଲ୍‌ଫିଲ୍‌ଡିସ ଲିମିଟେଡ୍ (ଏମ୍‌ସିଏଲ୍) ଏକ ବଡ଼ ସଫଳତା ହାସଲ କରିଛି। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ କମ୍ପାନୀର ମୋଟ ୧୪ଟି କୋଇଲା ଖଣିକୁ ସମ୍ମାନଜନକ 'ଷ୍ଟାର୍ ରେଟିଂ' ପ୍ରଦାନ କରାଯାଇଛି। ଏଥିରେ ୨ଟି ଭୂତଳ ଖଣି ଏବଂ ୧୨ ଟି ଓପନକାଷ୍ଟ ଖଣି ପ୍ରକଳ୍ପ ସାମିଲ ଅଛି। ଏହି ସଫଳତା ଏମସିଏଲ୍‌ର କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା, ପରିବେଶ ସନ୍ତୁଳନ ଏବଂ ଦାୟିତ୍ୱବାନ ଖନନ ପ୍ରକ୍ରିୟାକୁ ଦର୍ଶାଉଛି।

ଏମସିଏଲ୍‌ର ୫ଟି ଓପନକାଷ୍ଟ ଖଣି – ଲାଜକୁରା ଓସିପି, ସିଆରମାଲ୍ ଓସିପି, ଅନନ୍ତ ଓସିପି, ଲିଙ୍ଗରାଜ ଓସିପି ଏବଂ ସମଲେଶ୍ୱରୀ ଓସିପି ସହିତ ହୀରାଖଣ୍ଡ ବୁନ୍ଦିଆ ଭୂତଳ ଖଣିକୁ ପ୍ରତିଷ୍ଠିତ ୫-ଷ୍ଟାର୍ ରେଟିଂ ମିଳିଛି। ସେହିଭଳି ଅନ୍ୟ ୫ଟି ଓପନକାଷ୍ଟ ଖଣି ପ୍ରକଳ୍ପ – ଗର୍ଜନବାହାଲ ଓସିପି, ଗୋପାଳଜୀ-କଣିହା ସମ୍ପ୍ରସାରଣ ଓସିପି, ଭୁବନେଶ୍ୱରୀ ଓସିପି, ହିଙ୍ଗୁଳା ଓସିପି ଓ ଜଗନ୍ନାଥ କୋଲିୟାରୀ ଏବଂ ନନ୍ଦିରା ଭୂତଳ ଖଣିକୁ ୪-ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ୨ଟି ଓପନକାଷ୍ଟ ଖଣି ପ୍ରକଳ୍ପ ବସୁନ୍ଧରା ୱେଷ୍ଟ ଓସିପି ଏବଂ ଭରତପୁର ଖଣି ଅଞ୍ଚଳକୁ ୩-ଷ୍ଟାର୍ ରେଟିଂ। ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୭ ଜୁଲାଇ ୨୦୨୬ ରେ ପ୍ରକାଶିତ କାର୍ଯ୍ୟାଳୟ ସ୍ମାରକପତ୍ର ଅନୁଯାୟୀ ଏହି ସୂଚନା ଦିଆଯାଇଛି।

ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଦ୍ୱାରା ଖଣିଗୁଡ଼ିକର ସାମଗ୍ରିକ ବିକାଶ ଏବଂ ସଫଳତାକୁ ଆଧାର କରି ୧ ରୁ ୫ ସ୍କେଲ୍ ମଧ୍ୟରେ ଏହି 'ଷ୍ଟାର୍ ରେଟିଂ' ପ୍ରଦାନ କରାଯାଏ। ଏହି ରେଟିଂ କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ମାନଦଣ୍ଡ, ପରିବେଶ ସ୍ଥାୟୀତ୍ୱ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ଥଇଥାନ ଓ ପୁନର୍ବାସ, ଶ୍ରମିକ ସମ୍ବନ୍ଧୀୟ ନିୟମ ପାଳନ ଏବଂ ଆର୍ଥିକ ପ୍ରଦର୍ଶନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଦିଆଯାଇଥାଏ।

# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ମନମୋହନ ସାମଲ ସାମିଲ

ବଲାଙ୍ଗୀର,୯।୭ (ନି.ପ୍ର): ବଲାଙ୍ଗୀର ଗସ୍ତରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ବିଳମ୍ବିତ ରାତିରେ ବଲାଙ୍ଗୀରରେ ପହଞ୍ଚିବା ପରେ, ସକାଳୁ ସେ କଅଗାଁ ଗ୍ରାମରେ ଥିବା ଧବଳେଶ୍ୱର ମନ୍ଦିର ଦର୍ଶନ ପରେ ଆୟୋଜିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାମିଲ ହୋଇ ମନ୍ଦିର ପରିସରକୁ ସଫା କରିବା ପରେ ମିଧାପାଲି ସ୍ଥିତ ସହରାଞ୍ଚଳ ବନୀକରଣ କ୍ଷେତ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଡିଏଫ୍‌ଓ ଅଜିତ ବିଶିଙ୍କ ସମେତ ସମସ୍ତ ବନ କର୍ମଚାରୀ ଯୋଗ ଦେଇଥିଲେ। ଏହାପରେ ରାଜ୍ୟ ସଭାପତି ଦଳୀୟ କାର୍ଯ୍ୟାଳୟରେ ବଲାଙ୍ଗୀର ସଂସଦୀୟ କ୍ଷେତ୍ର କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତିଙ୍କ ସହ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ବେସରକାରୀ ବିଦ୍ୟାଳୟ ଖୋଲିବା ପାଇଁ ନୂଆ ଅସ୍ପଷ୍ଟ ନିର୍ଦ୍ଦେଶାବଳୀ କାହା ସ୍ୱାର୍ଥରେ?

ଭୁବନେଶ୍ୱର, ୯।୭ (ନି.ପ୍ର): ନୂତନ ବେସରକାରୀ ବିଦ୍ୟାଳୟ ଖୋଲିବା ନିମନ୍ତେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ତରଫରୁ ଏକ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି, ଯାହାକି ପୂର୍ବରୁ ଥିବା ସମସ୍ତ ନିର୍ଦ୍ଦେଶାବଳୀକୁ ଖାରଜ କରୁଛି ବୋଲି ଲିଖିତ ଅଛି। ଉକ୍ତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ଅଛି କି ବେସରକାରୀ ବିଦ୍ୟାଳୟ ଖୋଲିବା ନିମନ୍ତେ ଆଉ ଅତ୍ୟାବଶ୍ୟକ ପ୍ରମାଣ ପତ୍ରର ଆବଶ୍ୟକତା ନାହିଁ। କିନ୍ତୁ ଆଶ୍ଚର୍ଯ୍ୟର କଥା କେଉଁ ପ୍ରମାଣ ପତ୍ର,ଅତ୍ୟାବଶ୍ୟକ ପ୍ରମାଣ ପତ୍ର ତାଲିକା ମଧ୍ୟରେ ଆସୁଛି ତାହା ଉଲ୍ଲେଖ କରାଯାଇନାହିଁ। ତେଣୁ ଏହି ନିର୍ଦ୍ଦେଶାନାମା କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଇଛି, ତାହାର ସ୍ପଷ୍ଟୀକରଣ ବିଦ୍ୟାଳୟ ଏବଂ ଗଣଶିକ୍ଷା ସଚିବଙ୍କୁ ମଗାଯାଇଛି ବୋଲି ଆଜି ପ୍ରେସ ବାର୍ତ୍ତାରେ ସଂଗଠନର ସଭାପତି ରମେଶ ଭାରତୀ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ କି ଶିକ୍ଷା ଅଧିକାର ଆଇନ୍-୨୦୦୯ର ନୀୟମ ଉଲ୍ଲଂଘନ କରି ରାଜ୍ୟ ରେ ୧୨୦୦ ରୁ ଊର୍ଦ୍ଧ୍ୱ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ବେଆଇନ୍ ଭାବରେ ଚାଲୁଅଛି। ରାଜ୍ୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ ପରେ ସରକାରଙ୍କ ତରଫରୁ ଏହି ତଥ୍ୟ ପ୍ରଦାନ କରାଯାଇଛି ଏବଂ ଆଇନ୍ ଅନୁଯାୟୀ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ବିଭାଗ ତରଫରୁ ଦିଆ ଯାଇ ପାରିନାହିଁ। ସୁରକ୍ଷା, ନିରାପତ୍ତା, ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ଘରଭଡ଼ା ଏଗ୍ରିମେଣ୍ଟ ଇତ୍ୟାଦି ପ୍ରମାଣ ପତ୍ର ଅଭାବ କାରଣରୁ ସ୍ୱୀକୃତି ପାଇନଥିବା ବିଦ୍ୟାଳୟ ଗୁଡ଼ିକୁ ଏହି ନୂତନ ନିୟମାବଳୀ ଦ୍ୱାରା ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ଉଦ୍ୟମ କରାଯାଉଥିବାର ସନ୍ଦେହ ଉପୁଜିଛି। ଏହି କାର୍ଯ୍ୟକ୍ରମରେ ସାମ୍ମୁଖ୍ୟର ରାଷ୍ଟ୍ରୀୟ ଆବାହକ ଭୁମୋହନ ବେବର୍ତ୍ତା ପଟ୍ଟନାୟକ, ଉପସଭାପତି ତପନ କୁମାର ପତି, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତି ମିଶନ ମହିଳା ସମ୍ମିଳନୀ

ସମ୍ବଲପୁର, ୯।୭ (ନି.ପ୍ର): ମହିଳା ସଶକ୍ତୀକରଣକୁ ଅଧିକ ସୁଦୃଢ଼ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଆର୍ଥିକ ଓ ବ୍ୟବସାୟିକ ଭାବେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସମ୍ବଲପୁର ସ୍ଥିତ ଆଇଆଇଏମ୍ ଅଡିଟୋରିୟମରେ ମଙ୍ଗଳବାର 'ଆଞ୍ଚଳିକ ସୁଭଦ୍ରା ଶକ୍ତି ମିଶନ ସମ୍ମିଳନୀ' ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନା ରାଜ୍ୟର ମହିଳା ସଶକ୍ତୀକରଣର ଏକ ସଫଳ ମଡେଲ ବୋଲି କହିଥିଲେ।

ସେ କହିଥିଲେ, ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ୧ କୋଟିରୁ ଅଧିକ ମହିଳା ଏବଂ ସମ୍ବଲପୁର ଜିଲ୍ଲାର ପ୍ରାୟ ୩ ଲକ୍ଷ ମହିଳା ଉପକୃତ ହୋଇଛନ୍ତି। ମହିଳାମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ପରିବାର ଓ ସମାଜର ସାମଗ୍ରିକ ବିକାଶ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ସରକାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ ସହ ଉଦ୍ୟୋଗ ପ୍ରତିଷ୍ଠା ଓ ବ୍ୟବସାୟ ବିସ୍ତାର ପାଇଁ ବିଭିନ୍ନ ସହାୟତା ଯୋଗାଇ ଦେଉଥିବା କହିଥିଲେ। ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନରେ ମହିଳାଙ୍କ ସକ୍ରିୟ ଭୂମିକା ରହିବ ବୋଲି ସେ କହିଥିଲେ। ଏଥିସହ 'ସୁଭଦ୍ରା ଶକ୍ତି' ବ୍ରାଣ୍ଡକୁ ରାଜ୍ୟ ଓ ଦେଶ ସ୍ତରରେ ପହଞ୍ଚାଇବା ପାଇଁ ବଜାର ଚାହିଦା ଅନୁଯାୟୀ ଉତ୍ପାଦନ ଉପରେ ଗୁରୁତ୍ୱ ଦେବାକୁ ସେ ମହିଳାମାନଙ୍କୁ ଆହ୍ୱାନ କରିଥିଲେ। ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ମହିଳା ପ୍ରତିନିଧିଙ୍କୁ ସାମିଲ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ।

# ନୟାଗଡ଼ କଲେଜର ୬୬ତମ ପ୍ରତିଷ୍ଠା ଦିବସ



ନୟାଗଡ଼,୯।୭ (ନି.ପ୍ର): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ୬୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ କଲେଜର ପ୍ରାଣ ପ୍ରତିଷ୍ଠାତା ଭ୍ରମରବର ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ସାରା ରାଜ୍ୟରେ ଉଚ୍ଚ ପ୍ରଶଂସିତ ହେବା କଲେଜ ପାଇଁ ଗର୍ବ ଓ ଗୌରବର କଥା ବୋଲି କହିବା ସହିତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ଭୂମିକା ସର୍ବାଗ୍ରେ ଗୁରୁତ୍ୱ ବହନ କରେ। କଲେଜର ଉନ୍ନତି ପାଇଁ ଯୁଗୋପଯୋଗୀ ସହ ସମସ୍ତଙ୍କର ସହଯୋଗ ରହିଲେ କଲେଜ ସବୁ କ୍ଷେତ୍ରରେ ଆଗେଇ ପାରିବ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ବିଜ୍ଞାନରେ ଶ୍ରେଷ୍ଠ ସ୍ନାତକ ଚିନ୍ମୟୀ ମିଶ୍ର, କଳାରେ ରୁଦ୍ର ପ୍ରସାଦ ନାୟକ, ବାଣିଜ୍ୟରେ ବିଶ୍ୱଜିତ ରାଉତ, ରାଜ୍ୟରେ ଏକକ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ରଖିଥିବା ରିତୁ୍ୟଶା ମିଶ୍ର ଏବଂ ୨୦୨୬-୨୭ରେ ପିଏଚଡି ପାଇଥିବା ଅଧ୍ୟାପିକା ପୂଜାର୍ଚ୍ଚନା, ତନୁଶ୍ରୀ ମହାରଣା ଓ ଅଧ୍ୟାପକ ଯଜ୍ଞଦତ୍ତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇ ଥିଲା।

## ବିଶ୍ୱାସ କଲେଜ ଅଫ୍ ନର୍ସିଂ ପକ୍ଷରୁ ସ୍ୱାମୀଜୀ ସଦାନନ୍ଦ ସରସ୍ୱତୀଙ୍କୁ ସ୍ୱାଗତ

ଭୁବନେଶ୍ୱର, ୯।୭ (ନି.ପ୍ର): ବିଶ୍ୱାସ କଲେଜ ଅଫ୍ ନର୍ସିଂ ପକ୍ଷରୁ ପୂଜ୍ୟ ସ୍ୱାମୀଜୀ ଶ୍ରୀ ଦାନନ୍ଦ ସରସ୍ୱତୀଜୀଙ୍କୁ ସାଦର ସ୍ୱାଗତ ଜଣାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ, ସମ୍ପାଦିକା, ପ୍ରଧାନାଚାର୍ଯ୍ୟା, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସ୍ୱାମୀଜୀ ତାଙ୍କ ପ୍ରେରଣାଦାୟକ ଉଦ୍‌ବୋଧନରେ ଜୀବନ, ମୂଲ୍ୟବୋଧ ଓ ସେବାର ଗୁରୁତ୍ୱ ସମ୍ପର୍କରେ ଅମୂଲ୍ୟ ମତାମତ ରଖିଥିଲେ। ତାଙ୍କର ଜ୍ଞାନଗର୍ଭିତ ଉଦ୍‌ବୋଧନ ଓ ଆଶୀର୍ବାଦ ଉପସ୍ଥିତ ସମସ୍ତଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା ଏବଂ ସେମାନଙ୍କ ମନରେ ଏକ ଚିରସ୍ମରଣୀୟ ଛାପ ଛାଡ଼ିଯାଇଥିଲେ।

# ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲରେ ଅତ୍ୟାଧୁନିକ ମଲିକ୍ୟୁଲାର ଡାଏଗ୍ନୋସିସ୍ ଓ ଜିନୋମିକ୍ସ ଲ୍ୟାବ୍



ଭୁବନେଶ୍ୱର, ୯।୭ (ନି.ପ୍ର): କର୍କଟ ରୋଗ ଓ ବଂଶଗତ ରୋଗର ସଠିକ୍ ନିର୍ଣ୍ଣୟ ଓ ବ୍ୟକ୍ତି କୈନ୍ଦ୍ରିକ ଚିକିତ୍ସା କ୍ଷେତ୍ରରେ ଓଡ଼ିଶାର ପ୍ରଥମ ହସ୍ପିଟାଲ୍ ଭାବେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏକ ଐତିହାସିକ ସଫଳତା ହାସଲ କରିଛି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ରାଜ୍ୟର ପ୍ରଥମ ହସ୍ପିଟାଲ୍ ଭାବେ ଏକ ସଂପୂର୍ଣ୍ଣ ଇନ୍-ହାଉସ୍ ଜିନୋମିକ୍ସ ଲ୍ୟାବ୍ ସ୍ଥାପନ କରିଛି। ଏହା ଫଳରେ ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷା ପାଇଁ ରୋଗୀମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ।

ନେକ୍ସଟ ଜେନେରେସନ୍ ସିକ୍ୱେନ୍ସିଂ, ସାଇଟୋଜେନେଟିକ, ଫ୍ଲୁରେସେନ୍ସ ଇନ୍ ସିଟୁ ହାଇବ୍ରିଡାଇଜେସନ୍ ଏବଂ ଅନ୍ୟ ମଲିକ୍ୟୁଲାର ପରୀକ୍ଷାଗୁଡ଼ିକ ଏହି ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷଣ ଲ୍ୟାବ୍‌ରେ କରାଯାଉଥିବା ସୂଚନା ଦେଇଛନ୍ତି ହସ୍ପିଟାଲର ମଲିକ୍ୟୁଲାର ଡାଏଗ୍ନୋସିସ୍ ଆଣ୍ଡ ଜିନୋମିକ୍ସ ବିଭାଗର ମୁଖ୍ୟ ଡାକ୍ତର ଶିବାଙ୍ଗୀ ହାରଣଖେଡକର। ଡାକ୍ତର ହାରଣଖେଡକର କହିଛନ୍ତି ଯେ ବିଭିନ୍ନ ଅଣୁସ୍ତରୀୟ ପରୀକ୍ଷା ଇତ୍ୟାଦି ସୁବିଧାରେ ସୁସଜ୍ଜିତ ଏହି ଲ୍ୟାବ୍ କର୍କଟ ରୋଗ, ରକ୍ତ ସମ୍ବନ୍ଧୀୟ ରୋଗ ଏବଂ ବଂଶଗତ ରୋଗର ସଠିକ୍ ନିର୍ଣ୍ଣୟ, ରୋଗର ପ୍ରକୃତ ନିର୍ଦ୍ଧାରଣ ଓ ଚିକିତ୍ସାର ଅଗ୍ରଗତି ଉପରେ ନଜର ରଖିବାରେ ସହାୟକ ହେଉଛି। 'କର୍କଟ ରୋଗର ଚିକିତ୍ସା ଏବେ କେବଳ ମାଇକ୍ରୋସ୍କୋପ୍‌ରେ ଦେଖାଯାଉଥିବା ଚିତ୍ର ଉପରେ ନିର୍ଭର କରୁନାହିଁ। ଜେନେଟିକ୍ ସୂଚନାର ବିଶ୍ଳେଷଣ ମାଧ୍ୟମରେ ରୋଗର ପ୍ରକୃତ କାରଣ ଜାଣି ବ୍ୟକ୍ତି କୈନ୍ଦ୍ରିକ ଚିକିତ୍ସା ସମ୍ଭବ ହେଉଛି। ଆମେ ପ୍ରିସିଜନ୍ ମେଡିସିନ୍‌ର ଯୁଗରେ ପ୍ରବେଶ କରିଛୁ ବୋଲି ସେ କହିଛନ୍ତି।

ଏମ୍ସ, ନୂଆଦିଲ୍ଲୀ ଏବଂ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲର ଆଡ୍‌ଭାନ୍‌ସଡ ସେଣ୍ଟର ଫର ଟ୍ରିଟମେଣ୍ଟ, ରିସର୍ଚ୍ଚ ଆଣ୍ଡ ଏଜୁକେସନ୍‌ରେ ପ୍ରଶିକ୍ଷଣପ୍ରାପ୍ତ ଡାକ୍ତର ହାରଣଖେଡକର କହିଛନ୍ତି, ପୂର୍ବରୁ ଓଡ଼ିଶାର ରୋଗୀମାନେ ଉନ୍ନତ ଜିନୋମିକ୍ ପରୀକ୍ଷା ପାଇଁ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ କିମ୍ବା ବେଙ୍ଗାଲୁରୁ ଭଳି ସହର ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଏହି ସୁବିଧା ଭୁବନେଶ୍ୱରରେ ଉପଲବ୍ଧ ହୋଇଥିବାରୁ ରୋଗୀମାନଙ୍କ ସମୟ ଓ ଖର୍ଚ୍ଚ ଉଭୟ ହ୍ରାସ ପାଇବ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ବର୍ତ୍ତମାନ ଓଡ଼ିଶାର ଏକମାତ୍ର ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଯେଉଁଠାରେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ଜିନୋମିକ୍ସ ଲ୍ୟାବ୍ ରହିଛି। ଏହା କେବଳ ରୋଗୀ ସେବା ନୁହେଁ ମାତ୍ର ଡାକ୍ତରୀ ଛାତ୍ରଛାତ୍ରୀ, ସ୍ନାତକୋତର ଓ ସୁପରସ୍ପେଶାଲିଟି ରେସିଡେଂଟଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଏବଂ ଗବେଷଣାର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇଛି।


LIC HFL
LIC HOUSING FINANCE LTD

**ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.**
ଇପିକଲ ହାଉସ୍, ୬ଷ୍ଠ ମହଲା, ଆନେକ୍ସ ବିଲ୍ଡିଂ, ଜନପଥ
ଭୁବନେଶ୍ୱର - ୭୫୧୦୨୨

ପରିଶିଷ୍ଟ-୪ [ରୁଲ୍- ୮(୧)]
**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ., ଭୁବନେଶ୍ୱରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆକ୍ଟ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଡ଼ିମାଣ୍ଡ ନୋଟିସ୍‌ରେ ଦର୍ଶିତ ଅର୍ଥ ରାଶି **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା(ମାନେ) ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ଏବଂ (୧୨) ସହିତ କଥିତ ରୁଲ୍ସର ରୁଲ୍ ୮ (୧) ଏବଂ (୨) ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ସେ ବାବଦ ସୁଧ ନିମନ୍ତେ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ଋଣ ଆକାଉଣ୍ଟ ନଂ. | ବନ୍ଧକ ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ସରୋଜିନୀ ପଟ୍ଟନାୟକ / ସହ-ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ପଟ୍ଟନାୟକ, ବାସସ୍ଥାନ ଏବଂ ସ୍ଥାୟୀ ଠିକଣା:** ଶ୍ରୀ ଭବନ, ୱାର୍ଡ ନଂ.: ୩୧, ସିଦ୍ଧମହାବୀର, ସିଦ୍ଧମହାବୀର ମନ୍ଦିର ନିକଟ, ମଙ୍ଗଳା ଲେନ୍, ବାଲୁଖଣ୍ଡ, ପୁରୀ ଷ୍ଟେସନ ରାସ୍ତା, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, **ବ୍ୟବସାୟ/କାର୍ଯ୍ୟାଳୟ ଠିକଣା-୧:** (ସରୋଜିନୀ ପଟ୍ଟନାୟକ) ସ୍ୱତ୍ତ୍ୱାଧିକାରୀ: ପି.ଜି. ଟ୍ରେଡର୍ସ, ପ୍ଲଟ୍ ନଂ.: ୨୨୫, ଥାନା: କୁମ୍ଭାରପଡା, ଜେଏମ୍ ରୋଡ ନିକଟ, କୁମୁଟିପାଟଣା, ପୂଜା ମାର୍ବଲ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, **ବ୍ୟବସାୟ/କାର୍ଯ୍ୟାଳୟ ଠିକଣା-୨:** (ଶ୍ରୀକାନ୍ତ ପଟ୍ଟନାୟକ) ସ୍ୱତ୍ତ୍ୱାଧିକାରୀ: ପ୍ରଜ୍ଞା ଗାୟତ୍ରୀ ଟିମ୍ବର, ପ୍ଲଟ୍ ନଂ.: ୯୨୨, ପୋ: ପାଲ୍ଲାହାଟ, ଡିଆରଡିଏ, ସାଉଥ୍ ସିଟି ହସ୍ପିଟାଲ ନିକଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୫୬, **ସମ୍ପତ୍ତି ଠିକଣା:** ପ୍ଲଟ୍ ନଂ.: ୧୮୩/୩୨୦୩, ଖାତା ନଂ.: ୨୬୪/୧୪୦୬, ମୌଜା: ସିଦ୍ଧମହାବୀର, ତହସିଲ: ପୁରୀ ସଦର, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୩ / **ଋଣ ଆକାଉଣ୍ଟ ନଂ.: ୨୨୦୧୦୦୦୦୧୨୭୩, ୨୨୦୧୦୦୦୦୧୨୭୬ ଏବଂ ୨୧୦୪୦୦୦୦୮୭୨୮** | ସ୍ଥାବର ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୮୩/୩୨୦୩, ଖାତା ନଂ.: ୨୬୪/୧୪୦୬, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, କିସମ: ଘରବାରୀ, ମୌଜା: ସିଦ୍ଧମହାବୀର, ଥାନା: ପୁରୀ ଟାଉନ ନଂ.: ୩୩, ତହସିଲ: ପୁରୀ ସଦର ନଂ.: ୬୭୩, ଜିଲ୍ଲା: ପୁରୀ, ପିନ୍ - ୭୫୦୦୦୩, ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୪୮୧୪୦୦୪୭୧, ତାରିଖ: ୨୭.୦୧.୨୦୧୪, ଏହାର ଚାରିପାର୍ଶ୍ୱରେ ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୬୮୬, ଦକ୍ଷିଣ: ବିକ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତା | **୨୭.୦୪.୨୦୨୬ / ୦୬.୦୭.୨୦୨୬** | **୩୦.୦୪.୨୦୨୬ ସୁଦ୍ଧା ଟ.୧,୭୫,୩୭,୩୫୦.୭୩** ସହିତ ୦୧.୦୫.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ଭବିଷ୍ୟତ ସୁଧ |
| **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ପଟ୍ଟନାୟକ / ସହ-ଋଣଗ୍ରହୀତା: ଶ୍ରୀମତୀ ସରୋଜିନୀ ପଟ୍ଟନାୟକ, ବାସସ୍ଥାନ ଏବଂ ସ୍ଥାୟୀ ଠିକଣା:** ପ୍ଲଟ୍ ନଂ.: ୧୮୩/୩୨୦୩, ଶ୍ରୀ ଭବନ, ୱାର୍ଡ ନଂ.: ୩୧, ସିଦ୍ଧମହାବୀର, ସିଦ୍ଧମହାବୀର ମନ୍ଦିର ନିକଟ, ମଙ୍ଗଳା ଲେନ, ବାଲୁଖଣ୍ଡ, ପୁରୀ ଷ୍ଟେସନ ରାସ୍ତା, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, **ବ୍ୟବସାୟ/କାର୍ଯ୍ୟାଳୟ ଠିକଣା-୧:** (ଶ୍ରୀକାନ୍ତ ପଟ୍ଟନାୟକ) ସ୍ୱତ୍ତ୍ୱାଧିକାରୀ: ପ୍ରଜ୍ଞା ଗାୟତ୍ରୀ ଟିମ୍ବର, ପ୍ଲଟ୍ ନଂ.: ୯୨୨, ପୋ: ପଲ୍ଲା, ଖୋର୍ଦ୍ଧା କଲେକ୍ଟର ଅଫିସ୍ ନିକଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୫୬, **ବ୍ୟବସାୟ/କାର୍ଯ୍ୟାଳୟ ଠିକଣା-୨:** (ସରୋଜିନୀ ପଟ୍ଟନାୟକ) ସ୍ୱତ୍ତ୍ୱାଧିକାରୀ: ପି.ଜି. ଟ୍ରେଡର୍ସ, ପ୍ଲଟ୍ ନଂ.: ୨୨୫, ଥାନା: କୁମ୍ଭାରପଡା, ମେରାଇନ୍ ଡ୍ରାଇଭ୍ ରୋଡ, ଲେବଲ୍ କ୍ରସିଂ ନିକଟ, କୁମୁଟିପାଟଣା, ପୂଜା ମାର୍ବଲ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, **ସମ୍ପତ୍ତି ଠିକଣା:** ପ୍ଲଟ୍ ନଂ.: ୨୭୦/୩୦୨୮, ଖାତା ନଂ.: ୨୬୪/୧୧୯୨, ମୌଜା: ସିଦ୍ଧମହାବୀର, ୟୁନିଟ୍ - ୩୩, ତହସିଲ: ପୁରୀ ସଦର, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୩ / **ଋଣ ଆକାଉଣ୍ଟ ନଂ.: ୨୧୦୪୦୦୦୦୬୨୪୭ ଏବଂ ୨୧୦୪୦୦୦୦୮୭୩୩** | ସ୍ଥାବର ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୨୭୦/୩୦୨୮, ଖାତା ନଂ.: ୨୬୪/୧୭୮୧, ସବ୍ ପ୍ଲଟ୍ ନଂ.: ୧୯, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: ପୁରୀ ସହର ୟୁନିଟ୍ ଥାନା ନଂ.: ୩୩, ସିଦ୍ଧମହାବୀର, ଥାନା: ପୁରୀ ଟାଉନ ନଂ.: ୩୩, ତହସିଲ: ପୁରୀ ସଦର ନଂ.: ୬୭୩, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୩, ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୪୮୧୮୦୪୧୦୮, ତାରିଖ: ୨୦.୦୮.୨୦୧୮, ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୩୯, ପୂର୍ବ: ସବ୍ ପ୍ଲଟ୍ ନଂ.: ୨୦, ପଶ୍ଚିମ: ୨୦ ଫୁଟିଆ ଚଉଡା ରାସ୍ତା | **୩୦.୦୪.୨୦୨୬ / ୦୬.୦୭.୨୦୨୬** | **୩୦.୦୪.୨୦୨୬ ସୁଦ୍ଧା ଟ.୮୬,୦୯,୮୯୬.୩୬** ସହିତ ୦୧.୦୫.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ଭବିଷ୍ୟତ ସୁଧ |
| **ଋଣଗ୍ରହୀତା: ଶ୍ରୀ ପ୍ରଫୁଲ୍ଲ କୁମାର ପାଢ଼ି, ବାସସ୍ଥାନ ଠିକଣା:** ପ୍ଲଟ୍ ନଂ.: ୪୦୪ (ଅଂଶ), ରମ୍ଭାସ, ଡୋଲିପୁର, ଷ୍ଟାଡିୟମ୍ ନିକଟ, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୫୦୧୮, **କାର୍ଯ୍ୟାଳୟ ଠିକଣା:** ଟାଟା ଷ୍ଟିଲ୍ ଲିଃ. (ମାଇନ୍ସ), ଏମ୍ପ୍ଲୋଇ ଆଇଡି: ୪୨୦୩୬୭, ବ୍ରାହ୍ମଣୀପାଳ, କାଳିଆ ପାଣି, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍ - ୭୫୮୦୮୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ରମେଶ ଚନ୍ଦ୍ର ବେହେରା,** ଟାଟା ଷ୍ଟିଲ୍ ଲିଃ. (ମାଇନ୍ସ), ସା: ବ୍ରାହ୍ମଣୀପାଳ, ତଳପଡା, ଜିଲ୍ଲା: କେନ୍ଦୁଝର, ପିନ୍ - ୭୫୮୦୮୨, **କାର୍ଯ୍ୟାଳୟ ଠିକଣା:** (ଗ୍ୟାରେଣ୍ଟିଦାତା) ଶ୍ରୀ ରମେଶ ଚନ୍ଦ୍ର ବେହେରା, ଟାଟା ଷ୍ଟିଲ୍ ଲିଃ. (ମାଇନ୍ସ), ଏମ୍ପ୍ଲୋଇ ଆଇଡି: ୪୨୦୫୨୫, ବ୍ରାହ୍ମଣୀପାଳ, କାଳିଆ ପାଣି, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍ - ୭୫୮୦୮୨, **ସମ୍ପତ୍ତି ଠିକଣା:** ହାଲ୍ ପ୍ଲଟ୍ ନଂ.: ୧୪୭୧, ସାବକ ପ୍ଲଟ୍ ନଂ.: ୪୦୪/ଅଂଶ, ସାବକ ଖାତା ନଂ.: ୫୨/୨୫୬, ହାଲ୍ ଖାତା ନଂ.: ୧୨୦, ମୌଜା: ରମ୍ଭାସ, ଡୋଲିପୁର, ତହସିଲ: ବ୍ୟାସନଗର, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୫୦୧୫ / **ଋଣ ଆକାଉଣ୍ଟ ନଂ.: ୨୨୦୧୦୦୦୦୧୦୪୩** | ସ୍ଥାବର ସମ୍ପତ୍ତି ଯାହାର ହାଲ୍ ପ୍ଲଟ୍ ନଂ.: ୧୪୭୧, ସାବକ ପ୍ଲଟ୍ ନଂ.: ୪୦୪ (ପି) କ୍ଷେତ୍ର: ଏକର ୦.୧୨ ଡିସିମିଲି, ସାବକ ଖାତା ନଂ.: ୫୨/୨୫୬, ହାଲ ଖାତା ନଂ.: ୧୨୦, ମୌଜା: ରମ୍ଭାସ, ଡୋଲିପୁର, ତହସିଲ: ବ୍ୟାସନଗର, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ପିନ୍ - ୭୫୫୦୧୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରେଭେନ୍ୟୁ ପ୍ଲଟ୍ ନଂ.: ୪୦୪ (ଅଂଶ), ପୂର୍ବ: ଶ୍ରୀ ଦେବେନ୍ଦ୍ର ବର୍ଦ୍ଧନ, ପଶ୍ଚିମ: ହାଲ୍ ପ୍ଲଟ୍ ନଂ.: ୧୪୭୦, ପଞ୍ଜିକୃତ କାଗଜାତ ନଂ.: ୨୨୦୩, ତାରିଖ: ୦୨.୦୮.୨୦୦୧ | **୨୪.୦୪.୨୦୨୬ / ୦୮.୦୭.୨୦୨୬** | **୩୦.୦୪.୨୦୨୬ ସୁଦ୍ଧା ଟ.୧୬,୨୯,୫୮୬.୭୫** ସହିତ ୦୧.୦୫.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ଭବିଷ୍ୟତ ସୁଧ |
| **ଋଣଗ୍ରହୀତା: ଗୀତାରାଣୀ ଦାଶ / ସହ-ଋଣଗ୍ରହୀତା: ଶ୍ରୀ ମିନକେତନ ଦାଶ, ବାସସ୍ଥାନ ଠିକଣା:** ସା: କନ୍ହେଇପୁର, ଲକ୍ଷ୍ମୀ ନାରାୟଣ ମାର୍ଗ, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୫୦୧୯, **କାର୍ଯ୍ୟାଳୟ ଠିକଣା:** ଆସିଷ୍ଟାଣ୍ଟ ଟିଚର, ଉପୁଲେଇ ୟୁଜିଏମ୍ ଇଂରାଜୀ ସ୍କୁଲ, ସା: ଉପୁଲେଇ, ପୋ: ନଗୁଆଁ, ଜିଲ୍ଲା: ଯାଜପୁର, ପିନ୍ - ୭୫୭୦୧୯, **ସମ୍ପତ୍ତି ଠିକଣା:** ପ୍ଲଟ୍ ନଂ.: ୨୧୯/୨୫୪୬ ଏବଂ ୨୨୦/୨୫୪୭, ଖାତା ନଂ.: ୭୭୧/୨୭, ମୌଜା: ଚାନ୍ଦମା, ତହସିଲ: ସୁକିନ୍ଦା, ଥାନା: କୋରେଇ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍ - ୭୫୫୦୧୯ / **ଋଣ ଆକାଉଣ୍ଟ ନଂ.: ୨୨୦୧୦୦୦୦୧୪୩୩ / ୨୨୦୧୦୦୦୦୧୬୮୮** | ସ୍ଥାବର ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୨୧୯/୨୫୪୬, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ପ୍ଲଟ୍ ନଂ.: ୨୨୦/୨୫୪୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୋଟ କ୍ଷେତ୍ର: ଏକର୦.୦୯୦ଡିସିମିଲି, ଖାତା ନଂ.: ୭୭୧/୨୭, ମୌଜା: ଚାନ୍ଦମା, ତହସିଲ: ସୁକିନ୍ଦା, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯, ଏହାର ଚାରିପାର୍ଶ୍ୱରେ ଉତ୍ତର: ୧୮ କଡି ରାସ୍ତା, ଦକ୍ଷିଣ: ମଦନମୋହନ ଦାଶ, ପୂର୍ବ: ସୁଷମା ସାହୁ, ପଶ୍ଚିମ: ରାସ୍ତା, ପଞ୍ଜିକୃତ କାଗଜାତ ନଂ.: ୩୨୭, ୨୦୦୪ ମସିହା ପାଇଁ | **୨୦.୦୪.୨୦୨୬ / ୦୮.୦୭.୨୦୨୬** | **୩୦.୦୪.୨୦୨୬ ସୁଦ୍ଧା ଟ.୧୦,୭୮,୦୭୪.୯୫** ସହିତ ୦୧.୦୫.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ଭବିଷ୍ୟତ ସୁଧ |
| **ଶ୍ରୀ ରାଜ କୃଷ୍ଣ ସିଂହ (ପ୍ରାଇମେରୀ ଆପ୍ଲିକାଣ୍ଟ), ଶ୍ରୀମତୀ କବିତା ସିଂହ (ଆଇନଗତ ଉତ୍ତରାଧିକାରୀ), ବାସସ୍ଥାନ ଠିକଣା:** ସା: ମେଘଡମ୍ବରୁ, ପୋ: କୁରୁଡା, ମଡର୍ଣ୍ଣ ପବ୍ଲିକ ସ୍କୁଲ ନିକଟ, ବାଲେଶ୍ୱର, ଓଡ଼ିଶା - ୭୫୬୦୫୬, **କାର୍ଯ୍ୟାଳୟ ଠିକଣା:** ଏଲଆଇସି ଅଫ୍ ଇଣ୍ଡିଆ, ବାଲେଶ୍ୱର ଶାଖା, ଜିଲ୍ଲା ସ୍କୁଲ ରୋଡ, ବାଲେଶ୍ୱର, ଓଡ଼ିଶା - ୭୫୬୦୦୧, **ସମ୍ପତ୍ତି ଠିକଣା:** ପ୍ଲଟ୍ ନଂ.: ୭୪/୬୧୬, ଖାତା ନଂ.: ୧୦୬/୧୭୯, ମୌଜା: ଯୁଦେଷ୍ଟିପୁରପାଟଣା, ଥାନା: ବାଲେଶ୍ୱର ସଦର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍ - ୭୬୬୦୦୧ / **ଋଣ ଆକାଉଣ୍ଟ ନଂ.: ୧୧୦୧୫୦୨୦୪୪୦ ଏବଂ ୨୨୦୪୦୦୦୦୧୪୩୦** | ସ୍ଥାବର ସମ୍ପତ୍ତି ଯାହାର ହାଲ୍ ପ୍ଲଟ୍ ନଂ.: ୭୪/୬୧୬, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, ଖାତା ନଂ.: ୧୦୬/୧୭୬, ମୌଜା: ଯୁଦେଷ୍ଟିପୁରପାଟଣା, ଥାନା: ବାଲେଶ୍ୱର ସଦର, ଜିଲ୍ଲା: ବାଲେଶ୍ୱର, ପିନ୍ - ୭୬୬୦୦୧, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୭୪ର ଅବଶିଷ୍ଟ ଜମି, ଦକ୍ଷିଣ: ବିକ୍ରେତାଙ୍କ ଦ୍ୱାରା ଛଡାଯାଇଥିବା ରାସ୍ତା ଏବଂ ପ୍ଲଟ୍ ନଂ.: ୭୪ର ଅବଶିଷ୍ଟ ଜମି, ପଶ୍ଚିମ: ମୌଜା ପାଛୁଡିଆର ପରିସୀମା, ପୂର୍ବ: ପ୍ଲଟ୍ ନଂ.: ୪୫୬, ପଞ୍ଜିକୃତ କାଗଜାତ୍ ନଂ.: ୮୫୧୮, ତାରିଖ: ୨୮.୧୨.୨୦୦୫ | **୨୦.୦୩.୨୦୨୬ / ୦୮.୦୭.୨୦୨୬** | **୩୧.୦୩.୨୦୨୬ ସୁଦ୍ଧା ଟ.୩୧,୯୪,୬୫୭.୫୩** ସହିତ ୦୧.୦୪.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ଭବିଷ୍ୟତ ସୁଧ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୦.୦୭.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ଼, ଭୁବନେଶ୍ୱର**

**ଅନୁଚିହ୍ନ**

ଅଧମ ସିଏ ଯିଏ ବିରୁଦ୍ଧ ଆଚରଣ କରି ସମାଜର କ୍ଷତି କରିଥାଏ ।

## ସମ୍ପାଦକୀୟ

# ଟ୍ରମ୍ପଙ୍କ କ୍ରିପ୍ଟୋ ଆୟ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲାଭଜନକ କ୍ରିପ୍ଟୋକରେନ୍ସି ବ୍ୟବସାୟ ସାମନାକୁ ଆସିଛି । ଏହି ବ୍ୟବସାୟରେ ଟ୍ରମ୍ପ ଏବେ ବିଶ୍ୱର ସବୁଠାରୁ ଧନୀ ରାଜନୈତିକ ବ୍ୟକ୍ତି । ଦିନେ ଯାହା ଅକଳ୍ପନୀୟ ଥିଲା ଆଜି ତାହାକୁ ବାସ୍ତବରେ ପରିଣତ କରିପାରିଛନ୍ତି ଟ୍ରମ୍ପ । ରାଷ୍ଟ୍ରପତି ଭାବେ ଟ୍ରମ୍ପଙ୍କ 'ମାଣ୍ଡାଟୋରୀ ଫାଇନାନ୍ସିଆଲ ଡିସ୍‌କ୍ଲୋଜର'ରୁ ଏହା ସ୍ପଷ୍ଟ ହୋଇଛି । ୯୨୭ ପୃଷ୍ଠାର ଏହି ଡିସ୍‌କ୍ଲୋଜର ଦାଖଲ ହୋଇଛି ଆମେରିକାର ଗଭର୍ଣ୍ଣମେଣ୍ଟ ଏଥିକ୍ସ ଅଫିସରେ । ୨୦୨୫ରେ ଟ୍ରମ୍ପ ୨ ବିଲିୟନ ଡଲାର ଆୟ କରିଛନ୍ତି, ଏଥିରୁ ୧.୪ ବିଲିୟନ ଡଲାର କ୍ରିପ୍ଟୋକରେନ୍ସି ବ୍ୟବସାୟରୁ। ଟ୍ରମ୍ପଙ୍କ ପରିବାରର ରହିଛି ଏକ ଫାଇନାନ୍ସିଆଲ କମ୍ପାନୀ ଯାହାର ନାମ ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ (ଡବ୍ଲ୍ୟୁଏଲ୍‌ଏଫ୍) । ଏହି କମ୍ପାନୀର ସହପ୍ରତିଷ୍ଠାତା ଟ୍ରମ୍ପ, ଏହାର ସେ 'କୋ-ଫାଉଣ୍ଡର ଇମେରିଟସ୍'। ଏହାର ପରିଚାଳନା କରୁଛନ୍ତି ତାଙ୍କର ଦୁଇ ପୁତ୍ର ଡୋନାଲ୍ଡ ଟ୍ରମ୍ପ ଜୁନିୟର ଓ ଏରିକ୍ ଟ୍ରମ୍ପ । ପ୍ରଥମଥର ଟ୍ରମ୍ପ ରାଷ୍ଟ୍ରପତି ହେବାପରେ କହିଥିଲେ ଯେ, ସେ କ୍ରିପ୍ଟୋକରେନ୍ସିର ପ୍ରଶଂସକ ନୁହନ୍ତି। କିନ୍ତୁ ଦ୍ୱିତୀୟଥର ରାଷ୍ଟ୍ରପତି ହେବା ବେଳକୁ ସେ ହୋଇଯାଇଛନ୍ତି ଏହାର ବଡ଼ ପ୍ରଶଂସକ । ଆମେରିକାକୁ ବିଶ୍ୱର କ୍ରିପ୍ଟୋକ୍ୟାପିଟାଲ କରିବାପାଇଁ ତାଙ୍କର ଅଭିଳାଷ ରହିଛି ବୋଲି ସେ ମଧ ଘୋଷଣା କରିଥିଲେ । ରାଷ୍ଟ୍ରପତି ହେବା ପୂର୍ବରୁ ଟ୍ରମ୍ପଙ୍କର ବଡ଼ ରିୟଲ ଇଷ୍ଟେଟ୍ ବ୍ୟବସାୟ ଥିଲା। ଏହା ଜରିଆରେ ଟ୍ରମ୍ପ ମଧ ପ୍ରସିଦ୍ଧି ହାସଲ କରିଥିଲେ । ଟ୍ରମ୍ପଙ୍କ କମ୍ପାନୀର କ୍ରିପ୍ଟୋକରେନ୍ସି ବ୍ୟବସାୟରେ ପାକିସ୍ତାନର ବଡ଼ ଭୂମିକା ରହିଛି । ରାଷ୍ଟ୍ରପତି ଭାବେ ଟ୍ରମ୍ପ ୨୦୧୭ରୁ ୨୦୨୧ ମଧ୍ୟରେ ତାଙ୍କର ପ୍ରଥମ ଟର୍ମରେ ପାକିସ୍ତାନକୁ ମନଇଚ୍ଛା ଶୋଧୁଥିଲେ । ଆମେରିକାକୁ ପାକିସ୍ତାନ କେବଳ ପ୍ରତାରଣା ଓ ଛଳନା ବ୍ୟତୀତ ଆଉ କିଛି ଦେଇନାହିଁ ବୋଲି କହୁଥିଲେ । ଏପରିକି ପାକିସ୍ତାନକୁ ମଧ ସାମରିକ ସହାୟତା ବନ୍ଦ କରିଦେଇଥିଲେ । କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ ଟର୍ମରେ ଏହା ବଦଳି ଯାଇଛି । ପାକିସ୍ତାନର ପ୍ରଶଂସା କରିବାକୁ ପଛାଉ ନାହାନ୍ତି ଟ୍ରମ୍ପ । ଏପରିକି ତାଙ୍କର ବୈଦେଶିକ ନୀତିର ବିଶ୍ଳେଷକମାନେ ଏହାକୁ ନେଇ ପ୍ରଶ୍ନ ଉଠାଉଥିଲେ ବି ଟ୍ରମ୍ପ ନିର୍ବିକାର । କାରଣ ଟ୍ରମ୍ପଙ୍କ କ୍ରିପ୍ଟୋକରେନ୍ସି ବ୍ୟବସାୟକୁ ସମ୍ପୂର୍ଣ୍ଣ ଭାବେ ସହାୟତା କରୁଛି ପାକିସ୍ତାନ । ପାକିସ୍ତାନର ଅର୍ଥମନ୍ତ୍ରଣାଳୟ ଏବଂ ପାକିସ୍ତାନ ଭର୍ଚୁଆଲ ଆସେଟ୍ସ ରେଗୁଲେଟରୀ ଅଥରିଟି ଟ୍ରମ୍ପଙ୍କ କମ୍ପାନୀ ଡବ୍ଲ୍ୟୁଏଲ୍‌ଏଫ୍ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି, ପାକିସ୍ତାନର ପେମେଣ୍ଟ ଭିତ୍ତିଭୂମିରେ ଏହାକୁ ସାମିଲ କରିବା ପାଇଁ । ସାମିଲ କରିଛି ମଧ ।



# ରାଜ୍ୟର ବନ ଆବରଣ ବଢ଼ିଛି

ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱ ସମ୍ମୁଖରେ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । କିନ୍ତୁ ଏହାର ସମାଧାନ ବିକାଶକୁ ରୋକିବା ନୁହେଁ, ବରଂ ବିକାଶ ଓ ପର୍ଯ୍ୟାବରଣର ସଂରକ୍ଷଣ ମଧ୍ୟରେ ସନ୍ତୁଳନ ବଜାୟ ରଖିବା । ବିକାଶ ଓ ପର୍ଯ୍ୟାବରଣ ପରସ୍ପରର ବିରୋଧୀ ନୁହନ୍ତି। ବିକାଶ ପାଇଁ ବନ ସଂରକ୍ଷଣ ଓ ସବୁଜ କ୍ଷେତ୍ରର ବିସ୍ତାର ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା । ନିକଟରେ ୭୭ତମ ରାଜ୍ୟ ବନ ମହୋତ୍ସବର ଉଦ୍‌ଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବାର୍ତ୍ତା ଦେଇଛନ୍ତି । ସେ ମଧ କହିଛନ୍ତି, ବନ ସଂରକ୍ଷଣ ଓ ସବୁଜ କ୍ଷେତ୍ର ବୃଦ୍ଧିରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ଗତ ଦୁଇ ବର୍ଷରେ ରାଜ୍ୟରେ ବଢ଼ିଛି ୫୫୮ ବର୍ଗ କିମି ବନ ଓ ବୃକ୍ଷ ଆବରଣ । ଏଥିରେ ଦେଶରେ ତୃତୀୟ ସ୍ଥାନରେ ପହଞ୍ଚି ଯାଇଛି ଓଡ଼ିଶା । ଆର୍ଥିକ ବର୍ଷ ୨୦୨୫-୨୬ରେ ୭୭୪ ହେକ୍ଟର କ୍ଷେତ୍ରରେ ୫.୬୫ ଲକ୍ଷ ଚାରାରୋପଣ ହୋଇଥିବାବେଳେ ୨୦୨୬-୨୭ରେ ୨୭୦୨ ହେକ୍ଟର କ୍ଷେତ୍ରରେ ପ୍ରାୟ ୯ ଲକ୍ଷ ଚାରାରୋପଣ ଲକ୍ଷ୍ୟ ରହିଛି । ବର୍ଦ୍ଧିତ ସବୁଜ କ୍ଷେତ୍ର ଯୋଜନାରେ ଚଳିତବର୍ଷ ୩୫୮ ହେକ୍ଟର କ୍ଷେତ୍ରରେ ୧୫.୯୩ ଲକ୍ଷ ଚାରାରୋପଣ ହେବ । ସହରୀ କ୍ଷେତ୍ରଗୁଡ଼ିକରେ ପ୍ରଦୂଷଣ କମ୍ କରିବା ପାଇଁ ପ୍ରାୟ ୬.୯୫ ଲକ୍ଷ ଚାରାରୋପଣ କରାଯିବ ।



# ପ୍ରାର୍ଥନାର ମର୍ମ

ଅମୃତ ଫଳ

ଜଣେ ସରକାରୀ ଅଧିକାରୀ ଥିଲେ। ଥରେ ସେ ବହୁଦିନ ଧରି ବେମାରରେ ପଡ଼ିଲେ। ପରିବାରର ଲୋକ ତାଙ୍କୁ ଜଣେ ଆଧ୍ୟାତ୍ମିକ ଗୁରୁଙ୍କୁ ଦେଖାଇଲେ। ଗୁରୁ କହିଲେ ଇଶ୍ୱରଙ୍କୁ ପ୍ରାର୍ଥନା କରି କୁହ ତୁମର ପାପକୁ ମୃତ୍ୟୁ ପୂର୍ବରୁ କ୍ଷମା କରିଦେବେ। କିଛି କର୍ମକାଣ୍ଡ ପରେ ଗୁରୁ ଏହି କଥାକୁ ପୁଣି ଥରେ କହିବା ପାଇଁ କହିଲେ- ହେ ପରମେଶ୍ୱର, ମୁଁ ବହୁତ ପାପ କରିଛି, ମୋତେ କ୍ଷମା ପ୍ରଦାନ କର। ଏଥିରେ ଅଧିକାରୀ କିଛି କହିଲେ ନାହିଁ। ବେମାରରେ ପଡ଼ିଥିବା ଅଧିକାରୀ ଗୁରୁଙ୍କୁ କହିଲେ-ଅନେକ ବର୍ଷ ଇଶ୍ୱରଙ୍କ ପ୍ରତି ଏବଂ ଇଶ୍ୱରଙ୍କ ସେବକଙ୍କ ପ୍ରତି ପାପ କରିଛି। ମୁଁ ବହୁ ଘରକୁ ଲୁଟିଛି, ଶିଶୁଙ୍କୁ ଅନାଥ କରିଛି, ଅନ୍ୟର ହୃଦୟକୁ ଶୋକରେ ବୁଡ଼ାଇଛି ଏବଂ ସମସ୍ତ ପ୍ରକାର ଅତ୍ୟାଚାର କରିଛି। କ'ଣ ଇଶ୍ୱର ଆପଣଙ୍କ ବତାଇଥିବା ଫର୍ମୁଲାକୁ ଦୋହରାଇବା ମାତ୍ରେ ମୋର ସବୁ ପାପକୁ କ୍ଷମା କରିଦେବେ? କ'ଣ ନ୍ୟାୟ ଦେବାରେ ଇଶ୍ୱରଙ୍କର ଶୈଳୀ ଏତେ ଦୁର୍ବଳ? ନିଜର କିଛି ଦେୟ ପାଇବା ପାଇଁ ଏସବୁ ଭ୍ରାନ୍ତି କଥା ଏବଂ ଲୋଭ ଦେଖାଉଛନ୍ତି। ଶୀଘ୍ର ଏଠାରୁ ଚାଲିଯାନ୍ତୁ। ରୋଗୀ ଏଥର ଚକାପାରି ହୃଦୟର ଗଭୀରତାରୁ କହିଲା- ହେ ଇଶ୍ୱର, ମୁଁ ସତରେ ପାପୀ, କିନ୍ତୁ ତୁମେ ନ୍ୟାୟ ପ୍ରିୟ ପରମେଶ୍ୱର, ମୋତେ ଦୟା କରନ୍ତୁ। ମୁଁ ସେହିସବୁ କଥା କରିନି ଯାହା କରିବା ପାଇଁ ଆପଣ ମୋତେ ଆଦେଶ ଦେଇଥିଲେ। କିନ୍ତୁ ସେହି ସବୁ କାର୍ଯ୍ୟ କରିଛି ଯାହା ଆପଣ ନିୟମ ବିରୁଦ୍ଧ କରିଥିଲେ। ବିନମ୍ରତା ଏବଂ ଦୁଃଖର ସହିତ କହୁଛି ମୋ ସହିତ ସେମିତି ହେଉ ଯେମିତି ତୁମେ ଚାହୁଁଛ ।

# ଶିକ୍ଷା କ୍ଷେତ୍ରରେ ବାଣିଜ୍ୟକରଣ

ଡ. ଲକ୍ଷ୍ମଣ ସାହୁ



ଶିକ୍ଷା ହେଉଛି ଗୋଟିଏ ଜାତିର ପ୍ରଗତି ଓ ସଂସ୍କୃତିର ଚାବିକାଠି। ସେଥିପାଇଁ ଶିକ୍ଷା କଲ୍ୟାଣକାରୀ ରାଷ୍ଟ୍ରର ବିଷୟ, ବ୍ୟବସାୟିକ ଘର ପାଇଁ ନୁହେଁ। ଶିକ୍ଷା କେବଳ ସଫଳ ବୃତ୍ତିଗତ ସୃଷ୍ଟି କରିବା ବିଷୟରେ ନୁହେଁ, ଏହା ସମ୍ବେଦନଶୀଳ ଓ ସଚେତନ ମଣିଷଙ୍କ ବିକାଶକୁ ମଧ ପ୍ରୋତ୍ସାହିତ କରେ। ପରିସଂଖ୍ୟାନ ଦର୍ଶାଏ ଯେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ପାଇଁ ଦେଶରେ ପ୍ରାୟ ୧.୪୭ ନିୟୁତ ସରକାରୀ ବିଦ୍ୟାଳୟ ଅଛି। ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍, କମ୍ପ୍ୟୁଟର, ସ୍ମାର୍ଟ କ୍ଲାସ, ମାଗଣା ପାଠ୍ୟପୁସ୍ତକ, ମଧ୍ୟାହ୍ନ ଭୋଜନ, ଛାତ୍ରବୃତ୍ତି ଓ ସମଗ୍ର ଶିକ୍ଷା ଭଳି ପ୍ରକଳ୍ପ ଶିକ୍ଷାକୁ ବିସ୍ତାର କରିଛି। ୨୪୦ ନିୟୁତ ଛାତ୍ରଛାତ୍ରୀ ଓ ପ୍ରାୟ ୧୦ ନିୟୁତ ଶିକ୍ଷକ ସହିତ ଭାରତର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବବୃହତ। କିନ୍ତୁ ପିଲାମାନେ ପାଉଥିବା ଗୁଣାତ୍ମକ ଶିକ୍ଷା କ'ଣ ଏହି ବିଶାଳ ପରିମାଣ ସହିତ ସମାନ?

ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି ଯେ ଦେଶ ଦୁର୍ଗମ ଅଞ୍ଚଳରେ ସ୍କୁଲ ପ୍ରବେଶ ପାଇଁ ପ୍ରାୟ ସଫଳ ହୋଇଥିଲେ ମଧ ଗୁଣାତ୍ମକ ଶିକ୍ଷାର ସ୍ୱପ୍ନ ଅଧୁରା ରହିଛି। ଦେଶର ଏକ ଲକ୍ଷରୁ ଅଧିକ ସ୍କୁଲ କେବଳ ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ। ଏହା ଶିକ୍ଷାର ସବୁଠାରୁ ଦୁର୍ବଳ ଦିଗ। ଏହି ସ୍କୁଲଗୁଡ଼ିକରେ ଜଣେ ଶିକ୍ଷକ କେବଳ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ପାଠପଢ଼ା ପାଇଁ ଦାୟୀ ନୁହନ୍ତି, ବରଂ ମଧ୍ୟାହ୍ନ ଭୋଜନ, ବୈଠକ ଓ ବିଭାଗୀୟ ପୋର୍ଟାଲରେ ତଥ୍ୟ ଅପଲୋଡ୍ କରିବା ପାଇଁ ମଧ ଦାୟୀ। ଏହି ପରିସ୍ଥିତିରେ ଜଣେ ଶିକ୍ଷକ କିପରି ଶ୍ରେଣୀଗୃହକୁ ଆଲୋଚନା ପାଇଁ ଏକ ପ୍ରାଣବନ୍ତ ପ୍ଲାଟଫର୍ମ କରିବାରେ ଓ ଏକ ଖୁସି ଶିକ୍ଷା ପରିବେଶ ସୃଷ୍ଟି କରିବାରେ ସଫଳ ହୋଇପାରିବେ? ପଚିଶ ପ୍ରତିଶତ ସ୍କୁଲରେ ପଚାଶରୁ କମ୍ ଛାତ୍ର ଅଛନ୍ତି। କିଛି ସ୍କୁଲରେ କେବଳ ଦଶ ଜଣ ଛାତ୍ର ଅଛନ୍ତି। ଏମାନେ ଏପରି ପରିବାରରୁ ଯେଉଁମାନଙ୍କର ପ୍ରଥମ ପିଢ଼ି ସ୍କୁଲରେ ପଢ଼ିଛନ୍ତି। ଏପରି ସ୍କୁଲରେ ଉଜ୍ଜ୍ୱଳ ଓ ଦୁର୍ବଳ ଛାତ୍ରଛାତ୍ରୀଙ୍କ ଏକ ମିଶ୍ରିତ ସମକକ୍ଷ ଗୋଷ୍ଠୀ ମଧ ଗଠନ କରାଯାଇପାରିବ ନାହିଁ।ଏହି ପରିସ୍ଥିତିରେ ଏକ ସ୍ପନ୍ଦନଶୀଳ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଗଠନ କରିବା ପରିବର୍ତ୍ତେ ଶିକ୍ଷକମାନେ ପାଠ୍ୟକ୍ରମକୁ ଯଥାସମ୍ଭବ ପରିଚାଳନା କରିବାର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତି ଏପରି ଯେ ଅନେକ ସ୍କୁଲ ଖୋଲିଛି ଓ ନାମଲେଖା ମଧ ବୃଦ୍ଧି ପାଇଛି। କିନ୍ତୁ ଲକ୍ଷ ଲକ୍ଷ ଶିକ୍ଷକ ପଦବୀ ଖାଲି ରହିଛି। ଯେତେବେଳେ ନିଯୁକ୍ତି ହେବାକୁ ଯାଏ ସେତେବେଳେ ମାମଲା କୋର୍ଟରେ ପହଞ୍ଚିଯାଏ ଏବଂ ଦୀର୍ଘ ସମୟ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୁଏ। ଏହା ଶିକ୍ଷାର ପ୍ରକୃତ ମାପକାଠି, ଶିକ୍ଷଣକୁ ଦୁର୍ବଳ କରିଦିଏ। ଏହି ଦୁର୍ବଳତା ମାଧ୍ୟମିକ ଓ ଉଚ୍ଚଶିକ୍ଷାକୁ ଆହୁରି ପ୍ରଭାବିତ କରେ। ଏହା ମାଧ୍ୟମିକ ସ୍ତରରେ ପ୍ରାୟ ୧୧ ପ୍ରତିଶତ ଡ୍ରପ୍‌ଆଉଟ୍ ହାରକୁ ନେଇଥାଏ ଏବଂ ସମଗ୍ର ଶିକ୍ଷା ଗଠନକୁ ବାଧାପ୍ରାପ୍ତ କରେ। ଯେଉଁମାନେ ଏକଦା ସରକାରୀ ଶିକ୍ଷାକୁ ସେମାନଙ୍କ ପିଲାମାନଙ୍କ ପାଇଁ ଏକ ସ୍ୱାଭାବିକ ପସନ୍ଦ ବୋଲି ଭାବୁଥିଲେ, ସେମାନେ ଏବେ ଘରୋଇ ବିଦ୍ୟାଳୟ ଆଡକୁ ଚାହିଁଛନ୍ତି। ଏହା ମୂଳତଃ ବିଶ୍ୱାସର ସଙ୍କଟ। ସରକାରୀ ବିଦ୍ୟାଳୟ ସାମାଜିକ ନ୍ୟାୟ, ସମାନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ଶିକ୍ଷା ପାଇଁ ଏକ ମାଧ୍ୟମ ହୋଇଛି। ଏହି ବିଶ୍ୱାସ ହରାଇବା ଅର୍ଥ ଗଣତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରିବା।

ସ୍ୱାଧୀନତା ପୂର୍ବରୁ ମଧ ଡୁନ୍, ସୋଫିଆ, ମାୟୋ, ତାଲୁକଦାର କଲେଜ ଭଳି କଲେଜ ଥିଲା। ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ସାମନ୍ତବାଦୀ ଶ୍ରେଣୀର ପିଲାମାନଙ୍କ ପାଇଁ ଥିଲା। ଯଦିଓ ଏଗୁଡ଼ିକ ଚମକ ଓ ଗୁଣାତ୍ମକ ଦୃଷ୍ଟିରୁ ଉତ୍କୃଷ୍ଟ ଥିଲେ, ସାଧାରଣ ଜନତାଙ୍କ ମଧ୍ୟରେ ଏଗୁଡ଼ିକର ଆକର୍ଷଣର ଅଭାବ ଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ଶିକ୍ଷାର ଜାତୀୟକରଣ ଓ ଏକ ସମାନ ପାଠ୍ୟକ୍ରମ ଚର୍ଚ୍ଚିତ ବିଷୟ ଥିଲା। ଏହି ଚିନ୍ତାଧାରା ମହାତ୍ମା ଗାନ୍ଧୀ, ବିନୋବା ଭାବରେ, ଆନି ବେସାନ୍ତ ଓ ଡକ୍ଟର ଜାକିର ହୁସେନଙ୍କ ଭଳି ବ୍ୟକ୍ତିତ୍ୱଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସମସ୍ତଙ୍କୁ ସମାନ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ବ୍ୟାପକ ନୀତି, ଢାଞ୍ଚା ଓ କାର୍ଯ୍ୟାନ୍ୱୟନ ଯୋଜନା ବିକଶିତ ହୋଇଥିଲା। ସମ୍ବିଧାନ ଏଥିପାଇଁ ଦଶ ବର୍ଷର ସମୟସୀମା ମଧ ସ୍ଥିର କରିଥିଲା। ଯାହା ହେବାର ଥିଲା ତାହା ହେଉଛି ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା। ବ୍ୟକ୍ତିତ୍ୱ ପରୀକ୍ଷା ଆଧାରରେ ଶିକ୍ଷକମାନଙ୍କୁ ଚୟନ କରାଯିବ। ଶ୍ରେଣୀ ବିବିଧତା ଓ ମୂଲ୍ୟ ବୃଦ୍ଧି ଲକ୍ଷ୍ୟକୁ ପରିଚାଳନା କରିବା ପାଇଁ ଦାୟିତ୍ୱ ସୃଷ୍ଟି କରିବା ପାଇଁ ଶିକ୍ଷକ ତାଲିମ ପ୍ରଦାନ କରାଯିବ। ଏହା ବଦଳରେ ଶିକ୍ଷକମାନଙ୍କୁ ପାଠ୍ୟକ୍ରମକୁ ଯାନ୍ତ୍ରିକ ଭାବରେ ସମାପ୍ତ କରିବା ପାଇଁ ତାଲିମ ଦିଆଯାଇଥିଲା ଓ ଶିକ୍ଷା ଆନ୍ଦୋଳନ ଆରମ୍ଭ ହୋଇଥିଲା।

ଏହି ନୀତି ଯୋଜନାକାରୀଙ୍କ ମଧ୍ୟରେ ଏକ ଗଭୀର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱର ପରିଣାମ ଥିଲା। ପ୍ରକୃତରେ ସ୍ୱାଧୀନତା ପରେ ଶିକ୍ଷା ବ୍ୟବସ୍ଥାକୁ ହାତକୁ ନେଇଥିବା ବର୍ଗ ଅକ୍ସଫୋର୍ଡ ଓ କେମ୍ବ୍ରିଜର ମହିମା ଦ୍ୱାରା ପ୍ରଭାବିତ ହୋଇଥିଲେ। ପ୍ରାଚୀନ ଶିକ୍ଷା ବ୍ୟବସ୍ଥାକୁ ଗଭୀର ଭାବରେ ଅଧ୍ୟୟନ କରିବା ସହିତ ନାଳନ୍ଦା ଓ ତକ୍ଷଶିଳା ଭଳି ଆଦିବାସୀ ମଡେଲରୁ ପ୍ରେରଣା ନେବା ପାଇଁ ସେମାନଙ୍କ ପାଖରେ ସଂସ୍କୃତିର ଅଭାବ ଥିଲା। ଫଳସ୍ୱରୂପ ଶିକ୍ଷା ସମାନତା ହାସଲ କରିପାରିଲା ନାହିଁ। ଫଳରେ ସରକାରୀ ଶିକ୍ଷା ବିଭିନ୍ନ ସ୍ତରରେ ସାମରିକ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ସାଧାରଣ ବିଦ୍ୟାଳୟରେ ବିଭକ୍ତ ହୋଇଗଲା। ଆଉକିଛି ଚର୍ଚ୍ଚ ଓ ଅନ୍ୟାନ୍ୟ ଧାର୍ମିକ ସଂଗଠନ ମଧ ବିଦ୍ୟାଳୟ ଚଳାଇ ଚାଲିଲେ। ସେଭଳି ସହରଗୁଡ଼ିକରେ ମହାଜନଙ୍କ ବିଦ୍ୟାଳୟ ମଧ ଖୋଲିବାକୁ ଲାଗିଲା। ଶିକ୍ଷାର ମୂଳଦୁଆ କ୍ଷେତ୍ରରେ ଏଭଳି ଅସଙ୍ଗତି ସତ୍ତ୍ୱେ ପ୍ରାରମ୍ଭରେ ସମାନତା, ସ୍ୱାଧୀନତା ଓ ଭ୍ରାତୃତ୍ୱର ମୂଲ୍ୟବୋଧ ଉପରେ ଆଧାରିତ ଥିଲା। ଜାତି ବ୍ୟବସ୍ଥା ଓ ଅସ୍ପୃଶ୍ୟତା ଭଳି ଅସମାନତା ସତ୍ତ୍ୱେ ସମସ୍ତଙ୍କ ପାଇଁ ପ୍ରବେଶ ଖୋଲା ଥିଲା। ଆଧୁନିକ ଶିକ୍ଷା ସାର୍ବଜନୀନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଆରମ୍ଭ ହୋଇଥିଲା। ତଥାପି ବିଶ୍ୱ ବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ସମର୍ଥନରେ ଯେଉଁ ଅର୍ଥନୈତିକ ଗଠନ ଆରମ୍ଭ ହୋଇଥିଲା ତାହା ସାର୍ବଜନୀନ ହିତ ଓ ସାର୍ବଜନୀନ କ୍ଷେତ୍ର ପାଇଁ ସବ୍‌ସିଡିକୁ ଧୀରେ ଧୀରେ ହ୍ରାସ ଓ ବାଦ ଦେବାର ନୀତି ଦ୍ୱାରା ପରିଚାଳିତ। ଫଳସ୍ୱରୂପ ଅଣ ଅନୁଦାନ ପ୍ରାପ୍ତ ମାନ୍ୟତା ଆରମ୍ଭ ହୋଇଛି, ଭିତ୍ତିଭୂମି ନାମରେ ନୂତନ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିପୁଳ ଅର୍ଥ ଯୋଗାଇ ଦିଆଯାଉଛି।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ପାଣ୍ଠିର ଉତ୍ସ ଖୋଜିବା ପାଇଁ ଉତ୍ସାହିତ କରିବା ଆରମ୍ଭ କରିଛି। ସେମାନଙ୍କୁ ବହୁରାଷ୍ଟ୍ରୀୟ କର୍ପୋରେସନଗୁଡ଼ିକର ସମର୍ଥନ ନେବାକୁ ମଧ ପରାମର୍ଶ ଦିଆଯାଉଛି। ବିଦେଶୀ କର୍ପୋରେସନଗୁଡ଼ିକ ସହାୟତା କରିବାକୁ ପ୍ରସ୍ତୁତ। ଏହା ସେମାନଙ୍କୁ ଯଥେଷ୍ଟ ଆର୍ଥିକ ଲାଭ ପ୍ରଦାନ କରିବା ସହ ବଜାରମୁଖୀ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ପ୍ରତିଭା ବିକାଶ କରିବାର ସୁଯୋଗ ମଧ ପ୍ରଦାନ କରେ। ଶିକ୍ଷା କ୍ରମଶଃ ମହଙ୍ଗା ହେଉଛି।ଫି' ଓ ପାଠ୍ୟକ୍ରମ ସାମଗ୍ରୀର ମୂଲ୍ୟ ନିରନ୍ତର ବୃଦ୍ଧି ପାଉଛି। ଡ୍ରାଫ୍ଟ ନିୟମାବଳୀ ୨୦୨୩ ପ୍ରକାଶିତ ହୋଇଛି। ଏହା ବିଦେଶୀ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଚଶିକ୍ଷାରେ ଅଂଶଗ୍ରହଣ କରିବା ପାଇଁ ପଥ ପ୍ରଶସ୍ତ କରେ। ତଥାପି ଏହା ଗରିବ ଓ ଅବହେଳିତଙ୍କ ପାଇଁ ଛାତ୍ରବୃତ୍ତିର ଦ୍ୱାର ମଧ ଖୋଲିଦିଏ। ତଥାପି ସମସ୍ୟା ହେଉଛି ଯେ ଏପରି ବିଷୟଗୁଡ଼ିକ ପ୍ରାୟତଃ ଓଠ ସେବାର ବିଷୟ ହୋଇଯାଏ। ଏହା କହିବା ଭୁଲ ହେବ ନାହିଁ ଯେ କେବଳ ସେହି ପିଲାମାନେ ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି ଯେଉଁମାନଙ୍କର ପିତାମାତା ଘରୋଇ ସ୍କୁଲରେ ପାଠପଢ଼ା ଖର୍ଚ୍ଚ ତୁଲାଇ ପାରନ୍ତି ନାହିଁ। ଅଧିକାଂଶ ସରକାରୀ ସୁବିଧା ପାଇବା ପାଇଁ ସ୍କୁଲରେ ନାମ ଲେଖାନ୍ତି। ଶିକ୍ଷାର ବାର୍ଷିକ ସ୍ଥିତି ରିପୋର୍ଟରେ ସରକାରୀ ସ୍କୁଲରେ ନାମ ଲେଖା ବୃଦ୍ଧି ପାଇଛି। ଅବଶ୍ୟ ଏହା ଭୁଲ ନୁହେଁ। ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ- ୨୦୦୯ ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହି ଆଇନ ଅନୁଯାୟୀ ସ୍କୁଲ ଯାଉଥିବା ପିଲାମାନଙ୍କ ପିତାମାତାଙ୍କୁ ସ୍କୁଲ ପରିଚାଳନାରେ ନେତୃତ୍ୱ ଭୂମିକା ଦିଆଯାଇଛି। ଏହାର ଏକ ସକାରାତ୍ମକ ପ୍ରଭାବ ପଡ଼ିଛି। ନାଟ, ବେଡିଆ, ଧରିକର, ବର୍ମନ, ମାଙ୍ଗଟା, ରାଙ୍କି ଓ କନକାଲି ଭଳି ଜାତିର ପ୍ରଥମ ପିଢ଼ିର ପିଲାମାନଙ୍କୁ ନାମ ଲେଖାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁମାନେ ପୂର୍ବରୁ ଶିକ୍ଷାରୁ ବଞ୍ଚିତ ଥିଲେ।

> **ଏହା କହିବା ଭୁଲ ହେବ ନାହିଁ ଯେ କେବଳ ସେହି ପିଲାମାନେ ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି ଯେଉଁମାନଙ୍କର ପିତାମାତା ଘରୋଇ ସ୍କୁଲରେ ପାଠପଢ଼ା ଖର୍ଚ୍ଚ ତୁଲାଇ ପାରନ୍ତି ନାହିଁ । ଅଧିକାଂଶ ସରକାରୀ ସୁବିଧା ପାଇବା ପାଇଁ ସ୍କୁଲରେ ନାମ ଲେଖାନ୍ତି ।**

ସରକାରୀ ବିଦ୍ୟାଳୟଗୁଡ଼ିକ ହୁଏତ ଉପେକ୍ଷିତ ଛାତ୍ରମାନଙ୍କରେ ପରିପୂର୍ଣ୍ଣ ହୋଇପାରେ।ତଥାପି ସେମାନଙ୍କ ପାଖରେ ତର୍କ, ସ୍ମୃତି, କଳ୍ପନା, ଚିନ୍ତନ, ଆଗ୍ରହ, ସମ୍ବେଦନଶୀଳତା ଓ କୌତୁହଳ ଭଳି ମାନସିକ କ୍ଷମତା ମଧ ଅଛି। ଯାହା ହଜିଯାଉଛି ତାହା ହେଉଛି ଏକ ଉତ୍ସାହଜନକ ପରିବେଶ। ଏଥିପାଇଁ ଅଭିନବ, ଶିଶୁକୈନ୍ଦ୍ରିକ ଓ ସୁନ୍ଦର ଶିକ୍ଷାଦାନ ଆବଶ୍ୟକ। ଏହା ମାଧ୍ୟମରେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କ୍ଷମତା ଓ ସମ୍ଭାବନାକୁ ମୁକ୍ତ କରିପାରିବେ। ଯାହା ସେମାନଙ୍କର ବ୍ୟକ୍ତିଗତ ବିକାଶ ପାଇଁ ପଥ ପ୍ରଶସ୍ତ କରିବ। ଅନେକ ଶିକ୍ଷକ ସେମାନଙ୍କର ଉଦ୍ଭାବନ ସହିତ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି। ତଥାପି ଅନେକ କର୍ମଚାରୀ ଓ ସମ୍ବଳର ଅଭାବ ପାଇଁ ଦୁଃଖ କରନ୍ତି। ଯଦି ଏହି ଶିକ୍ଷକମାନେ ସମୟ ମଧ୍ୟରେ ସେମାନଙ୍କର ଶିକ୍ଷାଦାନ କୌଶଳରେ ଆଗ୍ରହ, ଗତିଶୀଳତା ଓ ନୂତନତ୍ୱ ପ୍ରବେଶ କରାଇବାରେ ବିଫଳ ହୁଅନ୍ତି ତେବେ ସେମାନେ ସରକାରୀ ଶିକ୍ଷା ବ୍ୟବସ୍ଥାର ପତନ ପାଇଁ ଦାୟୀ ରହିବେ !

ତାରା ନିଳୟ , ପ୍ଲଟ-୮୫୪/ଏ,
ଲକ୍ଷ୍ମୀନାରାୟଣ ବିହାର
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫

# ଶ୍ରୀଜଗନ୍ନାଥ ସଂସ୍କୃତିରେ ମିଶରୀୟ ପୌରାଣିକ ସଂସ୍କୃତିର ପ୍ରଭାବ

ଡ. ପ୍ରଦୀପ ସେନାପତି

ଶ୍ରୀଜଗନ୍ନାଥଙ୍କ ବିଷୟରେ କେତେକ ପୁରାଣରେ ବର୍ଣ୍ଣିତ ଆଖ୍ୟାନ ସ୍ଥାନୀୟ ଲୋକଗଳ୍ପକୁ ନେଇ ରଚିତ ହୋଇଛି। ସାରଳା ଦାସଙ୍କ ମହାଭାରତରେ ବର୍ଣ୍ଣିତ ଯେ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ଶବ ସମୁଦ୍ରରେ ଭାସି ଭାସି କାଳକ୍ରମେ ଦାରୁରେ ପରିଣତ ହେଲା। ସେହି ଦାରୁ ପୁରୀ ସମୁଦ୍ର ତଟରେ ଲାଗିବା ପରେ ତାହା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସଂଗୃହୀତ ହୋଇ ସେଥିରେ ଜଗନ୍ନାଥ ମୂର୍ତ୍ତି ନିର୍ମାଣ କରାଗଲା।

ପ୍ରାଚୀନ ଇଜିପ୍ଟର ପୌରାଣିକ ଲୋକଗଳ୍ପ ଅନୁଯାୟୀ- ସୂର୍ଯ୍ୟ ଦେବତାଙ୍କର 'ନଟ୍' ଓ 'ଜେବ୍' ନାମକ ପୁତ୍ର ଏବଂ କନ୍ୟା ଥିଲେ। ପରବର୍ତ୍ତୀ କାଳରେ ସେମାନେ ମଧ 'ପତି ପତ୍ନୀ' ହୋଇଥିଲେ। ସେମାନଙ୍କର ପୁତ୍ର ଓ କନ୍ୟା ଯଥାକ୍ରମେ ଓସିରିସ୍ ଓ ଇସିସ୍ ମଧ ପତି ପତ୍ନୀ ହେଲେ। ସୂର୍ଯ୍ୟ ଦେବତାଙ୍କର ଇଚ୍ଛାନୁଯାୟୀ ଓସିରିସ୍ ଇଜିପ୍ଟର ସମ୍ରାଟ ହୋଇଥିଲେ। କିନ୍ତୁ ତାଙ୍କ ସାନଭାଇ 'ସେଟ୍' ଏଥିପାଇଁ ଓସିରିସ୍‌ଙ୍କୁ ଭୀଷଣ ଈର୍ଷା କରୁଥିଲେ। ଥରେ ସେ କୌଶଳରେ 'ଓସିରିସ୍'ଙ୍କୁ ବନ୍ଦୀ କରି ଏକ ସିନ୍ଦୁକରେ ପୂରାଇ ନୀଳନଦୀରେ ଭସାଇ ଦେଲେ।

ନଦୀରୁ ଭାସିଯାଇ ସିନ୍ଦୁକଟି ସମୁଦ୍ରରେ ବହୁ ଦୂରକୁ ଭାସିଗଲା ଓ ଶେଷରେ କୂଳକୁ ଆସି ଗୋଟିଏ ଗଜା ଗଛରେ ଲାଗିଲା। ଗଛଟି ଧୀରେ ଧୀରେ ବଢ଼ିବାରୁ ସିନ୍ଦୁକଟି ଗଛର ଗଣ୍ଡି ଭିତରେ ରହିଗଲା ଏବଂ ସେହି ଗଛଟିକୁ ସେହି ଅଞ୍ଚଳର ରାଜା କାଟିନେଲେ। ତା' ଗଣ୍ଡିରେ ନିଜ ଉଆସ ପାଇଁ ଏକ ଖମ୍ବ ନିର୍ମାଣ କଲେ। ଓସିରିସ୍‌ଙ୍କ ପତ୍ନୀ ଓ ଭଗ୍ନୀ ଇସିସ୍ ଏହା ମନ୍ତ୍ର ବଳରେ ଜାଣିପାରି ବହୁ କଷ୍ଟରେ ସେହି ଖମ୍ବରୁ ଓସିରିସ୍‌ଙ୍କ ଦେହକୁ ଉଦ୍ଧାର କଲେ। କିନ୍ତୁ ତାଙ୍କୁ ଜୀବନ ଦେଇପାରିଲେ ନାହିଁ।

ଏହି ଦୁଇଟି ଆଖ୍ୟାନରେ ଗୋଟିଏ ସାମଞ୍ଜସ୍ୟ ରହିଛି। ଦେବତାଙ୍କ ଦେହ ସମୁଦ୍ରରେ ଭାସିଯିବା ପରେ ଦାରୁ ବା କାଠ ଗଣ୍ଡିରେ ପରିଣତ ହେବା। କିନ୍ତୁ ଏତିକିରେ ଏହାର ଶେଷ ହୁଏ ନାହିଁ। ପୁଣି ଯାମଳତନ୍ତ୍ରରେ ମଧ ସୁଭଦ୍ରାଙ୍କୁ ଜଗନ୍ନାଥଙ୍କ ଶକ୍ତି ରୂପେ ଗ୍ରହଣ କରାଯାଇଛି। ଅର୍ଥାତ୍ ମିଶରୀୟ ପୁରାଣ ଓ ଜୀବନଶୈଳୀର ପ୍ରଭାବ ଦିନେ ଏଠାରେ ଧର୍ମ ଦର୍ଶନ ଗଢ଼ି ଉଠିଲା। ଏହାର ପ୍ରତିଛବି ମିୟାମାର ବା ବର୍ମାର ଶ୍ରୀକ୍ଷେତ୍ର ଇତିହାସରେ ଦେଖିବାକୁ ମିଳେ। ଏହି ଶ୍ରୀକ୍ଷେତ୍ର ପଞ୍ଜିକା ଅନୁଯାୟୀ ଏଠାରେ 'ପ୍ୟୁ' ବଂଶୀୟ ରାଜା 'ଦ୍ୱାତବଙ୍ଗ' ନିଜର ଭଉଣୀକୁ ବିବାହ କରିଥିଲେ। ରାଜ ପରିବାରରେ ଭାଇଭଉଣୀ ବିବାହ ହେବା ପ୍ରଥା ସେଠାରେ ନବମ ଶତାବ୍ଦୀ, ଅର୍ଥାତ 'ପ୍ୟୁ' ରାଜବଂଶର ଶେଷକାଳ ପର୍ଯ୍ୟନ୍ତ ରହିଥିଲା। ପ୍ରାଚୀନ କଳିଙ୍ଗର ଶ୍ରୀକ୍ଷେତ୍ରରୁ ବର୍ମାଯାଇ ସେଠାରେ ଏକ ଶ୍ରୀକ୍ଷେତ୍ର ନଗରୀ ପ୍ରତିଷ୍ଠା କରିଥିବା ଲୋକ ଓ ସେମାନଙ୍କ ରାଜାଙ୍କର ଜୀବନଯାପନ ଶୈଳୀ ମିଶରୀୟ ସଂସ୍କୃତି ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ଏମିତି ଅନେକ ପ୍ରମାଣ ସେଇ ମିୟାମାର ଇତିହାସରେ ଦେଖିବାକୁ ମିଳେ।

ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ 'ପ୍ୟୁ'ମାନଙ୍କ ସାମ୍ରାଜ୍ୟର ପତନ ଆରମ୍ଭ ହେବାରୁ ଦଳେ 'ପ୍ୟୁ' ଶ୍ରୀକ୍ଷେତ୍ର ନଗରୀରୁ ପଳାଇ ଯାଇ ଇରାବତୀ ଓ ଚିନ୍‌ଡଉଇନ୍ ନଦୀର ମିଳନ ସ୍ଥଳରେ 'ପାଗାନ' ନଗରୀ ସ୍ଥାପନ କରି ବସବାସ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ ପ୍ରେତ ପୂଜାକୁ ଅବଲମ୍ବନ କରି ସେମାନେ 'ପୋ ପ୍ରା' ନାମକ ପାହାଡ଼ରେ ଏକ ଦେବତା ଓ ତାଙ୍କ ଭଗ୍ନୀଙ୍କର ପୂଜା ଆରମ୍ଭ କଲେ। ଏହି ଦେବତାଙ୍କ ବ୍ୟାପାରରେ ଥିବା ଲୋକ ଗଳ୍ପରୁ ଜଣାଯାଏ। ଏକଦା



ଲୋକମାନଙ୍କ ଦ୍ୱାରା ଆଦୃତ ଭାଇ ଭଉଣୀ ଦୁଇଜଣଙ୍କୁ ଜଣେ ରାଜା ଅନ୍ୟାୟରେ ହତ୍ୟା କଲେ। ମୃତ୍ୟୁ ପରେ ସେମାନେ ଗୋଟଏ ଗଛ ହୋଇ ପୁର୍ନଜନ୍ମ ଲାଭ କଲେ। ସେଇ ଗଛଟିକୁ କେହି ଭାଟିଦେବାରୁ ତା'ର ଗଣ୍ଡି ନଦୀରେ ପଡ଼ି ପାଗାନ ନଗରୀକୁ ଭାସି ଆସିଲା। ସେଇ କାଠରେ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କରି ଲୋକେ ତାହାକୁ ପୋପ୍ପା ପର୍ବତରେ ରଖି ଭକ୍ତିର ସହ ପୂଜା କଲେ। ସାରଳା ଦାସଙ୍କ ମହାଭାରତର ୬୦୦ବର୍ଷ ପୂର୍ବରୁ ପ୍ୟୁ ଅଧ୍ୟୁଷିତ 'ପାଗାନ' ନଗରୀର ଏହି ଜନ ଗଳ୍ପରେ ଇଜିପ୍ଟର ପୁରାଣ ଓ କଳିଙ୍ଗର ଶ୍ରୀକ୍ଷେତ୍ରରେ ପୂଜିତ ଦେବତାଙ୍କ ସମ୍ପର୍କୀତ ଲୋକ ଗଳ୍ପର ସାମଞ୍ଜସ୍ୟ ଦେଖିବାକୁ ମିଳେ। ଏଥିରୁ ଜଣାପଡ଼େ ମୂଳରୁ ଶ୍ରୀକ୍ଷେତ୍ର (ପୁରୀ)ର ମୁଖ୍ୟ ଦେବତାଙ୍କ ମୂର୍ତ୍ତି କାଠରେ ନିର୍ମିତ ହେଉଥିଲା ଓ ତାଙ୍କ ସହ ତାଙ୍କ ଭଉଣୀଙ୍କ ପୂଜା ମଧ ସେଠାରେ ହେଉଥିଲା।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଏଠାରେ ମୂଳ ଇନ୍ଦ୍ର ଦେବତା, ଅସୁର ଦେବତା ବାରହୁକ୍ ଓ ବଳରାମଙ୍କ ସହିତ ହସ୍ତୀରୂପକ ବୁଦ୍ଧଙ୍କର ଉପାସନା ମଧ ଆରମ୍ଭ ହେଲା ଏବଂ ବୌଦ୍ଧ ହୀନଯାନ ଧର୍ମର ଅଗ୍ରଗତି ଯୋଗୁଁ ଏହି ନୂତନ ଦେବତାଙ୍କ ପ୍ରାଧାନ୍ୟ ବଢ଼ିଲା। ଏହାର ଦୁଇବର୍ଷ ପରେ ବୁଦ୍ଧ ବିଷ୍ଣୁଙ୍କ ଅବତାର ରୂପେ ଗୃହୀତ ହେବାରୁ ବୁଦ୍ଧ ଜଗନ୍ନାଥ ମୁଖ୍ୟ ଦେବତା ରୂପେ ସ୍ୱୀକୃତ ହେଲେ। ପୂର୍ବରୁ ବଳରାମ ଓ ତାଙ୍କ ଭଗ୍ନୀ ଶ୍ରୀଦେବୀଙ୍କ ସମ୍ପର୍କରେ ଥିବା ଆଖ୍ୟାନମାନ କାଳକ୍ରମେ ଜଗନ୍ନାଥ ତାଙ୍କ ଭଉଣୀ ସୁଭଦ୍ରାଙ୍କଠାରେ ଆରୋପିତ ହେଲା। ତେଣୁ 'ସ୍କନ୍ଦ ପୁରାଣ' ଓ 'ରୁଦ୍ର ଯାମଳତନ୍ତ୍ର'ରେ ଥିବା ଜଗନ୍ନାଥ ଏବଂ ସୁଭଦ୍ରାଙ୍କ ସମ୍ପର୍କକୁ ବଳରାମ ଓ ଶ୍ରୀଦେବୀଙ୍କ ଭିତରେ ଥିବା ସମ୍ପର୍କ ବୋଲି ବୁଝିବାକୁ ହେବ। ସେଥିପାଇଁ ବଳରାମଙ୍କୁ ହଳଧର ଏବଂ ଲଙ୍ଗଳଧାରୀ କୁହାଯାଏ। କାରଣ ସେ ଦିନେ କୃଷି ଦେବତା ଥିଲେ। ଇଜିପ୍ଟର ଦେବୀ 'ଇସିସ୍' ସ୍ୱାମୀଙ୍କ ଅନୁପସ୍ଥିତି କାଳରେ ଲୋକଙ୍କୁ ସଭ୍ୟତାର ଅଗ୍ରଗତି ପାଇଁ (ଭୂମିଚାଷ ଉଦ୍ଦେଶ୍ୟରେ) ଶିକ୍ଷା ଦେବା କଥା ପୁରାଣରେ ଲେଖାଅଛି।

ଶ୍ରୀଦେବୀଙ୍କୁ ମଧ କୃଷି କ୍ଷେତ୍ରର ଦେବୀ ରୂପେ ଦକ୍ଷିଣ ପୂର୍ବ ଏସିଆର କେତେକ ଦେଶରେ ପୂଜା କରାଯାଏ। ଏଥିରୁ ଯାହା ଜଣାଯାଏ, ପ୍ରାଚୀନ କଳିଙ୍ଗରେ ମଧ କୃଷିକ୍ଷେତ୍ରରେ ଦେବୀ ସ୍ୱୀକୃତ ହୋଇଥିଲେ। ଏହା ବ୍ୟତୀତ ବଳରାମ ଗୋତ୍ରୀ ବ୍ରାହ୍ମଣମାନଙ୍କୁ 'ହଳୁଆ ବ୍ରାହ୍ମଣ' କୁହାଯାଏ। ଓଡ଼ିଶାର ଉପକୂଳ ଜିଲ୍ଲାରେ ବସବାସ କରୁଥିବାର ଜଣାଯାଏ। କୃଷି କର୍ମହିଁ ଏମାନଙ୍କର ପ୍ରଧାନ ଜୀବିକା। ଏମାନଙ୍କର ପୂର୍ବ ପୁରୁଷ ମିଶରରୁ ଆସି ଏଠାରେ ବଳରାମଙ୍କ ଉପାସକ ହୋଇଥିବାର ଅନୁମାନ କରାଯାଏ। ଏକଦା ପୂଜକ ଭାବରେ ଏମାନଙ୍କର ସମାଜରେ ପ୍ରତିଷ୍ଠା ଓ ସମ୍ମାନ ରହିଥିଲା। ଓସିରିସ୍‌ଙ୍କ ବ୍ୟତୀତ ତାଙ୍କ ପୁତ୍ର ହୋରସ୍‌ଙ୍କର କେତେକ ଗୁଣ ମଧ ବଳରାମଙ୍କ ନିକଟରେ ଅଛି। ପ୍ରାଚୀନ ମିଶରୀୟ ଗ୍ରନ୍ଥରେ ହୋରସ୍‌ଙ୍କୁ ଗୋଦେବୀ 'ହା ଥୋର' (ଏକ ଗାଭୀ)ଙ୍କ ପୁତ୍ର ରୂପେ ଦର୍ଶାଯାଇଛି। ବଳରାମଙ୍କ ମାତା ରୋହିଣୀଙ୍କୁ 'ବାୟୁ ପୁରାଣ'ରେ ସ୍ୱର୍ଗଲୋକର ଗାଭୀ ସୁରଭିଙ୍କ କନ୍ୟା କୁହାଯାଉଥିବାରୁ ଦୀର୍ଘ ଅତୀତରେ ଏହି କଥାବସ୍ତୁ ଉପରେ ଆର୍ଯ୍ୟ ପ୍ରଭାବ ପଡ଼ିବା ପୂର୍ବରୁ ରୋହିଣୀ ଏକ ଗାଭୀ ଥିଲେ। ସେହି କାରଣରୁ ବଳରାମଙ୍କ ଜନ୍ମ ଦିବସକୁ ଗୋ ପୂଜାର ଦିନ ଭାବେ ଗ୍ରହଣ କରାଯାଏ।

ଖ୍ରୀ ୧୨୦୦ରେ ସେଠାରୁ ରାଜଧାନୀ ବାରଣାସୀ କଟକ ଆଧୁନିକ କଟକକୁ ସ୍ଥାନାନ୍ତରିତ ହେଲା।ସେତେବେଳକୁ କଳିଙ୍ଗ ରାଜ୍ୟର ସୀମା ଦକ୍ଷିଣରେ ଗୋଦାବରୀଠାରୁ ପୂର୍ବରେ ଗଙ୍ଗା ପର୍ଯ୍ୟନ୍ତ ବିସ୍ତାରଲାଭ କରିଥିଲା। ଖ୍ରୀ୧୩୦୦ରେ ମହାରାଜା ଅନଙ୍ଗ ଭୀବଦେବ ଶ୍ରୀଜଗନ୍ନାଥଙ୍କୁ ତାଙ୍କ ସାମ୍ରାଜ୍ୟର ଅଧୀଶ୍ୱର ରୂପେ ଗ୍ରହଣ କରି ନିଜେ ତାଙ୍କ ଅଧୀନସ୍ଥ 'ରାଉତ'(ସେବକ) ଉପାଧି ପାଇଥିଲେ। ସେତେବେଳକୁ ଉତ୍କଳରେ ବୈଷ୍ଣବ ଧର୍ମର ପ୍ରସାର ହୋଇସାରିଥିଲା। ନୀଳାଚଳର ପ୍ରସିଦ୍ଧି ଭାରତର ଚତୁର୍ଦ୍ଦିଗରେ ବ୍ୟାପି ସାରିଥିଲା।

ଶିଳାଖଣ୍ଡରୂପେ ଶବରୀ ନାରାୟଣରୁ ଦାରୁବ୍ରହ୍ମରୂପୀ ଜଗନ୍ନାଥଙ୍କ ଏହି ଅଭିବ୍ୟକ୍ତି ମଧ୍ୟରେ ଶାବର, ବୌଦ୍ଧ, ଜୈନ, ଶୈବ, ସୌର, ଗାଣପତ୍ୟ, ଶାକ୍ତ, ବୈଷ୍ଣବ ପ୍ରଭୃତି ସବୁ ଧର୍ମ ଓ ମତବାଦର ସମନ୍ୱୟ ଘଟିଲା। କିନ୍ତୁ କେହି କାହାର ସତ୍ତା ହରାଇଲେ ନାହିଁ। ଏହା ହେଉଛି ଜଗନ୍ନାଥ ସଂସ୍କୃତିର ମୂଳ ଆଦର୍ଶ। ଏହି ପରିପ୍ରେକ୍ଷୀରେ ମହେନ୍ଦ୍ର ଗିରି ନିକଟସ୍ଥ ଶବର ପଲ୍ଲୀମାନଙ୍କରେ ଦାରୁବିଗ୍ରହ ପୂଜା ପାଉଛନ୍ତି। ପ୍ରଭୁ ଜଗନ୍ନାଥ 'କିତୁଙ୍ଗ ବା ଜଗନ୍ତ' ନାମରେ ସେମାନଙ୍କ ଦ୍ୱାରା ପୂଜିତ ହେଉଛନ୍ତି। ଶାବର ଜଗନ୍ନାଥ ସମ୍ପୂର୍ଣ୍ଣତଃ ବ୍ରାହ୍ମଣ୍ୟାୟିତ ହୋଇଥିଲେ ହେଁ ନିଜର ଶାବର ସତ୍ତା ଅକ୍ଷୁଣ୍ଣ ରଖିଛନ୍ତି।

ମୋ: ୭୮୪୮୮୯୮୪୫୬

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ବିଡିଓ, ବିଇଓଙ୍କ ହସ୍ତକ୍ଷେପ: ୨୨ ଦିନପରେ ଖୋଲିବ ମୁଣ୍ଡିମାଲ ସ୍କୁଲ



ଝରିଗାଁ,୯।୭(ନି.ପ୍ର): ଝରିଗାଁ ବ୍ଲକ, ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡିମାଲ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ନିକଟ ସରକାରୀ ଜାଗାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ବିବାଦକୁ ନେଇ ଦୀର୍ଘ ତିନି ସପ୍ତାହ ଉର୍ଦ୍ଧ ସମୟ ଧରି ସ୍ଥାନୀୟ ଶତାଧିକ ଗ୍ରାମବାସୀ ଏବଂ ଅଭିଭାବକ ତାଲା ପକାଇ ବନ୍ଦ ରଖିଥିଲେ। ଗ୍ରୀଷ୍ମ ଛୁଟି ପରେ ଜୁନ୍ ୧୭ ତାରିଖରେ ସବୁ ବିଦ୍ୟାଳୟ ଖୋଲିଥିବା ବେଳେ ସେହି ଦିନ ତାଲା ଠୁଙ୍କି ଥିଲେ ଗ୍ରାମବାସୀ। ଆଜିକୁ ୨୨ ଦିନ ହେବ ସ୍କୁଲ ବନ୍ଦ ରହିଥିଲା। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ସମୁଦାୟ ୧୫୪ ଛାତ୍ରଛାତ୍ରୀ ପଢୁଥିବା ବେଳେ ତିନି ସପ୍ତାହ ଧରି ପିଲା ଶିକ୍ଷା ଗ୍ରହଣରୁ ବଞ୍ଚିତ ରହିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପ୍ରସ୍ତାବନା ତାଲିକା ମଧ୍ୟରେ ମୁଣ୍ଡି ମାଲ ଗ୍ରାମକୁ ସାମିଲ କରାଯାଇଥିଲା। ୧ ନଂ ଓ ୨ ନଂ ୱାର୍ଡର ୯ ଖଣ୍ଡ ପଡା ବାସୀଙ୍କ ଦାବି ପ୍ରକାରେ ମୁଣ୍ଡି ମାଲ ଗ୍ରାମରେ ଜିଏମ୍ଏସ୍ ସ୍ଥାପନ ହେଲେ ଶତାଧିକ ଛାତ୍ରଛାତ୍ରୀ ଉପକୃତ ହେବା ସହ ଇଚ୍ଛାପୁର ପଞ୍ଚାୟତ ସଦର ତିନି କିମିରୁ ଉର୍ଦ୍ଧ ବାଟ ଯିବାରୁ ତ୍ରାହି ହେବେ ବୋଲି ଗ୍ରାମବାସୀ ଦାବି କରି ଆସୁଥିଲେ। ଏମାନଙ୍କ ଦାବିକୁ ପ୍ରତ୍ୟାଖ୍ୟାନ ପରେ ଗ୍ରାମବାସୀ ତାଲା ପକାଇ ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣରେ ବିଳମ୍ବ ଛାତ୍ରଛାତ୍ରୀଙ୍କ ପାଠପଢାରେ ନିଶ୍ଚିତ କ୍ଷତି ପହଞ୍ଚାଇଛି। ଝରିଗାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ, ଗୋଷ୍ଠୀ ଶିକ୍ଷାଧିକାରୀ ଅମର ସିଂ ନାୟକ ଓ ସିଆର୍ସି ନବଘନ ଗୌଡ଼ ମୁଣ୍ଡି ମାଲ ଗସ୍ତ କରି ବିଦ୍ୟାଳୟ କର୍ତ୍ତୃପକ୍ଷ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ସ୍ଥାନୀୟ ବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ମୁଣ୍ଡି ମାଲ ଠାରେ ଜିଏମଏସ୍ ସ୍ଥାପନ ଓ ଜାଗା ଚିହ୍ନଟ କରିବାକୁ ପ୍ରତିଶ୍ରୁତି ଦେବା ପରେ ସମସ୍ୟାର ସମାଧାନ ହୋଇଥିଲା। ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ଶିକ୍ଷା ବିଭାଗର ପ୍ରୟାସରେ ବିବାଦ ତୁଟିବା ପରେ ଶୁକ୍ରବାର ଠାରୁ ବିଦ୍ୟାଳୟ ଖୋଲିବା ବୋଲି ସୂଚନା ଦେଇଛି।

## ନିଲମ୍ବିତ ପ୍ରଧାନ ଶିକ୍ଷୟିତ୍ରୀ ଫେରାର

# ସାର୍ଟିଫିକେଟ ନପାଇ ୨ ଆଡ଼ମିସନରୁ ଛାତ୍ରୀ ବଞ୍ଚିତ



ବୁଗୁଡ଼ା,୯।୭(ନି.ପ୍ର): ଦାୟିତ୍ୱ ନଦେଇ ପ୍ରଧାନ ଶିକ୍ଷୟତ୍ରୀ ଫେରାର ଟି.ସି ନପାଇ ଛାତ୍ରୀମାନେ ୨ ଆଡ଼ମିସନରୁ ବଞ୍ଚିତ ହୋଇଛନ୍ତି । ବାଲିପଦରସ୍ଥିତ ଶ୍ରୀ ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧି ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ କାହାକୁ ଦାୟିତ୍ୱ ହସ୍ତାନ୍ତର କରି ନଥିବାରୁ ଏହିପରି ଅବସ୍ଥା ସୃଷ୍ଟି ହୋଇଥିଲା । ଗୁରୁବାର ଅଧିକାଂଶ ପିଲାଙ୍କ ୨ ଆଡ଼ମିସନ ଥିବାରୁ ଟିସି ଓ ଅନ୍ୟାନ୍ୟ ସାର୍ଟିଫିକେଟ ଆଣିବା ପାଇଁ ସ୍କୁଲରେ ପହଞ୍ଚିଥିଲେ। ତେବେ ପ୍ରଧାନ ଶିକ୍ଷୟତ୍ରୀଙ୍କ ପ୍ରକୋଷ୍ଠରେ ଚାବି ପଡ଼ିଥିବା ଏବଂ କୌଣସି ଶିକ୍ଷୟତ୍ରୀଙ୍କୁ ସେ ଦାୟିତ୍ୱ ଦେଇ ନଥିବାରୁ ଅଭିଭାବକମାନେ ହୋହାଲ୍ଲା କରିବା ସହ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ପୋଲିସ କହିବା ପ୍ରକାରେ ଅଭିଭାବକମାନେ ପ୍ରଧାନ ଶିକ୍ଷୟତ୍ରୀଙ୍କ ଘରକୁ ଯାଇଥିଲେ ହେଁ ତାଙ୍କ ଘରେ ତାଲା ଝୁଲୁଥିବା ଦେଖି ନିରାଶରେ ଫେରିଥିଲେ। ପରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କେ.ନୀଳ ମାଧବ ଆଚାରୀ ଘଟଣା ସ୍ଥଳରେ ପହଞ୍ଚି ଜିଲ୍ଲାପାଳଙ୍କୁ ସମସ୍ତ ଅସୁବିଧା ସମ୍ପର୍କରେ ଅବଗତ କରିଥିଲେ।ଜିଲ୍ଲାପାଳ ଡିଇଓଙ୍କୁ ତୁରନ୍ତ ଘଟଣାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଶିକ୍ଷୟତ୍ରୀ ସୁମିତ୍ରା ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରି ପୋଲିସରେ ଅଭିଯୋଗ କରି ତୁରନ୍ତ ତାଲା ଭାଙ୍ଗି ପିଲାଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ପାଇଁ କହିଥିଲେ । ତେବେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ବିନା ତାଲା ଭାଙ୍ଗି ହେବନି ବୋଲି ପୋଲିସ କହିବା ପରେ ଆଜି ସାର୍ଟିଫିକେଟ ନେବା ପାଇଁ ଆସିଥିବା ଅଭିଭାବକ ଓ ଛାତ୍ରୀମାନେ ନିରାଶରେ ଘରକୁ ଫେରିଥିଲେ । ପ୍ରକାଶ ଥାଉ କି, ବୈଜୟନ୍ତୀ ମାଳାଙ୍କ ବିରୁଦ୍ଧରେ ଗ୍ରାମବାସୀ ଆଣିଥିବା ଦୁର୍ନୀତି ଅଭିଯୋଗ କ୍ରମେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶାଙ୍କ ୯୪୫୬ ତା୨୧-୦୫-୨୦୨୬ରିଖ ପ୍ରକାରେ ତାଙ୍କୁ ନିଲମ୍ବନ ଆଦେଶ ପ୍ରଦାନ କରାଯିବା ସହ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ ହାଜିରା ଦେବା ପାଇଁ ନିର୍ଦ୍ଦେଶ ମିଳିଥିଲା । ତେବେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ନା ଆସ୍କା ବିଇଓ ଅଫିସ ଯାଉଥିଲେ ନା ସ୍କୁଲ ଆସୁଥିଲେ ବରଂ ସେ ତାଙ୍କର ନିଲମ୍ବନ ଆଦେଶ ବିରୁଦ୍ଧରେ ହାଇକୋର୍ଟ ଯାଇଥିଲେ ହେଁ କୋର୍ଟ ତାଙ୍କ ଅପିଲ ଖାରଜ କରିଦେଇଥିବା ଜଣାପଡିଛି।

## ପୋଡ଼ମପେଟା କୂଳ କ୍ଷୟ ସ୍ଥିତି ପରଖିଲେ ରାମଚନ୍ଦ୍ର ପଣ୍ଡା



ଗଞ୍ଜାମ,୯।୭(ନି.ପ୍ର): ପୋଡ଼ମପେଟା ଉପକୂଳରେ ସମୁଦ୍ର କୂଳକ୍ଷୟ ଘଟଣାକୁ ନେଇ ଚିନ୍ତା ବଢ଼ିଥିବା ବେଳେ ଗୁରୁବାର ପୂର୍ବତନ ଉପବାଚସ୍ପତି ତଥା ବିଜେପିର ବରିଷ୍ଠ ନେତା ରାମଚନ୍ଦ୍ର ପଣ୍ଡା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ରାମଚନ୍ଦ୍ର ପଣ୍ଡା କ୍ଷୟକ୍ଷତି ହେଉଥିବା ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ସମୁଦ୍ର ମାଡ଼ରେ ପ୍ରଭାବିତ ଅଞ୍ଚଳର ବାସ୍ତବ ସ୍ଥିତି ପରଖିଥିଲେ। ଏହି ଅବସରରେ ସେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି କୂଳ କ୍ଷୟ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା, ଲୋକଙ୍କ ଆଶଙ୍କା ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ।

ପୋଡ଼ମପେଟାର ବର୍ତ୍ତମାନ ଉପକୂଳ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । କୂଳ କ୍ଷୟ ରୋକିବା ପାଇଁ ଅସ୍ଥାୟୀ ପଦକ୍ଷେପ ବଦଳରେ ସ୍ଥାୟୀ ପ୍ରତିରକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ଉପକୂଳ ସୁରକ୍ଷା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ପ୍ରଭାବିତ ଅଞ୍ଚଳର ସୁରକ୍ଷା ଓ ଭବିଷ୍ୟତ ପାଇଁ ଦୀର୍ଘମିଆଦି ଯୋଜନା ଗ୍ରହଣ ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ। ସ୍ଥାନୀୟ ଲୋକ ମଧ୍ୟ ରାମଚନ୍ଦ୍ର ପଣ୍ଡାଙ୍କ ନିକଟରେ ସମୁଦ୍ର କୂଳ କ୍ଷୟ ରୋକିବା ପାଇଁ ସ୍ଥାୟୀ ପ୍ରତିରକ୍ଷା ବ୍ୟବସ୍ଥା, ଉପକୂଳ ସୁରକ୍ଷା ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ଓ ବିପଦମୁଖୀ ଗ୍ରାମଗୁଡ଼ିକର ସୁରକ୍ଷା ପାଇଁ ଦାବି ଜଣାଇଥିଲେ। ଏହି ଅବସରରେ ବିଜେପିର ବହୁ କର୍ମୀ, ସ୍ଥାନୀୟ ନେତା ଓ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ।

## ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଲେ ଜିଲ୍ଲାପାଳ



ସୋରଡ଼ା,୯।୭(ନି.ପ୍ର):ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୁଦ୍ଧରେ ବିଲ ପ୍ରଦାନ ନିମନ୍ତେ ଡ଼ିଏସି ମାଧ୍ୟମରେ ପ୍ରତିସ୍ୱାକ୍ଷର ବନ୍ଦ କରି ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ କାର୍ଯ୍ୟ ବିଲ ଦସ୍ତଖତ କରିବା ପାଇଁ କ୍ଷମତା ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ରାଙ୍କ (୧୩୧୯-୬/୭/୨୬)ରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ନିର୍ଦ୍ଦେଶ ପ୍ରକାରେ କାର୍ଯ୍ୟ ବିଲ ଅଧକ୍ଷାଙ୍କ ପାଖରେ ଦାଖଲ ହେଉଥିବାବେଳେ ସେଡ଼ିଏସି ମାଧ୍ୟମରେ ପ୍ରତିସ୍ୱାକ୍ଷର କରୁନଥିଲେ। ଫଳରେ ସୋରଡ଼ା ବ୍ଲକରେ ବିଗତ ଦୁଇ ବର୍ଷ ହେବ ବହୁ କାର୍ଯ୍ୟ ବିଲ ବନ୍ଦ ହେବ ସହ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଥିଲା ।ଏ ନେଇ ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପତ୍ର ନଂ (୫୫୨୪-୧୯/୨୪)ରେ ଅଧକ୍ଷା ସାଇବାଣି ମଲ୍ଲିକଙ୍କୁ ଚିଠି ପ୍ରଦାନ କରିବା ସହ ଅନୁରୋଧ କରିଥିଲେ ।କିନ୍ତୁ କୌଣସି କାର୍ଯ୍ୟ ବିଲ ସମ୍ପାଦନ ନହେବାରୁ ପୁଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପତ୍ର ନଂ (୫୭୧୬-୨୪/୧୦/୨୪)ରେ ଜିଲ୍ଲାପାଳ ଗଞ୍ଜାମଙ୍କୁ ଅବଗତ କରିଥିଲେ । ଓଡିଶା ପଞ୍ଚାୟତ ସମିତି ନିୟମାବଳୀ ୨୦୦୨ ର ନିୟମ ୧୬(୧)ପ୍ରକାରେ ପଞ୍ଚାୟତ ସମିତି ଅଧକ୍ଷ କାର୍ଯ୍ୟ ବିଲ ପାଇବାର ସାତ ଦିନ ମଧ୍ୟରେ ପ୍ରତିଶ୍ୱାକ୍ଷର କରିବାକୁ ଥିଲେ ମଧ୍ୟ ସେ କରୁନଥିଲେ, ଏପରିକି ସେ ଗତ ତିନି ବର୍ଷ ମଧ୍ୟରେ ବ୍ଲକରେ ଗୋଟିଏ ବି ସମିତି ବୈଠକ କରାଇନାହାନ୍ତି କି ବ୍ଲକ ପ୍ରଶାସନ ସମିତି ବୈଠକ କରିବାକୁ ଚେଷ୍ଟା କରିଥିଲେ ମଧ ସେ ସହଯୋଗ କରିନାହାନ୍ତି । ଏନେଇ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ ଏବଂ ସୋରଡ଼ା ବ୍ଲକର ଜନପ୍ରତିନିଧି ଗଞ୍ଜାମ ଜିଲ୍ଲାପାଳଙ୍କୁ ବହୁଥର ଅବଗତ କରିଛନ୍ତି, କିନ୍ତୁ ଜିଲ୍ଲା ପ୍ରଶାସନ ଅଧକ୍ଷାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ଦୀର୍ଘ ୨୧ମାସ ପରେ ଏହି ମାସରେ କେବଳ ଅଧକ୍ଷାଙ୍କ ଠାରୁ ଆର୍ଥିକ କ୍ଷମତା ବାହାର କରି ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।ଦୀର୍ଘ ଦିନ ହେବ ସମିତି ରେ ସମିତି ବୈଠକ ନହୋଇ ବହୁ ଉର୍ଣ୍ଣୟନ ମୂଳକ କାର୍ଯ୍ୟ ଅବହେଳିତ ହୋଇ ପଡିବା ସହ ସ୍ଥାନୀୟ ଜନପ୍ରତିନିଧି ନିଜର ପଞ୍ଚାୟତର ସମସ୍ୟା ପଞ୍ଚାୟତ ସମିତିରେ ଉପସ୍ଥାପନା କରିପାରୁନାହାନ୍ତି, ଏନେଇ ଅନେକ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟ ଉଦବେଗ ପ୍ରକାଶ କରିଛନ୍ତି।

## କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି କଂଗ୍ରେସ କମିଟି ଗଠିତ: ସୁବାଷ ଚନ୍ଦ୍ର ଜେନା ସଭାପତି



କବିସୂର୍ଯ୍ୟନଗର,୯।୭(ନି.ପ୍ର): କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି କଂଗ୍ରେସ କମିଟିର ନୂତନ କମିଟି ଗଠନ କରାଯିବା ସହିତ ମ୍ୟୁନିସିପାଲିଟି ସଭାପତି ଭାବେ ସୁବାଷ ଚନ୍ଦ୍ର ଜେନାଙ୍କୁ ମନୋନୀତ କରାଯାଇଛି । ନୂତନ କମିଟିରେ ରାମ ଚନ୍ଦ୍ର ଜେନା ଉପସଭାପତି, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ସାଧାରଣ ସମ୍ପାଦକ, ବିଶ୍ୱଜିତ ମିଶ୍ର କୋଷାଧକ୍ଷ ଏବଂ ବସନ୍ତ ଗୌଡ଼ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି । ଏଥି ସହିତ ଭୀମ ଜେନା, ସୂର୍ଯ୍ୟମଣି ସାହୁ, ବୃନ୍ଦାବନ କରଣ, ଏ ରବୀନ୍ଦ୍ରନାଥ ଦୋରା, ଭଗବାନ ପାଣିଗ୍ରାହୀ, ଶିବ ନାହାକ, କୁବେର ଜେନା, କୃଷ୍ଣ ଚନ୍ଦ୍ର ଭୁୟାଁ, ଜଗନ୍ନାଥ ମହାରଣା, ମିଥୁନ ସାହୁ, ଜଗା ବିଶ୍ୱାଳ ପ୍ରମୁଖଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି । ନୂତନ କମିଟି କଂଗ୍ରେସକୁ ଆଗକୁ ନେବା ସହ ବ୍ଲକ ସ୍ତରରେ ଦଳକୁ ମଜବୁତ କରିବା ଦିଗରେ କାର୍ଯ୍ୟ କରିବ । ଦଳୀୟ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରୁ ଆଗକୁ ନେବା ସହ ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରିବେ ବୋଲି ମତ ରଖିଛନ୍ତି ।

## ଏଡସ୍ ସଚେତନତା ଶିବିର

କଣାସ,୯।୭(ନି.ପ୍ର): କଣାସ ବ୍ଲକ ଅନ୍ତର୍ଗତ କଣାସ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡସ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାରେ କଣାସ କଲେଜର ଅଧକ୍ଷା ସଞ୍ଜୁ ପଟ୍ଟନାୟକ ଅଧକ୍ଷତା କରିଥରଲେ। ଅତିଥି ପ୍ରଫୁଲ୍ଲ କୁମାର ଜେନା, କଲେଜର ଅଧ୍ୟାପକ ବିପିନ ବିହାରୀ ବାରିକ, ସନ୍ନୀତା ହାତୀ, ଗଙ୍ଗାଧର ମହାପାତ୍ର, ପ୍ରମୋଦ କୁମାର ହୋତା ଓ ପ୍ରଭାସ ମଙ୍ଗରାଜ ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ



ରଖିଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ତଥା ଇଂରାଜୀ ଅଧ୍ୟାପକ ନିରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଭାଟି ଅନୁଷ୍ଠିତ ହୋଇଯାଇଛି। ମୋଟ ୭୫ ଛାତ୍ରଛାତ୍ରୀ ସଭାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରଭାସ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ୍ ବାଲି ଗୋଦାମ ଉପରେ ଚଢ଼ାଉ

ଭଞ୍ଜନଗର,୯।୭(ନି.ପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଖଣି ବିଭାଗ,ରାଜସ୍ୱ ବିଭାଗ ଏବଂ ଗାଙ୍ଗପୁର ପୋଲିସ୍ ବାହିନୀ ପକ୍ଷରୁ ମିଳିତ ଚଢାଉ କରାଯାଇ ଏକ ବେଆଇନ୍ ବାଲି ଗୋଦାମକୁ ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ପ୍ରକାରେ ବେଲଗୁଣ୍ଠା ତହସିଲ୍ ଅଞ୍ଚଳର ସବୁ ବାଲି ଘାଟରେ ଏହି ପରି ବେଆଇନ ବାଲି ଗୋଦାମ ଅଛି ସେଥି ମଧ୍ୟରୁ ଗୋବରା ସର୍କଲ୍‌ର ବେଣୀପଲ୍ଲୀ ମୌଜାରେ



ଏକ ବେଆଇନ୍ ବାଲି ଗୋଦାମ ରହିଥିବା ସ୍ଥାନୀୟ ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା। ଖବର ପାଇ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ଏବଂ କନିଷ୍ଠ ଖଣି ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ମିଳିତ ଭାବେ ଘଟଣା ସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସେଠାରେ ବେଆଇନ୍ ବାଲି ଗୋଦାମ ଥିବା ଜାଣିପାରି ତାହାକୁ ଜବତ କରିଥିଲେ। ଜବତ ବାଲିର ପରିମାଣ ପାଖାପାଖି ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବ ବୋଲି ବିଶେଷ ସୂତ୍ରରୁ ପ୍ରକାଶ।

# ଅଙ୍ଗନବାଡି କର୍ମୀ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ସମ୍ବଲପୁର,୯।୭(ନି.ପ୍ର): ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଗୁରୁବାର ସମ୍ବଲପୁର ସର୍କିଟ୍ ହାଉସଠାରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା, ସେବା ସୁରକ୍ଷା ଏବଂ କଲ୍ୟାଣ ସମ୍ବନ୍ଧୀୟ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଥିଲା ଯେ, ରାଜ୍ୟରେ ଆଇସିଡିଏସ୍ ଯୋଜନାର ସଫଳ କାର୍ଯ୍ୟକାରିତା, ଶିଶୁ ପୁଷ୍ଟି, ମାତୃ ସ୍ୱାସ୍ଥ୍ୟ, ପ୍ରାକ୍-ପ୍ରାଥମିକ ଶିକ୍ଷା, ଟିକାକରଣ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ସେବା ସହ ବିଭିନ୍ନ ସରକାରୀ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଦୀର୍ଘଦିନ ଧରି ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ସେମାନଙ୍କୁ ଏପର୍ଯ୍ୟନ୍ତ କର୍ମଚାରୀର ମାନ୍ୟତା, ଉପଯୁକ୍ତ ଭତ୍ତା ଓ ଦରମା, ସାମାଜିକ ସୁରକ୍ଷା, ପେନସନ୍, ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ବୀମା ଭଳି ମୌଳିକ ସୁବିଧା ମିଳିନାହିଁ। ଏଥିସହ ସୁପରଭାଇଜର ପଦବୀକୁ ୧୦୦ ଶତକଡା ପଦୋନ୍ନତି ମାଧ୍ୟମରେ ପୂରଣ, ସହାୟିକାଙ୍କୁ ପଦୋନ୍ନତି ସୁଯୋଗ, ଅବସରକାଳୀନ ସମସ୍ତ ସୁବିଧା ସମୟରେ ପ୍ରଦାନ, ଦୀର୍ଘ ସେବା ପାଇଁ ପ୍ରୋତ୍ସାହନ ଭତ୍ତା ଏବଂ ଅଣ୍ଡା ଯୋଗାଣର ଦରକୁ ବର୍ତ୍ତମାନ ବଜାର ଦର ଅନୁଯାୟୀ ସଂଶୋଧନ କରିବାକୁ ମଧ୍ୟ ଦାବି କରାଯାଇଛି।

ସଂଘ ପକ୍ଷରୁ ଆହୁରି କୁହାଯାଇଛି ଯେ, ଆଇସିଡିଏସ୍ ବାହାରର ଅନାବଶ୍ୟକ କାର୍ଯ୍ୟଭାର ବନ୍ଦ, ସରକାରୀ ବୈଠକ, ପ୍ରଶିକ୍ଷଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଟିଏ, ଡିଏ ପ୍ରଦାନ, ୫ଜି ମୋବାଇଲ୍ ଫୋନ୍ ଓ ଇଣ୍ଟରନେଟ୍ ସହାୟତା, ଜିକେଏସ୍‌ରୁ ମୁକ୍ତି ଏବଂ ସରକାରୀ ଡ୍ୟୁଟି ପୂର୍ବରୁ ଲିଖିତ ସୂଚନା ପ୍ରଦାନ ଭଳି ଦାବି ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି।

# ଅସ୍ଥାୟୀ ପୋଲ ଭାଙ୍ଗିବାର ୪ ଦିନ ପରେ ହେଲାନି ମରାମତି , ଯାତାୟାତ ଠପ୍



ଠାକୁରମୁଣ୍ଡା,୯।୭(ନି. ପ୍ର): ମୟୂରଭଞ୍ଜ ଜିଲ୍ଲା ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା ନିକଟସ୍ଥ କଣ୍ଟାମଲ୍ଲୀ ନାଳ ଉପରେ ନିର୍ମିତ ଅସ୍ଥାୟୀ ପୋଲ ଗତ ୫ ତାରିଖ ଲଗାଣ ବର୍ଷରେ ଭାସିଯିବା ପରେ ଗାଡି ମୋଟର ଚଳାଚଳ ବନ୍ଦ ରହିଛି । ଆନନ୍ଦପୁର ଓ ଠାକୁରମୁଣ୍ଡା ବଜାର ପଟରୁ ଆସୁଥିବା ଗାଡି ଏପରିକି ସାଇକେଲ ସୁଦ୍ଧା ବିକଳ୍ପ ରାସ୍ତାରେ ଆସୁଛନ୍ତି। ବିକଳ୍ପ ରାସ୍ତା ଗୁଡିକ ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାକୁ ଆସିଯାଇଛି । ଇତି ମଧ୍ୟରେ ବର୍ଷା ଛାଡ଼ିଛି ଏବଂ ମୁଖ୍ୟ ରାସ୍ତା ମରାମତି ପାଇଁ ଚାପ ବଢିଛି। ତେବେ ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକା କାରଣରୁ ମରାମତି କାମ ମନ୍ଥର ଗତିରେ ଚାଲୁଥିବାରୁ ପୋଲ ଭାସି ଯିବାର ୪ ଦିନ ପରେ ମଧ ମରାମତି ଶେଷ ହୋଇନାହିଁ। ଫଳରେ ୯ ତାରିଖ ଗୁରୁବାର ଦିନ ପ୍ରାୟ ୧୦ ଟା ସମୟରେ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟ ସ୍ଥଳକୁ ଯାଇ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ନଥିବା ଏବଂ ମନ୍ଥର କାମ ଦେଖି ଉତ୍ୟକ୍ତ ହେବା ସହ ପ୍ରବଳ ହଟ୍ଟଗୋଳ କରି ୨୪ ଘଣ୍ଟା ଭିତରେ ଅସ୍ଥାୟୀ ପୋଲ ମରାମତି ଶେଷ କରିବାକୁ ଓ ଖୁଣ୍ଟାପୋଷି ଗ୍ରାମ ଭିତରେ ଥିବା ବିକଳ୍ପ ରାସ୍ତାରେ ଡଷ୍ଟ ଗୁଣ୍ଡ ପକାଇବାକୁ ଦାବି କରିଥିଲେ। ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଓ ଏସଆଇ ରିତାଞ୍ଜଳୀ ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଉପସ୍ଥିତ ଥିବା ଠିକାଦାରଙ୍କୁ ଯଥାଶୀଘ୍ର ପୋଲ ମରାମତି କରି ଗାଡି ଚଳାଚଳ କରିବାକୁ ତାଗିଦ କରିଥିଲେ। ଫଳରେ ଗୁରୁବାର ଠିକାଦାର ମରାମତି ପ୍ରକ୍ରିୟା ଯୁଦ୍ଧ କାଳୀନ ଭିତ୍ତରେ ଆରମ୍ଭ କରିଥିବା ବେଳେ ସନ୍ଧ୍ୟାରେ ଖୁଣ୍ଟାପୋଷି ଗ୍ରାମ ଦେଇ ଯାଇଥିବା ବିକଳ୍ପ ରାସ୍ତାରେ ଡଷ୍ଟ ଗୁଣ୍ଡ ପକାଇ ସ୍ୱଳ୍ପ ମରାମତି କରିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ଶେଖର ନାୟକଙ୍କୁ ପଚାରିବାରୁ ମରାମତି କାର୍ଯ୍ୟ ଆହୁରି ୩ ରୁ ୪ ଦିନ ଲାଗିବ ବୋଲି କହିଛନ୍ତି। ତେବେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପୋଲ ମରାମତି କାର୍ଯ୍ୟରେ ତତ୍ପରତା ନ ଦେଖାଇବା ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ମୁଖ୍ୟ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ନହେବା ଏବଂ ସାଧାରଣ ଲୋକ ଯାତାୟାତରେ ଅସୁବିଧା ଭୋଗୁ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଅସ୍ଥାୟୀ ପୋଲ ମରାମତି ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ଫୋନ୍-(୦୬୭୪)୨୩୯୩୫୨୪

ଇପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: www.oshb.org

ପତ୍ରସଂଖ୍ୟା- ୧୩୭ ତା: ୨୪.୦୬.୨୬

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତଃ ସୁଷମା ବେହେରା<br>ସ୍ୱାମୀ- ଶରତ ଚନ୍ଦ୍ର ପଲାଇ<br>ସା-ବଳଭଦ୍ରପୁର<br>ପୋ-ନୂଆହାଟ<br>ଥାନା-ଡେରାବିଶ<br>ଜିଲ୍ଲା-କେନ୍ଦ୍ରପଡ଼ା | ଏଲ୍ଆଇଜି-୨-୦୧<br>(LIG-2-01),<br>ସୋସିଆଲ ହାଉସିଂ ସ୍କିମ୍<br>ଝାରସୁଗୁଡା | ୧. ଶରତ ଚନ୍ଦ୍ର ପଲାଇ (ସ୍ୱାମୀ)<br>୨.ଦୀପିକା ପ୍ରିୟଦର୍ଶିନୀ ପଲାଇ (ବି.କନ୍ୟା)<br>୩. ଶଶାଙ୍କ ଶେଖର ପଲାଇ (ପୁତ୍ର) |

Caption No: 13001/1132/2627

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**AFFIDAVIT**

By virtue of an affidavit No.8009, Dt: 06.07.2026 sworn before the Executive Magistrate, Bhadrak, I, Subhabrata Jena, S/o-Narendra Jena, Vill-Haripur, Po-Korkora, Ps-Bhadrak(R), Dist-Bhadrak-756116, declare that I have changed the name of my minor daughter from SURASMITA JENA (old name) to SUBHASMITA JENA (new name). Henceforth, she will be known as SUBHASMITA JENA for all purposes.

**Subhabrata Jena**
Deponent

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, Dated 10/06/2026. I, Bijay Senapati, S/o-Jagannath Senapati, Village/P.O.Nandora,P.S.-Tihidi, Dist.-Bhadrak, Pin-756116, Odisha, declare that my name has been wrongly recorded Bijaya Kumar Tripathy in my LIC Policy no-589699198. Bijay Senapati and Bijaya Kumar Tripathy is one and same person. Henceforth, I shall be known and identified as Bijay Senapati for all official, educational, legal and personal purposes.

**AFFIDAVIT**

By virtue of an affidavit on dtd-07.07.2026 sworn before The Notary Public, Bhubaneswar. I, **Haradipta Mohanty** (new name), aged about 51 years, W/o Pradip Kumar Mohanty, resident of Plot No- 508/3412, Sai Vihar, Tankapani Road, Po- Badagada Brit, Ps- Badagada, Bhubaneswar, Dist- Khordha, PIN- 751018, State-Odisha declare that I have changed my name from **Haradipta Nayak** (old name) to **Haradipta Mohanty** (new name). Henceforth, I shall be known as **Haradipta Mohanty** (new name) for all purposes.


## ସିସି ଟିଭି କଣ୍ଟ୍ରୋଲ ରୁମ ଉଦଘାଟିତ

ବଲାଙ୍ଗୀର,୯।୭ (ନି.ପ୍ର): ବଲାଙ୍ଗୀର ପୌର ପରିଷଦ କାର୍ଯ୍ୟାଳୟ ଠାରେ ସି ସି ଟିଭି କଣ୍ଟ୍ରୋଲ ରୁମର ଶୁଭ ଉଦଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପୌରଧକ୍ଷା ଲିକା ସାହୁଙ୍କ କର କମଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି ସିସିଟିଭି କଣ୍ଟ୍ରୋଲ ରୁମ ପୌର ପରିଷଦ ଅଧିନ ସହରର ୧୧୨ଟି କ୍ୟାମେରା ଲଗାଯାଇଛି। ଏଥିରେ ସମସ୍ତ ସ୍ମାର୍ଟ ପାର୍କ ୩୨, ରାଜେନ୍ଦ୍ର ପାର୍କ ୨୨, ଶିଶୁ ଉଦ୍ୟାନ, ଜୋଗଶ ପାର୍କ ୧୬, ଚିମିନି ଭାଟି ପାର୍କ ୧୦, ବର୍ଜ୍ୟ ବସ୍ତୁ ସମ୍ପଦ କେନ୍ଦ୍ର ଓ ମଳ ପରିଚାଳନ କେନ୍ଦ୍ର, ମାନଙ୍କରେ ୩୨ ଟି କ୍ୟାମେରା ଲଗାଯାଇଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ଆଗକୁ ବିଭିନ୍ନ ୱାର୍ଡ, ପୋଖରୀ ଓ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନ ରେ ସିସି କ୍ୟାମେରାଗୁଡ଼ିକ ଲଗାଯିବ ବୋଲି କହିଛନ୍ତି ପୌରପରିଷଦ ଅଧକ୍ଷା ଲିକା ସାହୁ। ଏହି ଅବସରରେ ଉପ ପୌରଧକ୍ଷା ଗାଇତ୍ରି ଭୋଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ, କାଉନସିଲର ଗଙ୍ଗା ଚାନ୍ଦ, ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, ପିଙ୍କି କବାଟ ସହିତ ପୌର ପରିଷଦ କର୍ମଚାରୀ ସହିତ ସହରର ବୁଦ୍ଧିଜୀବି ଉପସ୍ଥିତ ଥିଲେ।

# ୯ ଦଫା ଦାବିରେ ଆଶା ଦିଦିଙ୍କ ବିକ୍ଷୋଭ




ଛତ୍ରପୁର,୯।୭(ନି.ପ୍ର): ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ଠାରେ ଗଞ୍ଜାମ ଜିଲ୍ଲାରେ ନିୟୋଜିତ ସମସ୍ତ ଆଶା ଦିଦିଙ୍କର ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇ ଛତ୍ରପୁର ସହର ପରିକ୍ରମା କରି ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମ୍ମିଳିତ ହୋଇ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମଗ୍ର ଓଡିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୪୬ ହଜାର ୫ ଶହ ୬୬ଜଣ ଆଶା କର୍ମଚାରୀ ନିୟୋଜିତ ଅଛନ୍ତି । ଆଶା କର୍ମଚାରୀ ସ୍ୱଳ୍ପ ପାରିଶ୍ରମିକ ବଦଳରେ ଦିନ, ରାତି ନିରବଚ୍ଛିନ୍ନ ଭାବେ ସମଗ୍ର ଓଡିଶାର ସହରରୁ ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ସରକାର ନିର୍ବାଚନୀ ଇସ୍ତାହାରରେ ଆଶା ଭଉଣୀମାନଙ୍କୁ ସମ୍ମାନ ଜନକ ବେତନ ଓ ସୁବିଧା ଦେବା ପାଇଁ ପ୍ରତିଶୃତି ଦେଇଥିଲେ, ପରନ୍ତୁ ସରକାର ଅଦ୍ୟାବଧି ତାହା ଉପରେ କୌଣସି ବିଚାର କରି ନାହାଁନ୍ତି।ତେଣୁ ଦେଶର ସର୍ବ ବୃହତ ଶ୍ରମ ସଂଗଠନ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ ନିଷ୍ପତ୍ତି ଓ ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘ ର ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଦେଶବ୍ୟାପି ସରକାର ଜଗାଓ ପଦକ୍ଷେପ ଅନ୍ତର୍ଗତ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରି ସ୍ୱର ଉତ୍ତୋଳନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନସ୍ଥ କାର୍ଯ୍ୟରତ ସମସ୍ତ ଆଶା କର୍ମୀମାନଙ୍କୁ ରାଜ୍ୟ ସରକାର ପ୍ରତ୍ୟେକ ଆଶା ଦିଦିଙ୍କୁ ଜଣେ କର୍ମଚାରୀର ମାନ୍ୟତା ପ୍ରଦାନ ସହିତ ସର୍ବନିମ୍ନ ୧୮ ହଜାର ଟଙ୍କା ବେତନ ପ୍ରଦାନ,ସାମାଜିକ ସୁରକ୍ଷା ଯୋଜନାଭୁକ୍ତ, ଇଏସଆଇ ,ଇପିଏଫଓ ଅନ୍ତର୍ଗତ ପଂଜିକୃତ ,ପ୍ରତିମାସ ୧୦ ତାରିଖ ମଧ୍ୟରେ ସମସ୍ତ ପ୍ରକାର ଦେୟ ପ୍ରଦାନ କରାଯିବାକୁ ସୁନିଶ୍ଚିତ ଓ ଆଶା ଭଉଣୀ ମାନଙ୍କ ପ୍ରତି ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ହେଉଥିବା ଦୁର୍ବ୍ୟବହାର / ଅତ୍ୟାଚାର/ଅସଦାଚରଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବା ନିମନ୍ତେ ପ୍ରସାଶନ ଠାରେ ଦାବୀ କରିଛନ୍ତି । ଆଶା କର୍ମୀ ମାନଙ୍କୁ ସ୍ୱାଭିମାନ ସହିତ କାମ କରିବାକୁ ଦିଆଯାଉ ପ୍ରତି ଗାଁ ରେ ଅଙ୍ଗନାବାଡି କେନ୍ଦ୍ରକୁ ଲାଗି ଆଶା କେନ୍ଦ୍ର ନିର୍ମାଣ ହେଉ ଓ ପ୍ରତି ପିଏଚସି ସିଏଚସି ରେ ଆଶା ଗୃହ ନିର୍ମାଣ କରାଯାଉ । ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶା କର୍ମୀମାନଙ୍କୁ ତାଲିମ ଦେଇଏଏନଏମ ପଦବୀକୁ ପଦୋନ୍ନତି ପଲିସି ଅନୁଯାୟୀ ଯୋଜନା ପ୍ରସ୍ତୁତ , କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ପରିବାରକୁ ୧୦ ଲକ୍ଷ ଟଙ୍କା ଓ ଶାରୀରିକ ଅକ୍ଷମ କ୍ଷେତ୍ରରେ ୫ ଲକ୍ଷ ଟଙ୍କା ସହାୟତା ରାଶି ଗ୍ରୁପ ଇନସୁରାନ୍ସ ମାଧ୍ୟମରେ ପ୍ରଦାନ , ସେବା ନିବୃତ୍ତ ସମୟରେ ଆଶା କର୍ମୀମାନଙ୍କୁ ଏକକାଳୀନ ୧୦ ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ ହଜାର ଭତ୍ତା ପ୍ରଦାନ କରାଯାଉ ତଥା ଆଶା ଭଉଣୀମାନଙ୍କୁ ମାତୃତ୍ୱ ଲାଭ ସୁବିଧା, ପ୍ରସୁତି କାଳୀନ ଛୁଟି ଓ ଭତ୍ତା ପ୍ରଦାନ କରିବାର ଯୋଜନା କରାଯିବା, ସୁଚାରୁ ରୂପେ କାର୍ଯ୍ୟ ପରିଚାଳନା ଓ ଡିଜିଟାଲ ସୁବିଧା ପାଇଁ ସମସ୍ତ ଆଶା କର୍ମୀମାନଙ୍କୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ୫ ଜି- ମୋବାଇଲ ପ୍ରଦାନ କରାଯିବା ଆବଶ୍ୟକ ବୋଲି ପ୍ରଶାସନ ଆଗରେ ଦାବୀ କରିଛନ୍ତି । ଆଶା କର୍ମୀମାନେ ସମୂହ ବିକ୍ଷୋଭ ପ୍ରଦର୍ଶନ କରିବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

## ଗାଡ଼ି ଧକ୍କାରେ ଆହତ ଗାଈକୁ ଉଦ୍ଧାର କଲେ ବଜରଙ୍ଗ ଦଳ କର୍ମୀ

ବରଗଡ,୯।୭(ନି.ପ୍ର): ବରଗଡ଼ ଜିଲ୍ଲା ସୋହେଲା ମେନ୍ ଛକରେ ବୁଧବାର ରାତ୍ରିରେ ଏକ ଅଜଣା ଗାଡ଼ିର ଧକ୍କାରେ ଏକ ଗାଈ ଆହତ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ସୋହେଲା ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଈଟିକୁ ଉଦ୍ଧାର କରିଥିଲେ। ସୁରକ୍ଷା ପ୍ରମୁଖ ଗୌରବ ଗୁପ୍ତା, ଗୋରକ୍ଷା ପ୍ରମୁଖ ରୋହିତ ମାଝୀ, କାର୍ଯ୍ୟକର୍ତ୍ତା ରାଜେଶ ନନ୍ଦ, ସମୀର ଭୋଇ ଓ ନିବାସ ରଣା ପ୍ରମୁଖ ଉପସ୍ଥିତ ରହି ଏକ ରିକ୍ସା ଯୋଗେ



ଆହତ ଗାଈକୁ ସୋହେଲା ଗିରିଧର ଗୋଶାଳାକୁ ନେଇଥିଲେ। ସେଠାରେ ଗାଈର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଘଟଣା ପରେ ବଜରଙ୍ଗ ଦଳ କର୍ମୀଙ୍କ ତତ୍ପରତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିବାବେଳେ, ଧକ୍କା ଦେଇ ଫେରାର ହୋଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରି ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE,BHUBANESWAR**
**Mail i.d seccbbsr@gmail.com**
*****

**E-procurement Tender Call Notice No.07 of 2026-27**
**No. 3579 (Estg.) Bhubaneswar the 30th June-2026**

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number building work to be received in online bidding, double cover system for Improvement works as detailed in:https://tendersodisha.gov.in. The details of bid documents will be available in the above website from 5.00 P.M. of 08.07.2026 to 5.00 P.M of 28 .07.2026. The bidders must possess compatible Digital Signature Certificate of Class II or III. Bids received online shall be opened at 5.30 P.M of 28.07.2026 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in.
Addendum/ Corrigendum, if required, will be available only in the Website.

**Sd/-Er.M.K.Mahananda**
**Chief Construction Engineer**
**Central (R&B) Circle,**
**Bhubaneswar**

Caption No: 34001/465/2627

## ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ପିଏଚ୍‌ସି ଅଛି, ଡାକ୍ତର ନାହାନ୍ତି

ବୋଲଗଡ,୯।୭(ନିପ୍ର): ବୋଲଗଡ ବ୍ଲକର ବିଭିନ୍ନ ଡାକ୍ତରଖାନାରେ ଦୀର୍ଘ ବର୍ଷ ଧରି ଡାକ୍ତର ନାହାନ୍ତି। ଏପରିକି ଘର ସଫା କରିବା ପାଇଁ ସୁଇପର ମଧ୍ୟ ନାହାନ୍ତି। ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି ବୋଲଗଡ ବ୍ଲକଠାରୁ ୩କିମି ଦୂର ଦଳେଇସାହି ପଞ୍ଚାୟତର ମାଣିକାଗୋଡ଼ା ନିୟୁ ପିଏଚସିରେ। ୫ବର୍ଷରୁ ଅଧିକ ହେଲା ଏଠାରେ ଡାକ୍ତର ନାହାନ୍ତି। ଏଥିସହ ୧ ଫାର୍ମାସିଷ୍ଟ, ୩ ଷ୍ଟାଫ ନର୍ସ ଓ ୧ ସୁଇପର ପଦ ଖାଲି ପଡିଛି। ବାରମ୍ବାର ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ଭଳି ମନେ ହେଉଛି। ଏହି ଡାକ୍ତରଖାନା ଉପରେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ଲକ୍ଷାଧିକ ଜନସାଧାରଣ ନିର୍ଭର କରନ୍ତି। ଏବେ ସାଧାରଣ ଥଣ୍ଡା କାଶ ହେଲେ ନୟାଗଡ଼, ଖୋର୍ଦ୍ଧା କିମ୍ବା ଘରୋଇ କ୍ଲିନିକ ଉପରେ ନିର୍ଭର କରିବାକୁ ପଡୁଛି। ସଂପ୍ରତି ବର୍ଷା ଋତୁ ଥିବାରୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖା ଦେଇଛି। ତୁରନ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀ ନିଯୁକ୍ତ କରିବାକୁ ସରପଞ୍ଚ ସୁଶାନ୍ତ ପରିଡ଼ା, ସମିତି ସଭ୍ୟା ମନସ୍ମିତା ଦଳେଇ ଓ ଯୁବ ସମାଜସେବୀ ଶରତ ଦଳେଇ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ବୋତଲ ଗୋଟାଇବା ବେଳେ ଭାସିଗଲା ନାବାଳକ

କେନ୍ଦ୍ରାପଡ଼ା,୯।୭(ନିପ୍ର):କେନ୍ଦ୍ରାପଡ଼ା ଟାଉନ୍ ଥାନା ଜ୍ଞାନପୀଠ ନିକଟ କଜଳା ନାଳ କୂଳରେ ବୋତଲ ଗୋଟାଉଥିବା ସ୍ଥାନୀୟ ଅଞ୍ଚଳର ଜଣେ ନାବାଳକ ଭାସି ଯାଇଛି। ଅର୍ବାନ ବ୍ୟାଙ୍କ କର୍ମଚାରୀ କିରଣ ବଳ ଏହା ଦେଖି ପଥଚାରୀଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। କେହି ନ ଶୁଣିବାରୁ ସେ ବ୍ୟାଙ୍କର ଡ୍ରାଇଭର ତ୍ରିଲୋଚନ ମଲ୍ଲିକଙ୍କୁ ଡାକିଥିଲେ। ତ୍ରିଲୋଚନ ଏକ ବାଉଁଶ ସାହାଯ୍ୟରେ ଦଳ ସଫା କରି ନଦୀରେ ପଶିଥିଲେ। ଆଉ କେତେକ ଯୁବକ ପହଞ୍ଚି ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ନାବାଳକକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ମୃତକର ପରିବାରକୁ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ ସମାଜସେବୀ ଶରତ କୁମାର ବେହୁରା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ୧ ଗିରଫ

ନିଆଳି,୯।୭(ନି.ପ୍ର): ନିଆଳି ଥାନା ଅନ୍ତର୍ଗତ ପହଙ୍ଗା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ଅସଦାଚରଣ କରି ଜଣେ ଯୁବକ ଗିରଫ ହୋଇଛନ୍ତି । ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି ଯେ ସୁନୀଲ ଗୋଛାୟତ (୩୦) ତାଙ୍କ ଘର ସମ୍ନାକୁ ଆସି ଅଶିଲ୍ଲ ଭାଷାରେ ଗାଳି ଗୁଲଜ କରିବା ସହିତ ତାଙ୍କ ସମ୍ମୁଖରେ ଲଂଗଳା ହୋଇଥିଲା । ତାପରେ ଯୁବତୀଙ୍କୁ ଖଟ ଉପରେ ଫୋପାଡ଼ି ଦେଇ ଥିଲା । ଫଳରେ ଖଟ ଭାଙ୍ଗି ଯିବା ସହିତ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା। ଯୁବତୀଙ୍କ ମା ପାଟି କରିବାରୁ ସେଠାରୁ ସେ ଦୌଡି ପଳାଇଥିଲା । ଅଭିଯୋଗ ପାଇବା ପରେ ନିଆଳି ଥାନା ପୋଲିସ ଏକ ମକଦ୍ଦମା ରୁଜୁ କରି ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି ।

## ହିନ୍ଦୁ ପରିବାରକୁ ସ୍ୱାସ୍ଥ୍ୟସେବା ଦେବା ପାଲଟିଲା ଅଭିଶାପ

# ଆଶାକର୍ମୀଙ୍କୁ ସାମାଜିକ ବାସନ୍ଦ ଓ ୫ ହଜାର ଟଙ୍କା ଜରିମାନା ନ୍ୟାୟ ପାଇଁ ପୀଡ଼ିତ ପରିବାର ପ୍ରଶାସନର ଦ୍ୱାରସ୍ଥ

ପାରଳାଖେମୁଣ୍ଡି,୯।୭(ନି.ପ୍ର): ଗଜପତି ଜିଲ୍ଲାର ରାୟଗଡ଼ା ବ୍ଲକ ଅନ୍ତର୍ଗତ ଜିରଙ୍ଗ ଖ୍ରୀଷ୍ଟିଆନ ସାହିରେ ଆଶାକର୍ମୀଙ୍କୁ ସାମାଜିକ ବାସନ୍ଦ କରାଯାଇଥିବା ଭଳି ଏକ ଗୁରୁତର ତଥା ସମ୍ବେଦନଶୀଳ ଅଭିଯୋଗ ଆସିଛି। ସାହି ମଧ୍ୟରେ ରହୁଥିବା ଏକମାତ୍ର ହିନ୍ଦୁ ପରିବାରକୁ ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ସେମାନଙ୍କ ସହ ସମ୍ପର୍କ ରଖୁଥିବା କାରଣରୁ ସମ୍ପୃକ୍ତ ଆଶାକର୍ମୀଙ୍କ ଉପରେ ଏହି ନିଷ୍ପତ୍ତି ଲଦି ଦିଆଯାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ପୀଡ଼ିତା ଆଶାକର୍ମୀ ଏବଂ ତାଙ୍କ ପରିବାର ଏବେ ନ୍ୟାୟ ପାଇଁ ଜିଲ୍ଲା ପୋଲିସ ଅଧୀକ୍ଷକ (ଏସପି), ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଓ ରାୟଗଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଜିରଙ୍ଗ ଖ୍ରୀଷ୍ଟିଆନ ସାହିର ଆଶାକର୍ମୀ ସୁନନ୍ଦିନୀ ମିଶଲ ସରକାରୀ ଦାୟିତ୍ୱ ଅନୁସାରେ ସାହି ମଧ୍ୟରେ ରହୁଥିବା ଏକ ହିନ୍ଦୁ ପରିବାରକୁ



ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ। ସେ ନିଜେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ ହିନ୍ଦୁ ପରିବାର ସହ ସମ୍ପର୍କ ରଖୁବାକୁ ନେଇ ସାହି କମିଟି ପକ୍ଷରୁ ତାଙ୍କୁ ବାରଣ କରାଯାଇଥିଲା। ଏପରିକି ଏକ ଗ୍ରାମ ବୈଠକ ଡକାଇ ତାଙ୍କ ବିରୋଧରେ ୫ହଜାର ଟଙ୍କାର ଜରିମାନା ମଧ୍ୟ ଲାଗୁ କରାଯାଇଥିଲା। ପୀଡ଼ିତାଙ୍କ କହିବା ଅନୁଯାୟୀ, ସେ ଭୟରେ ୫ ହଜା ଟଙ୍କା ଜରିମାନା ପୈଠ କରିଥିଲେ ମଧ୍ୟ ତାଙ୍କୁ ମଣ୍ଡଳୀ କିମ୍ବା ସାହିର କୌଣସି ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରାଯାଉନାହିଁ । ଏହା ସହ ଭବିଷ୍ୟତରେ ସାହିର ନିଷ୍ପତ୍ତି ଅମାନ୍ୟ କଲେ ବିଭିନ୍ନ ପ୍ରକାର ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସେ ପୂର୍ବରୁ ସିଡିଏମଓ ଏବଂ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବାରୁ ଶେଷରେ ସେ ପରିବାର ସହ ବୁଧବାର ଦିନ ଏସପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ସଦଭାବ, ଧାର୍ମିକ ସାମାଜିକ ସହାବସ୍ଥାନ ଏବଂ ସରକାରୀ ସ୍ୱାସ୍ଥ୍ୟ ସେବାରେ ବାଧା ସୃଷ୍ଟି ଭଳି ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଜଣେ ସରକାରୀ କର୍ମଚାରୀଙ୍କୁ ତାଙ୍କର କର୍ତ୍ତବ୍ୟ କରିବାରେ ବାଧା ଦେବା ଏବଂ ସାମାଜିକ ବାସନ୍ଦ କରିବା ଭଳି କୁପ୍ରଥା ଆଜିର ସମାଜରେ ଆଦୌ ଗ୍ରହଣୀୟ ନୁହେଁ।ଏହି ସମ୍ବେଦନଶୀଳ ପ୍ରସଙ୍ଗର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ ଆଇନଗତ ପଦକ୍ଷେପ ନେବାକୁ ପୀଡ଼ିତା ଓ ତାଙ୍କ ପରିବାର ଦାବି କରିଛନ୍ତି।

## 'ପ୍ରତିଦିନ'ର ପ୍ରଭାବ

# ହଟିଲା ଜାତୀୟ ରାଜପଥରେ ବିପଦସଙ୍କୁଳ ଅବସ୍ଥାରେ ଝୁଲୁଥିବା ବିରାଟକାୟ ଡାଳ



ଚିଲିକା,୯।୭(ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ୫ ନଂ ଜାତୀୟ ରାଜପଥ ଧୂଆଁଳ ଓ କୁମ୍ଭୀରପଡା ଛକ ମଧ୍ୟରେ ଏକ ଗଛରେ କିଛି ଦିନ ତଳେ ବର୍ଷା ପବନରେ ଏକ ବିରାଟକାୟ ଡ଼ାଳ ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ରହିଥିଲା। ନିକଟରେ ବିଦ୍ୟାଳୟଟି ଥିବାରୁ ଦୈନିକ ଛାତ୍ରଛାତ୍ରୀ ଓ ଯାତ୍ରୀ ଭୟଭୀତ ଭାବେ ଯାତାୟାତ କରୁଥିଲେ। ନିକଟସ୍ଥ ଗ୍ରାମର କିଛି ସମାଜସେବୀଙ୍କ ଅନୁରୋଧ କ୍ରମେ ଓଡ଼ିଶାର ଅଗ୍ରଣୀ ଦୈନିକ ଖବର କାଗଜ ପ୍ରତିଦିନରେ ଚଳିତ ମାସ ୭ ତାରିଖରେ ଉକ୍ତ ଖବରଟି ପ୍ରକାଶ ପାଇଥିଲା। କିନ୍ତୁ ଖବର ପ୍ରକାଶ ପାଇବାର ୪୮ ଘଣ୍ଟା ମଧ୍ୟରେ ବାଲୁଗାଁ ଆର ଆଣ୍ଡ ବି ବିଭାଗର ଏସଡ଼ିଓଙ୍କ ତତ୍ତ୍ୱାବଧାନରେ ଇଂ ଗଣେଶ ନାୟକଙ୍କ ପରାମର୍ଶ କ୍ରମେ ଓ ବାଲୁଗାଁ ଅଗ୍ନିଶମ ବିଭାଗର ଦାୟିତରେ ଥିବା ଅଧିକାରୀ ପ୍ରଶାନ୍ତ ମହାପାତ୍ର ଓ ତାଙ୍କର ଏକ ଟିମ ଯାଇ ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ଥିବା ବିରାଟକାୟ ଗଛଡ଼ାଳ ଓ ନିକଟରେ ଝୁଲି ରହିଥିବା ଆଉ ଏକ ଡ଼ାଳକୁ ସଫା କରି ଏକ ମହତ କାର୍ଯ୍ୟ କରିଛନ୍ତି। ଏହି ମହତ କାର୍ଯ୍ୟ ଓ କର୍ମ ତତ୍ପରତା ପାଇଁ ଉଭୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କର ପ୍ରଶଂସା ପାତ୍ର ହୋଇପାରିଛନ୍ତି ।

## ତୋଫାନ ବିନ୍ଧାଣୀ ହତ୍ୟା ମାମଲା ଅପରାଧୀଙ୍କ ଘର ଭାଙ୍ଗିଲା ପୋଲିସ



ରାଉରକେଲା,୯।୭(ନି.ପ୍ର): ଗତ ୨୦୨୬ ଜୁନ୍ ୧୬ ତାରିଖ ଦିନ ସେକ୍ଟର-୭ ଥାନା ଅଧିନସ୍ଥ ସେକ୍ଟର-୫ ଗୋଲଘର ରାମେଶ୍ୱରପାଲିର ତୋଫାନ ବିନ୍ଧାଣୀଙ୍କ ହତ୍ୟା ଘଟଣାରେ ସଂପୃକ୍ତ ଥିବା ଅପରାଧିଙ୍କ ଘରକୁ ଆଜି ରାଉରକେଲା ପୋଲିସ୍ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ସୂଚନା ଅନୁସାରେ ପୋଲିସ୍ ପ୍ରଶାସନ ୫ ଦିନ ପୂର୍ବରୁ ତୋଫାନ ବିନ୍ଧାଣୀ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଘର ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯାଇଥିଲାଛ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଘରକୁ ଭାଙ୍ଗିବା ଆଜି ଆରମ୍ଭ ହୋଇଛି। ପୂର୍ବରୁ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ଘର ଖାଲି କରିବା ପାଇଁ ନୋଟିସ ଜାରି କରିଥିଲେ, ଘର ଖାଲି କରିବା ପାଇଁ ବାସିନ୍ଦାଙ୍କୁ ପାଞ୍ଚ ଦିନ ସମୟ ଦିଆଯାଇଥିଲା। ନୋଟିସ ଅବଧି ଶେଷ ହେବା ପରେ, ଆଜି ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ଘର ଭାଙ୍ଗିବା ଅଭିଯାନ ଆରମ୍ଭ ହୋଇଛି।

## ଶଙ୍ଖ ଛାଡ଼ି ପଦ୍ମ ଧରିଲେ ସରପଞ୍ଚ, ନାଏବ ସରପଞ୍ଚ ଓ ଶତାଧିକ କର୍ମୀ

ହରଭଙ୍ଗା,୯।୭(ନି.ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତର ସରପଞ୍ଚଙ୍କ ସମେତ ନାଏବ ସରପଞ୍ଚ ଓ ଅଞ୍ଚଳ ର ଶତାଧିକ ବିଜେଡ଼ି କର୍ମୀ ବିଜେପିରେ ସାମିଲ ହୋଇଥିବା ସୂଚନା ମିଳିଛି। ଧଳପୁର ପଞ୍ଚାୟତର ଧଳପୁର ଛକ ଠାରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଅନୁଶାସନ, ଜଣକଲ୍ୟାଣ କାରି ଯୋଜନା ତଥା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଧଳପୁର ପଞ୍ଚାୟତର ସରପଞ୍ଚ ସୁଜାତା କର୍ଣ୍ଣ, ତାଙ୍କ ସ୍ୱାମୀ ଛତ୍ରଙ୍ଗ ପଞ୍ଚାୟତର ଅବସର ପ୍ରାପ୍ତ ପିଇଓ ବସନ୍ତ କର୍ଣ୍ଣ, ନାଏବ ସରପଞ୍ଚ ଦୁଃଖୀ ଶ୍ୟାମ ବେହେରା, ପ୍ରଦୀପ ହୋତାଙ୍କ ସମେତ ପଞ୍ଚାୟତର ଶତାଧିକ ବିଜେଡ଼ି କର୍ମୀ ବିଜେପିର ଟୋପି ଓ ଉତ୍ତରୀୟ ପିନ୍ଧି



ବିଧିବଦ୍ଧ ଭାବେ ବିଜେପି ଦଳରେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟିକୁ ତୃଣମୂଳ ସ୍ତରରେ ମଜଭୁତ କରିବା ସହ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସବୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେଡ଼ି ଛାଡ଼ି ବିଜେପିରେ ସାମିଲ ହୋଇଥିବା ସରପଞ୍ଚ ଓ ସମସ୍ତ କର୍ମୀ ପ୍ରତିଶ୍ରୁତି ଦେଇଥିଲେ। ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର, ୮ ନମ୍ବର ଜୋନର ମଣ୍ଡଳ ସଭାପତି ବିନୋଦ ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି ବାମନ ବାରିକ ଓ ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ କୁମାର ପ୍ରଧାନଙ୍କ ଉପସ୍ଥିତରେ ବିଜେଡ଼ି ଛାଡ଼ି ବିଜେପି ଦଳରେ ସାମିଲ ହୋଇଥିବା ଜଣା ପଡ଼ିଛି। ଉକ୍ତ ମିଶ୍ରଣ ପର୍ବ ପରେ ହରଭଙ୍ଗା ବ୍ଲକରେ ବିଜେଡ଼ିକୁ ଏକ ଶକ୍ତ ଧକ୍କା ଲାଗିବା କଥା ସାଧାରଣରେ ଚର୍ଚ୍ଚା ହେଉଛି।

## ଏନ୍‌ଏସ୍‌ଏସ୍ ପକ୍ଷରୁ ବୃକ୍ଷରୋପଣ

ବୌଦ୍ଧ,୯।୭(ନି.ପ୍ର): ବୌଦ୍ଧ ବ୍ଲକ୍ ବାଉଁଶୁଣୀ ସ୍ଥିତ ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ଜାତୀୟ ସେବା ଯୋଜନା ଯୁଗ୍ମ ବିଭାଗ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ ବୃକ୍ଷ ରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ୧୦୦ ଟି ଚାରା ରୋପଣ କରାଯାଇଥିଲା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ବୃକ୍ଷରୋପଣ ସହିତ ଚାରାଗୁଡ଼ିକର ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ମହା ବିଦ୍ୟାଳୟର ଅଧକ୍ଷ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ ସମାଜ ଗଠନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଏନ୍‌ଏସ୍‌ଏସ୍ କୋ-ୟୁନିଟର ପ୍ରୋଗ୍ରାମ ଅଫିସର୍ ଡ଼ ଉମାକାନ୍ତ ବିଶ୍ୱାଳ ଏବଂ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ବୃକ୍ଷରୋପଣ କରିଥିଲେ।

## ଚାଷ ଜମିରେ ପଟୁମାଟି: ଚାଷୀକୂଳ ହନ୍ତସନ୍ତ, ଗମନାଗମନ ବାଧାପ୍ରାପ୍ତ

ଜି.ଉଦୟଗିରି,୯।୭(ନି.ପ୍ର): ତିନି ଦିନ ଧରି ଲଗାଣ ବର୍ଷା ଫଳରେ ରଟିଙ୍ଗିଆ ଗ୍ରାମ ପଞ୍ଚାୟତର ଧାଙ୍ଗଡ଼ାମାହା ସ୍ଥିତ ମଧୁଝରି ଘାଇର ଏକପାର୍ଶ୍ୱ ଭୁଶୁଡି ଯାଇ ଆଖ ପାଖରେ ଥିବା ଚାଷଜମି ବୁଡି ଯାଇଥିଲା । ଫଳରେ ରଟିଙ୍ଗିଆ ଏବଂ ଜି.ଉଦୟଗିରିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର କିଛି ଅଂଶ ଧୋଇ ହୋଇ ଭାସି ଯାଇଥିଲା । ଫଳରେ ରଟିଙ୍ଗିଆ ଅଞ୍ଚଳ ବାସୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଏବେ ରାସ୍ତା ଓ ଜମିରୁ ପାଣି ଶୁଖିଲା ପରେ ସ୍ଥିତି ଆହୁରି ଗମ୍ଭୀର ହୋଇ ପଡିଛି । କାରଣ ଉକ୍ତ ରାସ୍ତାର ଏକପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଯାଇଛି । ଯାହା ଦ୍ୱାରା ବଡ ଗାଡି ଯେପରିକି ଆମ ବସ୍, ଟ୍ରାକଟର ଓ ମାଲ ବୋଝେଇ



ଗାଡି ନିମନ୍ତେ ଯାତାୟାତ ଉପରେ ସମ୍ପୂର୍ଣ୍ଣ ନିଷେଧ ରହିଛି । ଫଳରେ ଗାଁ ଲୋକେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେଉଁ ଚାଷ ଜମିରେ ପାଣି ଜମିଥିଲା ତାହା ଶୁଖିଲାପରେ ଜମିରେ ପାଟୁମାଟି ଜମି ରହିଛି ଏବଂ ଚାଷ ଉପଯୋଗୀ ହୋଇ ପାରୁନାହିଁ । ସେହି ଅଞ୍ଚଳର ଚାଷୀକୂଳ ହନ୍ତସନ୍ତ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଚାଷ ସମୟରେ ଚାଷ ଉପକରଣ ବା ମେସିନାରୀର ଗମନାଗମନ ସୁବିଧା ନ ହେଲେ ଚାଷୀକୂଳ ଅତ୍ୟନ୍ତ ପ୍ରଭାବିତ ହେବେ ବୋଲି ଗ୍ରାମବାସୀ କହିଛନ୍ତି । ରାସ୍ତା ଧୋଇ ହୋଇଯାଇଥିବା ପାର୍ଶ୍ୱରେ ଗାର୍ଡ ୱାଲ ନ କରିବା ପର୍ଯ୍ୟନ୍ତ କେବଳ ଉକ୍ତ ରାସ୍ତା ମରାମତି କରିଦେଲେ କିଛି ଲାଭ ହେବ ନାହିଁ । କାରଣ ଯେଉଁ ରାସ୍ତାଟି ପାଣି ଦ୍ୱାରା ଧୋଇ ହୋଇଯାଇ ପ୍ରଭାବିତ ହେଇଛି । ସେ ରାସ୍ତାଟି କିଛି ଦିନ ପୂର୍ବରୁ ହିଁ ପିଚୁ ପଡ଼ି ମରାମତି ହେଇଥିଲା । ମୁଖ୍ୟ ରାସ୍ତାରେ ମୋ ବସ ଯାତାୟାତ କରୁଥିବା ବେଳେ ରାସ୍ତାଟି ଭୁଶୁଡି ଯିବା ହେତୁ ଲୋକେ ପୁଣି ପୂର୍ବ ପରି ଅଟୋ ତଥା ତିନି ଚକିଆ ଯାନ ଉପରେ ନିର୍ଭରଶୀଳ ହେବେ ବୋଲି ମତ ପ୍ରକାଶ କରିଛନ୍ତି ।

## ଫାଟକରେ ଘଣ୍ଟା ଘଣ୍ଟା ଅଟକିଲା ଟ୍ରେନ ଯାତାୟାତରେ ବାଧା

ଡୁଙ୍ଗୁରିପାଲି,୯।୭(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଠାରେ ରେଳ ଫାଟକ ଉପରେ ଘଣ୍ଟା ଘଣ୍ଟା ଧରି ରହିଲା ଟ୍ରେନ ଯାତାୟାତରେ ବାଧା। ଡୁଙ୍ଗୁରିପାଲି ରୁ ସହଲା ଯିବା ରାସ୍ତାରେ ଥିବା ରେଳ ଫାଟକରେ ଏକ



ମାଲ ବୋଝେଇ ଟ୍ରେନ ଗୁରୁବାର କିଛି ଯାନ୍ତ୍ରିକ ଅସୁବିଧାରୁ ଟ୍ରେନ ଟି ଫାଟକ ମଝିରେ ଘଣ୍ଟା ଘଣ୍ଟା ଧରି ଅଟକି ରହି ଥିଲା। ସହ ସହ ଲୋକ ଉଭୟ ପରସ୍ପରେ ଅଟକି ଥିଲେ। ଯାହାକି ରେଳ ବିଭାଗ ର କର୍ମଚାରିମାନେ ଅସି ଟ୍ରେନ ଯିବା ପାଇଁ ଆଉ ଘଣ୍ଟାଏରୁ ଅଧିକ ସମୟ ଲାଗିବ ତେଣୁ ସମସ୍ତ ଲୋକଙ୍କୁ ଅନ୍ୟ ରାସ୍ତାରେ ଯିବାକୁ କହିଥିଲେ। ଗୁରୁବାର ଡୁଙ୍ଗୁରିପାଲି ବଜାର ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ରାସ୍ତାରେ ସୁବର୍ଣ୍ଣପୁର, ତରଭାକୁ ସଂଯୋଗ କରୁଥିବା ବେଳେ ଡୁଙ୍ଗୁରିପାଲି ବ୍ଲକରେ କାପାସିରା, ତମମୁରା, ଭାଟବାହାଲୀ, ସହଲା ଭଳି ଅନେକ ଗ୍ରାମ ଡାକ୍ତରଖାନା, ପୋଲିସ ଷ୍ଟେସନ, ବ୍ଲକ ତଥା ବିଭିନ୍ନ କାର୍ଯ୍ୟାଳୟକୁ ଅସିଥାନ୍ତି। ହେଲେ ଅନେକଥର ଏଭଳି ସମସ୍ୟା ଦେଖା ଯାଉଛି। ତେଣୁ ସ୍ଥାନୀୟ ଲୋକଙ୍କ ଦାବି ହେଉଛି ଯେ ତୁରନ୍ତ ଏହି ଫାଟକ ରେ ଅଣ୍ଡର ଗ୍ରାଉଣ୍ଡ ବ୍ରିଜ କିମ୍ବା ଓଭର ବ୍ରିଜ ତୁରନ୍ତ କରାଯାଉ।

## ଆରଡ଼ିରେ ଶ୍ରାବଣୀ ଉତ୍ସବ ନିମନ୍ତେ ପ୍ରସ୍ତୁତି

ଭଦ୍ରକ,୯।୭(ନିପ୍ର): ଭଦ୍ରକ ଜିଲ୍ଲାର ଆରଡ଼ିରେ ପ୍ରସିଦ୍ଧ ଶୈବ ପୀଠ ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ଶ୍ରାବଣୀ ଉତ୍ସବର ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲପାଳ ରବି ନାରାୟଣ ସାହୁ, ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦି, ବିଭାଗୀୟ ଅଧିକାରୀ ଓ ସେବାୟତମାନେ ଯୋଗ ଦେଇଥିଲେ। ଶ୍ରାବଣ ଜଳାଭିଷେକ ପର୍ବ ଜୁଲାଇ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୨୪ ପର୍ଯ୍ୟନ୍ତ ୬ ସୋମବାର ଅନୁଷ୍ଠିତ ହେବ। ଜୁଲାଇ ୧୯, ୨୬ ଏବଂ ଅଗଷ୍ଟ ୨, ୯, ୧୬ ଓ ୨୩ ତାରିଖ ରବିବାର ଦିନମାନଙ୍କରେ ମଧ୍ୟ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା, ପୋଲିସ ଫୋର୍ସ ଓ ସ୍ୱେଚ୍ଛାସେବୀ ନିଯୁକ୍ତି, ସୁରକ୍ଷାକର୍ମୀଙ୍କ ରହିବା ବ୍ୟବସ୍ଥା, ସୁବିଧାରେ ଦର୍ଶନ ପାଇଁ ବ୍ୟାରିକେଡିଂ, ଭିଡ଼ ନିୟନ୍ତ୍ରଣ ଆଦି ଉପରେ ଆଲୋଚନା କରାଯାଇଛି। ନଦୀଘାଟରେ ଉଦ୍ଧାରକାରୀ ଦଳ ମୁତୟନ, ଅତିରିକ୍ତ ପାର୍କିଂ ସ୍ଥଳ ନିର୍ଦ୍ଧାରଣ, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ସାଜସଜ୍ଜା ଓ ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ବିଶ୍ରାମସ୍ଥଳ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ଭକ୍ତମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି।

## ବନ ମହୋତ୍ସବ ପାଳିତ

କଳାହାଣ୍ଡି,୯।୭(ନି.ପ୍ର): କେସିଙ୍ଗା ବ୍ଲକ ଅନ୍ତର୍ଗତ ଚାଚା ନେହରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉତ୍କେଲା ପ୍ରାଙ୍ଗଣ ଠାରେ ୭୭ତମ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କେଲା ସରପଞ୍ଚ ମଧୁପ୍ରିୟା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଚାରା ରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ




ଏବଂ ଅନ୍ୟ ଅତିଥିମାନଙ୍କ ମଧ୍ୟରୁ ବନପାଳ ଯଶୋବନ୍ତ ନାଏକ, ପୂରାତନ ସ୍କୁଲ ଛାତ୍ର ଛାତ୍ରୀ ସଙ୍ଘର ସଭାପତି ଅନିରୁଦ୍ଧ ସାହୁ, ବିରଞ୍ଚିନାରାୟଣ ପ୍ରଧାନ ପୂର୍ବତନ ପ୍ରଧାନ ଶିକ୍ଷକ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି, ସଭାପତି ହରିଶ୍ଚନ୍ଦ୍ର ପୁଟେଲ, ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ବୃନ୍ଦ ଉପସ୍ଥିତ ରହି ଚାରା ରୋପଣ କରାଯାଇଥିଲା। ଏହି ଚାରା ରୋପଣ ର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରିବେଶକୁ କିପରି ସୁରକ୍ଷିତ ଓ ସଂରକ୍ଷିତ ରଖିବା ଏବଂ ତାର ରକ୍ଷଣାବେକ୍ଷଣ କିପରି କରିବା ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ଓ ସମସ୍ତେ ପରିବେଶ ପ୍ରତି କିପରି ସଚେତନତା ହେବା ।

## ପଦ୍ମିନୀ ପ୍ରଧାନଙ୍କ ଅକାଳ ବିୟୋଗ



ଗାଇସିଲେଟ,୯।୭(ନି.ପ୍ର): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆପାଲିର ପୂର୍ବତନ ସରପଞ୍ଚ ତଥା ବିଜେପି ନେତା ଶାନ୍ତନୁ ପ୍ରଧାନଙ୍କ ପତ୍ନୀ ପଦ୍ମିନୀ ପ୍ରଧାନ (୪୧)ଙ୍କର ଗୁରୁବାର ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ପରିବାର, ଶୁଭେଚ୍ଛୁ, ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ପଦ୍ମିନୀ ପ୍ରଧାନ ଜଣେ ସରଳ, ମିଷ୍ଟଭାଷୀ ଓ ସାମାଜିକ ଚେତନାସମ୍ପନ୍ନ ମହିଳା ଥିଲେ। ତାଙ୍କର ଅକାଳ ବିୟୋଗରେ ଜଣେ ସ୍ନେହଶୀଳ ଓ ସହୃଦୟ ବ୍ୟକ୍ତିତ୍ୱଙ୍କୁ ହରାଇଛି ବୋଲି ସ୍ଥାନୀୟଲୋକେ କହିଛନ୍ତି। ବିଜେପୁର ବିଧାୟକ ସନତ ଗଡତିଆ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବିଜେପି ଜିଲ୍ଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ, ବିଜେପି ରାଜ୍ୟ ପରିଷଦ ସଦସ୍ୟ ଶରତ ବିଶି, ମଣ୍ଡଳ ପ୍ରଭାରୀ ସଞ୍ଜୟ ପୁରୋହିତ, ମଣ୍ଡଳ ସଭାପତି ବିଶ୍ୱନାଥ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ଝସକେତନ ସାହୁ, ମଣ୍ଡଳ ଉପସଭାପତି ଡୋଲାମଣୀ ପ୍ରଧାନ ପ୍ରମୁଖ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ଦାହ ସଂସ୍କାର କରାଯାଇଥିବା ବେଳେ ପୁଅ ଅଂଶୁମାନ ମୁଖାଗ୍ନି ଦେଇଥିଲେ।

## ବ୍ୟାଡ଼ମିଣ୍ଟନ୍ ଆସୋସିଏସନ୍‌ର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ପରିଷଦ ବୈଠକ




ଫୁଲବାଣୀ,୯।୭(ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ ର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଏକ ସାଧାରଣ ପରିଷଦ ବୈଠକ,ଆଜି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ପୂର୍ବରୁ ଗଣତାନ୍ତ୍ରିକ ପଦ୍ଧତିରେ ଶେଷ କରିଥିବା ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିବା, ଆସୋସିଏସନ ର ସଦସ୍ୟ ତଥା ଆଇନଜୀବି ଶ୍ରୀ ଧିରେନ୍ଦ୍ର ନାଥ ପାତ୍ର ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କନ୍ଧମାଳ ଜିଲ୍ଲା ପରିଷଦ, ଶ୍ରୀ ଶମ୍ଭୁନାଥ ନନ୍ଦୀ ଯୋଗ ଦେଇଥିଲେ ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ସମୀର କୁମାର ନାୟକ ଯୋଗ ଦେଇଥିଲେ। ଏଥି ସହିତ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ ର ପର୍ଯ୍ୟବେକ୍ଷକ ଭାବେ ଶ୍ରୀ ଶୈଳେନ୍ଦ୍ର ଚୌଧୁରୀ ଯୋଗ ଦେଇଥିଲେ। ଆସନ୍ତା ଦୁଇ ବର୍ଷ ପାଇଁ ଆସୋସିଏସନ ର ନୂତନ ସଭାପତି ଭାବେ ଶ୍ରୀ ଅଶୋକ କୁମାର ପଟ୍ଟନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ଦେବେନ୍ଦ୍ର ନାଥ ପାତ୍ର, ଉପ ସଭାପତି ଭାବେ ଶ୍ରୀ ପ୍ରଶାନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଶ୍ରୀ ଦୀପକ ରଞ୍ଜନ ମହାନ୍ତି, ସହ ସମ୍ପାଦକ ଭାବେ ଶ୍ରୀ ସବ୍ୟସାଚୀ ଦଲାଲ ଓ ଶ୍ରୀ ସୁବ୍ରତ କୁମାର ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ଶ୍ରୀ ପ୍ରମୋଦ କୁମାର ସାହୁ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିଥିଲେ ଛସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ, ଶ୍ରୀ ମାନସ କୁମାର ପାତ୍ର, ଶ୍ରୀ ଦୁର୍ଯ୍ୟୋଧନ ନାୟକ, ଶ୍ରୀ ରାଜେଶ କୁମାର ପାତ୍ର, ଗଙ୍ଗାଧର ପଣ୍ଡା, କେ. ମହେଶ କୁମାର ସୁବୁଦ୍ଧି ଏବଂ ଶ୍ରୀ କିରଣ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ଘୋଷଣା ପରେ ସମସ୍ତ ନୂତନ ସଭାପତି, ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କୁ ସ୍ମୃତି ଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ମୁଖ୍ୟ ଅତିଥି ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରି, ନିଜ ବକ୍ତବ୍ୟରେ, ବ୍ୟାଡମିଣ୍ଟନ ଖେଳ ଏପରି ଏକ ଖେଳ ଯାହା ସବୁ ବୟସର ଲୋକେ ଖେଳି ପାରିବେ ତେଣୁ ଏହାର ପ୍ରସାର ଦିଗରେ ପ୍ରଚେଷ୍ଟା ଆବଶ୍ୟକ । ଆସୋସିଏସନ ର ଉନ୍ନତି ପାଇଁ ତଥା ବ୍ୟାଡମିଣ୍ଟନ୍ ଖେଳ ଓ ଖେଳପ୍ରେମୀମାନଙ୍କ ଆଗ୍ରହ ନିମନ୍ତେ ଆସୋସିଏସନ ପକ୍ଷରୁ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ। ଆସୋସିଏସନର ପାଣ୍ଠି, ଏହାର ନିଜସ୍ୱ କାର୍ଯ୍ୟାଳୟ କରିବା ଦିଗରେ ମଧ୍ୟ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ପର୍ଯ୍ୟବେକ୍ଷକ ଶ୍ରୀ ଚୌଧୁରୀ କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର କର୍ମକର୍ତ୍ତାମାନଙ୍କ ଖେଳ ପ୍ରତି ରହିଥିବା ଆଗ୍ରହ ତଥା ସଂଗଠନର କାର୍ଯ୍ୟ ଶୈଳୀକୁ ପ୍ରସଂଶା କରିଥିଲେ। କାର୍ଯ୍ୟକ୍ରମକୁ ଉପସଭାପତି ଶ୍ରୀ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୀମା ସୁରକ୍ଷା, ଅନ୍ତ୍ୟୋଦୟ ଶ୍ରମିକ ସୁରକ୍ଷା ଯୋଜନା

# ଗ୍ରାମାଞ୍ଚଳରେ ସଚେତନତା ଅଭିଯାନ

ଖୋର୍ଦ୍ଧା,୯।୭(ନି.ପ୍ର): ଅସଂଗଠିତ କ୍ଷେତ୍ରର ଶ୍ରମିକ, କୃଷକ, ଦୈନିକ ମଜୁରିଆ ଓ ନିମ୍ନ ଆୟ ବର୍ଗର ପରିବାରମାନଙ୍କୁ ଦୁର୍ଘଟଣାଜନିତ ବିପଦ ସମୟରେ ଆର୍ଥିକ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ ପରିଚାଳିତ ଅନ୍ତ୍ୟୋଦୟ ଶ୍ରମିକ ସୁରକ୍ଷା ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଛି। ଅତ୍ୟନ୍ତ ସୁଲଭ ବାର୍ଷିକ ପ୍ରିମିୟମ୍ ମାତ୍ର ୨୮୯ ଦେଇ ଏହି ଯୋଜନାରେ ସାମିଲ ହେଲେ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ୫ ଲକ୍ଷ ପର୍ଯ୍ୟନ୍ତ ବୀମା ସୁରକ୍ଷା ମିଳୁଥିବାରୁ ଏହା ଆର୍ଥିକ ଭାବେ ଦୁର୍ବଳ ବର୍ଗ ପାଇଁ ଏକ ବଡ଼ ଆଶ୍ୱସ୍ତି ପାଲଟିଛି। ଏହି ଯୋଜନାରେ କେବଳ ଜୀବନ ବୀମା ନୁହେଁ, ଦୁର୍ଘଟଣା ପରେ ଚିକିତ୍ସା ବ୍ୟୟ ବାବଦକୁ ୫୦ ହଜାର ପର୍ଯ୍ୟନ୍ତ ସହାୟତା, କୋମା ବେନିଫିଟ୍ ଏବଂ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆର୍ଥିକ ସହଯୋଗ ମଧ୍ୟ ରହିଛି। ଫଳରେ ଅପ୍ରତ୍ୟାଶିତ ଦୁର୍ଘଟଣା ସମୟରେ ପରିବାର ଉପରେ ଆର୍ଥିକ ବୋଝ କମାଇବାରେ ଏହି ଯୋଜନା ସହାୟକ ହେଉଛି। ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଲୋକଙ୍କ ପାଖରେ ଏହି ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ଭାରତୀୟ ଡାକ ବିଭାଗ ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ (ଆଇପିପିବି) ପକ୍ଷରୁ



ସଚେତନତା ଓ ନାମଲେଖା ଅଭିଯାନକୁ ବ୍ୟାପକ କରାଯାଉଛି। ଗ୍ରାମୀଣ ଡାକ ସେବକମାନେ ଘରେ ଘରେ ପହଞ୍ଚି ଯୋଜନାର ବିଭିନ୍ନ ସୁବିଧା, ନାମଲେଖା ପ୍ରକ୍ରିୟା ଏବଂ ବୀମା ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛନ୍ତି। ଏହା ଦ୍ୱାରା ଆର୍ଥିକ ସାମାଜିକ ସୁରକ୍ଷା ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା ବୃଦ୍ଧି ପାଉଥିବା ଦେଖାଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ କେରଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ ମବରୁର୍ ହୁସେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମଜୀବୀ ପରିବାରମାନଙ୍କ ପାଇଁ ଏପରି ସାମାଜିକ ସୁରକ୍ଷା ଯୋଜନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା ଡାକ ଉପମଣ୍ଡଳର ସହକାରୀ ଡାକ ଅଧିକ୍ଷକ ସତ୍ୟବ୍ରତ ଗାହାଣ ଯୋଜନାର ବିଭିନ୍ନ ସୁବିଧା, ଯୋଗ୍ୟତା ଏବଂ ନାମଲେଖା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ, ଭୁବନେଶ୍ୱରର ସହକାରୀ ଶାଖା ପ୍ରବନ୍ଧକ ସାର୍ଥକ ମିଶ୍ର ଏବଂ ପ୍ରିୟବ୍ରତ ପାତ୍ର ଉପସ୍ଥିତ ରହି ଡିଜିଟାଲ୍ ମାଧ୍ୟମରେ ସହଜ ନାମଲେଖା ପ୍ରକ୍ରିୟା ସହ ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। କେରଙ୍ଗ ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ଶ୍ରୀମତୀ ଝିଲି ସ୍ୱାଇଁ ଗ୍ରାମବାସୀଙ୍କୁ ଏହି ସୁଲଭ ବୀମା ଯୋଜନାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ। ସଭାକୁ ଦୀପ୍ତିରଞ୍ଜନ ପାଇକରାୟ ପରିଚାଳନା କରିଥିବାବେଳେ ପ୍ରଶାନ୍ତ କୁମାର ପାଇକରାୟ, ମିଳନ କୁମାର ସାହୁ ଓ ପ୍ରସନ୍ନ ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେଛ ଅଧିକାରୀମାନେ କହିଛନ୍ତି ଯେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକ ଏପର୍ଯ୍ୟନ୍ତ ବୀମା ସୁରକ୍ଷାରୁ ବଞ୍ଚିତ ରହିଛନ୍ତି। ତେଣୁ ଏଭଳି ସୁଲଭ ଯୋଜନାରେ ସାମିଲ ହୋଇ ନିଜ ଏବଂ ପରିବାରର ଭବିଷ୍ୟତକୁ ସୁରକ୍ଷିତ କରିବାକୁ ସେମାନେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଇଚ୍ଛୁକ ବ୍ୟକ୍ତିମାନେ ନିକଟସ୍ଥ ଡାକଘର ସହ ଯୋଗାଯୋଗ କରି ସହଜରେ ଏହି ଯୋଜନାରେ ନାମଲେଖା କରିପାରିବେ।

# ମହିଧରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଇନିଂ ଡାକ୍ତର ନିଯୁକ୍ତି ଦାବି

ଫୁଲନଖରା,୯।୭ (ନି.ପ୍ର): କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ବହୁ ପୁରାତନ ମହିଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ତିନି ବର୍ଷ ଧରି ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଜିଲ୍ଲାରେ ପ୍ରସୂତି ସେବା କ୍ଷେତ୍ରରେ ଅଗ୍ରଣୀ ଭାବେ ପରିଚିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଯୋଗୁଁ ଗର୍ଭବତୀ ମହିଳା ଓ ପ୍ରସୂତିମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ପ୍ରସୂତି ନିମନ୍ତେ ବହୁ ସଂଖ୍ୟକ ଗର୍ଭବତୀ ମହିଳା ମହିଧରପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିଲେ ମଧ୍ୟ ଡାକ୍ତର ନଥିବାରୁ ସେମାନଙ୍କୁ କଟକ ଓ ଭୁବନେଶ୍ୱରର ବିଭିନ୍ନ ଘରୋଇ ନର୍ସିଂହୋମ ଯିବାକୁ ପଡୁଛି। ଫଳରେ ସାଧାରଣ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରମାନେ ହଜାର ହଜାର ଟଙ୍କା ବ୍ୟୟ କରିବାକୁ ବାଧ ହେଉଛନ୍ତି। ସୂଚନା ଅନୁଯାୟୀ, ୨୦୨୪ ବିଧାନସଭା ନିର୍ବାଚନର ପ୍ରାୟ ଛଅ ମାସ ପୂର୍ବରୁ କାର୍ଯ୍ୟରତ ଥିବା ପ୍ରସୂତି ବିଭାଗର ଡାକ୍ତର ଟ୍ରେନିଂକୁ ଯାଇ ପରବର୍ତ୍ତୀ ସମୟରେ ଅନ୍ୟତ୍ର ନିଯୁକ୍ତି ପାଇଥିଲେ। ସେହି ଦିନଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଆଉ କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନଥିବାରୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରଭାବିତ ହୋଇଛି।ଏହି ସମସ୍ୟାକୁ ନେଇ ଅଞ୍ଚଳବାସୀ ବହୁବାର ସ୍ୱାସ୍ଥ୍ୟ ବିଭାଗ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ଦାବି ଜଣାଇ ଆସୁଛନ୍ତି। ଗତ ତିନି ମାସ ପୂର୍ବେ ମହିଧରପଡା ସ୍ୱାସ୍ଥ୍ୟକେନ୍ଦ୍ରର ନବନିର୍ମିତ ଗୃହ ଉଦ୍ଘାଟନ ଅବସରରେ ଜଗତସିଂହପୁର ସାଂସଦ ଓ ନିଆଳି ବିଧାୟକ ଉପସ୍ଥିତ ଥିବାବେଳେ ସ୍ଥାନୀୟ ବାସିନ୍ଦାମାନେ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପ୍ରସଙ୍ଗ ଉଠାଇଥିଲେ। ସେତେବେଳେ ଏକ ମାସ ମଧ୍ୟରେ ଡାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା,କିନ୍ତୁ ପ୍ରତିଶ୍ରୁତି ପରେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନିଯୁକ୍ତି ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିରାଶା ବଢ଼ିଛି। ଅନ୍ୟପକ୍ଷରେ, ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଜଣ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର କାର୍ଯ୍ୟରତ ଥିବାବେଳେ ମହିଧରପଡା ପରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ନ ମିଳିବା ଘଟଣାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ସମସ୍ୟା ସମ୍ପର୍କରେ ଅବଗତ ଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଅଞ୍ଚଳବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବଢୁଛି। ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ, ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ମହିଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବିଳମ୍ବେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଉ।ନିଆଳି ବିଧାୟକ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରି ଅବିଳମ୍ବେ ମହିଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଏହି ଦାବିକୁ ସମର୍ଥନ କରିଛନ୍ତି ଲଳିତ କୁମାର ଦାଶ, ଅଜୟ କୁମାର ବେଉରା, ଶୈଳଜାନନ୍ଦ ସାହୁ, ଅଶୋକ କୁମାର ରଥ, ପ୍ରଣବ ପଟ୍ଟନାୟକ, କିଶୋର ପାତ୍ର, ବିଜୟ ମହାପାତ୍ର, ଗୁରୁଚରଣ ମହାନ୍ତି, ଅମିତ କୁମାର ପରିଜା, ସୁରେନ୍ଦ୍ର ଛୋଟରାୟ, ବିକାଶ ସାହୁ, ପ୍ରଦୀପ ସୁନ୍ଦରାୟ ।

## ମାଲ୍ୟଗିରି ପାହାଡକୁ ଟ୍ରେକିଂ କରିବାକୁ ଯାଇ ଫସି ରହିଥିବା ଯୁବକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ପାଲଲହଡା,୯।୭ (ନିପ୍ର ): ପାଲଲହଡା ବ୍ଲକରେ ଥିବା ପର୍ଯ୍ୟଟନ ସ୍ଥଳ ବାବା ଗିରିଶ୍ୱର ଶୈବ ପିଠ ଓ ଜଳପ୍ରପାତ କୁ ପ୍ରତେକ ଦିନ ଶହ ଶହ ଭକ୍ତ ବାବା ଙ୍କ ଦର୍ଶନ ଶହ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ଉପଭୋଗ କରିବା ପାଇଁ ଆସିଥାନ୍ତି।କେନ୍ଦୁଝର ଅଞ୍ଚଳ ର କିଛି ଯୁବକ ଗତକାଲି ଖୁଲୁଡ଼ି ବାବା ଗିରିଶ୍ୱର ଙ୍କୁ ଦର୍ଶନ କରି ମାଲ୍ୟଗିରି ପାହାଡ କୁ ଟ୍ରେକିଂ କରିବାକୁ ଯାଇ ଫସି ରହିଥିବା ୩ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ପାଲଲହଡା ଅଗ୍ନିଶମ ବିଭାଗ । ସୂଚନା ଅନୁଯାଇ ଗତକାଲି କେନ୍ଦୁଝର, ବଡ଼ବିଲ ଓ ଚମ୍ପୁଆ ଅଂଚଳର ୧୩ ଜଣ ଯୁବକ ଏକା ସାଙ୍ଗେ ମାଲ୍ୟଗିରି ପାହାଡକୁ ଚିଥିଲେ। କିଛି ବାଟ ଯିବାପରେ ୬ ଜଣ ଯୁବକ ତଳକୁ ଫେରି ଆସିଥିଲେ। ଅନ୍ୟ ସାଥି ୭ ଜଣ ଯୁବକ ଉପରକୁ ଯାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୪ ଜଣ ଯୁବକ ପାହାଡ଼କୁ ଚଢି ନପାରି ଗତକାଲି ସନ୍ଧ୍ୟାରେ ତଳକୁ ଆସିଥିଲେ। ଅନ୍ୟ ୩ ଜଣ ଯୁବକ ରାସ୍ତା ନପାଇ ପାହାଡ଼ ଭିତରେ ଫସି ରହିଥିଲେ। ତଳକୁ ଓହ୍ଲାଇ ଥିବା ସାଙ୍ଗ ମାନଙ୍କୁ ଫୋନ କରି ଫସି ରହିଥିବା ସୂଚନା ଦେଇଥିଲେ।ଗୁରୁବାର ପାଲଲହଡା ୧୧୨ କୁ ସୂଚନା ଦେବା ପରେ ଉକ୍ତ ୩ ଯୁବକଙ୍କୁ ଉଦ୍ଧାର ପାଇଁ ପାଲଲହଡା ଅଗ୍ନିଶମ ବାହିନୀ ପାହାଡ ଉପରକୁ ଯାଇଥିଲା, ପାଖାପାଖି ୭ କିଲୋମିଟର ଯିବା ପରେ ପାହାଡ ଉପରେ ଏକ ଚଟାଣ ରେ ଫସି ରହିଥିଲେ ଯୁବକ ମାନଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରି ତଳକୁ ଅଣାଯାଇଥିଲା।ଘଟଣା ସ୍ଥଳରେ ପାଲଲହଡା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ ମହାନ୍ତ ଉପସ୍ଥିତ ରହି ଘଟଣା କୁ ଅନୁଧ୍ୟାନ କରିଥିଲେ ।

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ



କେନ୍ଦ୍ରାପଡ଼ା,୯।୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପିଏମଶ୍ରୀ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବ୍ଲକରୁ ବ୍ଲକସ୍ତରରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଯୋଗଦେଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ । କନିଷ୍ଠ ବର୍ଗ (୫ମ, ୬ଷ୍ଠ ଓ ୭ମ ଶ୍ରେଣୀ) ଏବଂ ବରିଷ୍ଠ ବର୍ଗ (୮ମ, ୯ମ ଓ ୧୦ମ ଶ୍ରେଣୀ)ରେ ପ୍ରବନ୍ଧ ଲିଖନ, କବିତା ଆବୃତ୍ତି, ବକ୍ତୃତା ଏବଂ ଓଡ଼ିଆ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ଏହିପରି କନିଷ୍ଠ ବର୍ଗରେ ୧୨ ଜଣ ଏବଂ ବରିଷ୍ଠ ବର୍ଗରେ ୧୨ ଜଣଙ୍କୁ ମୋଟ ୨୪ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି । ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୨ ଜୁଲାଇ ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ । ପ୍ରତିଯୋଗିତାରେ ଡ଼. ସର୍ବେଶ୍ୱର ସେଣ, ନୃସିଂହ ଚରଣ ତ୍ରିପାଠୀ, ଅକ୍ଷୟ ନାୟକ, ଅକ୍ଷୟ କୁମାର ପାଣି, ଈଶ୍ୱର ଚନ୍ଦ୍ର ପୃଷ୍ଟି, ସ୍ୱପ୍ନାଂଶୁ କୁମାର ଦାସ, ଶୈଳଜା ଶଙ୍କର ସାମଲ ଆଦି ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନର ମୂଲ୍ୟାଙ୍କନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂ ସଂସ୍କୃତି କାର୍ଯ୍ୟାଳୟ କର୍ମଚାରୀ ରାଜକିଶୋର ରାଉତଙ୍କ ସହଯୋଗରେ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।

## ୮କୋଟି ୮୫ଲକ୍ଷ ଟଙ୍କାର ବ୍ୟୟରେ ନିର୍ମିତ ରାସ୍ତା ଶୋଚନୀୟ



ପାରଳାଖେମୁଣ୍ଡି, ୯।୭ (ନି.ପ୍ର): ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଲଦିଗୁଡା ଠାରୁ ନୂଆଗଡ଼ ବ୍ଲକର କିରାମା ଅନ୍ତର୍ଗତ ଜାରିଙ୍ଗିଦୁଆ ସଂଯୋଗ କରାଯାଉଥିବା ରାସ୍ତା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରେ ହେଉଥିବା କାର୍ଯ୍ୟ ସଂପୂର୍ଣ୍ଣ ନିମ୍ନ ମାନର। ଯାହା ନାମକୁ ମାତ୍ର ପିଚ୍ଛୁ ପଡିଥିଲା। ତାହା ସମାନ ଭାବରେ ରୋଲିଂ ହୋଇନଥିବା ଯୋଗୁଁ ଭାରି ଯାନ ଯିବା ଆସିବା କରିବା ଯୋଗୁଁ ରାସ୍ତା ସଂପୂର୍ଣ୍ଣ ଭାବେ ନଷ୍ଟ ହେଇ ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାକୁ ଆସି ଯାଇଛି । ବର୍ଷା ଦିନେ ପାଣି ଜମି ରାସ୍ତାରେ ଗାଡ଼ି ମଟର ଅଟକି ଯାଉଛି । ଫଳରେ ଯାନବାହାନରେ ବସି ଥିବା ଯାତ୍ରୀ,ରୋଗୀ, ଗର୍ବବତୀ, ପ୍ରସୁତି ମହିଳା, ଶିକ୍ଷକ, ଶିକ୍ଷତ୍ରୀ ଏବଂ ଅଞ୍ଚଳର ବ୍ୟବସାୟୀ ମାନେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ।ରାସ୍ତା ସମସ୍ୟା ନେଇ ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ କନିଷ୍ଠ ଯନ୍ତ୍ରୀ, ଏସ୍ ଡି ଓ ଙ୍କ ଠାରୁ ଆରମ୍ଭ କରି ଗଜପତି ଜିଲ୍ଲାପାଳ ପର୍ଯ୍ୟନ୍ତ ଲିଖିତ ଓ ମୌଖିକ ଅଭିଯୋଗକରି ଆସିଛନ୍ତି ଅଞ୍ଚଳର ସମସ୍ତ ବର୍ଗର ଲୋକେ । ତଥାପି କୌଣସି ସୁଫଳ ପାଇ ପାରୁନାହାନ୍ତି ମୋହନା ବ୍ଲକର ଝରଣପୁର, ଲଦିଗୁଡା ନୂଆଗଡ଼ ବ୍ଲକର କିରାମା, ଟୁଡୁକାପଙ୍କା, ଜାରିଙ୍ଗିଦୁଆ, ନିଧିଗୁଡ଼ି ଗ୍ରାମର ଲୋକେ। ଦୀର୍ଘ ୭ କି:ମି ରାସ୍ତା କାମ ପାଇଁ ୮କୋଟି ୮୫ହଜାର ଅର୍ଥ ରାଶି ମଞ୍ଜୁର କରାଯାଇଥିଲା ନିମ୍ନ ମାନର ତିଆରି ରାସ୍ତା କାମରେ କେମିତି ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଗଲା। ଯେଉଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟ ସ୍ଥଳିକୁ ଯାଇଥିଲେ କି ନାହିଁ 'ନା ' ରାସ୍ତା କାମ ନେଇଥିବା ଠିକାଧାରଙ୍କ ସହିତ କଣ ସଲା ସୁତ୍ରରା ହୋଇ ବିଲ୍ ପ୍ରଦାନ କରାଯାଇଛି କି? ଦୁଇଦିନରେ ଭାଙ୍ଗି ଯାଇଥିବା ରାସ୍ତା ସମ୍ପର୍କରେ ସମସ୍ତଙ୍କ ମନରେ ହୁଙ୍କି ମାରୁଥିବା ପ୍ରଶ୍ନ ।ଏହି ନିମ୍ନ ମାନର ରାସ୍ତା ର୍ନିମାଣ କାର୍ଯ୍ୟ ଉପରେ ଉଚ୍ଚ ସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି ବୋଲି ମତପ୍ରକାଶ କରିଛନ୍ତି ।

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜୁ ଜନତା ଦଳର ପ୍ରସ୍ତୁତି

ଦାରିଙ୍ଗବାଡ,୯।୭(ନି ପ୍ର) : କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ନିର୍ବାଚନ ମଣ୍ଡଳୀର ୧୧ନଂ ଜୋନ ବ୍ରାହ୍ମଣୀ ଠାରେ ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ରଞ୍ଜନ କୁମାର ପ୍ରଧାନ ଙ୍କ ସଭାପତିତ୍ୱରେ ସ୍ଥାନୀୟ ସି ପି ଏସ ଡବ୍ଲୁ ପରିସର ରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି ।ଏଥିରେ ପୂର୍ବତନ ଉପ ବାଚସ୍ପତି ତଥା ବିଧାୟକ ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ । ଆଠ ପଞ୍ଚାୟତର ବଛା ବଛା କର୍ମୀ ମାନେ ଏକାଠି ହୋଇ ଦଳର ସ୍ଥିତି ଓ ରାଜ୍ୟ ରାଜନୀତି ଏବଂ ଗତ ନିର୍ବାଚନରେ ଦଳର ସଫଳତା ଓ ବିଫଳତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ଆଗମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାକୁ ହେଲେ କଣ ସବୁ ପଦକ୍ଷେପ ଗ୍ରହଣ କରିବାକୁ ହେବ ଏବଂ କର୍ମୀ ମାନଙ୍କ ଦାୟିତ୍ୱ କର୍ତ୍ତବ୍ୟ କଣ ରହିଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କର୍ମୀମାନେ ନିଜ ନିଜ ମତାମତ ଦେବା ପରେ ପୂର୍ବତନ ଉପ ବାଚସ୍ପତି ତଥା ବିଧାୟକ ଶ୍ରୀ ପ୍ରଧାନ ବର୍ତ୍ତମାନ ର ସରକାର କିଭଳି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି , ଉନ୍ନୟନ ମୂଳକ କାର୍ଯ୍ୟ ପରିବର୍ତ୍ତେ ,ରଙ୍ଗ ବଦଳାଇବାରେ ବ୍ୟସ୍ତ ରହୁଛନ୍ତି, କିଭଳି ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ସେ ସମସ୍ତ ବିଷୟରେ ଚର୍ଚ୍ଚା କରିବା ସହ ଦଳକୁ କିଭଳି ମଜଭୁ ସ୍ଥିତିକୁ ଫେରାଇ ଆଣିବେ ଓ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବେ ସେନେଇ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଏହି ଅବସର ରେ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବ ମୂର୍ତ୍ତି ଓ ଦଳର ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳର ବରିଷ୍ଠ କର୍ମୀ ତଥା ପୂର୍ବତନ ପଞ୍ଚାୟତ ସଭାପତି ମାରିଆନ୍ ଉଠାଣ ସିଂ ଓ ଯୁଗଳ କିଶୋର ସିଂ (କିନ) ଦଳରେ ସାମିଲ ହୋଇ ଥିଲେ । ସେମାନଙ୍କୁ ଶ୍ରୀ ପ୍ରଧାନ ଦଳୀୟ ଚିହ୍ନ ଦେଇ ସ୍ୱାଗତ କରିଥିଲେ କାର୍ଯ୍ୟକ୍ରମ ରେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ,ପୁର୍ବତନ ବ୍ଲକ୍ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ପ୍ରଧାନ ,ବ୍ରାହ୍ମଣୀଗାଁ ଲ୍ୟାମ୍ପ ସଭାପତି ଶ୍ରୀମତୀ ନୀଳମତି ମଳିକ ,ଜିଲ୍ଲା ସମ୍ପାଦକ ବାବୁନି ପଣ୍ଡା, ତାଜୁଙ୍ଗିଆ ଅକ୍ଷୟ କମାର ନାୟକ , ଜିଲ୍ଲା କାର୍ଯ୍ୟକର୍ତ୍ତା ଦୀପକ୍ କୁ ସାହୁ ,ଚିତ୍ରସେନ ପାତ୍ର, ବିରଞ୍ଚି ବିଷୋୟୀ, ସୁରଥ ବଡ଼ ନାୟକ, ରମେଶ ମାଝୀ, ପ୍ରଶାନ୍ତ ନାୟକ, ଦେବଚନ୍ଦ୍ର ମଲିକ୍, ଫେଲି ସିଂ, ବସନ୍ତ ପ୍ରଧାନୀ, ବାଉରୀ ପାତ୍ର ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଯୋଗ ଦେଇଥିବା ବେଳେ ସମିତି ସଭ୍ୟ ଅକ୍ଷୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ ଏବଂ ପ୍ରଶାନ୍ତ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରୋଷେୟା ୱାର୍ଡେନ ନିଯୁକ୍ତିକୁ ନେଇ ବିବାଦ, ଗ୍ରାମବାସୀଙ୍କ ତଦନ୍ତ ଦାବି

ବଣାଇ,୯।୭ (ନି.ପ୍ର.) : ବଣାଇ ବ୍ଲକ ଅନ୍ତର୍ଗତ କସଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ପାଇଁ ଦୁଇଜଣ ରୋଷେଇଆ ଓ ଜଣେୱାର୍ଡେନଙ୍କ ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଛି।ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖାଯାଇ ନ ଥିବା ଅଭିଯୋଗ ଆଣି ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ନିରପେକ୍ଷ ତଦନ୍ତ ଦାବି କରାଯାଇଛି । ଅଭିଯୋଗ ଅନୁଯାୟୀ, ଛାତ୍ରାବାସରେ ତିନୋଟି ପଦବୀ ଖାଲି ଥିବାରୁ ପ୍ରଧାନ ଶିକ୍ଷକ ବଣାଇ ବ୍ଲକ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଅବଗତ କରିଥିଲେଛ ପରବର୍ତ୍ତୀ ସମୟରେ ଜିଲ୍ଲା ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ଏହି ସମ୍ପର୍କରେ ଅବଗତ କରାଯାଇଥିଲା,କିନ୍ତୁ ନିଯୁକ୍ତି ପୂର୍ବରୁ ବିଦ୍ୟାଳୟ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ସାର୍ବଜନୀନ ବିଜ୍ଞପ୍ତି ପ୍ରକାଶ କରାଯାଇ ନ ଥିବା ବେଳେ ସବିତା କିସାନ, ରଶ୍ମିତା ସିଂ ଓ ପଙ୍କଜିନୀ ଗୁରୁଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ପ୍ରଶ୍ନ ଉଠିଛି।ଗ୍ରାମବାସୀଙ୍କ କହିବା ଅନୁସାରେ, ପୂର୍ବ ବର୍ଷଗୁଡ଼ିକରେ ପରିଚାଳନା କମିଟିର ବୈଠକରେ ସର୍ବସମ୍ମତିକ୍ରମେ ନିଯୁକ୍ତି କରାଯାଉଥିଲା।ମାତ୍ର ଏଥର କମିଟି ସଭାପତିଙ୍କୁ ନିଯୁକ୍ତି ସମ୍ପର୍କରେ ଅବଗତ କରାଯାଇନଥିବା ସହ ବିଦ୍ୟାଳୟରେ କାର୍ଯ୍ୟରତ କିଛି କର୍ମଚାରୀଙ୍କ ସମ୍ପର୍କୀୟଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ମଧ୍ୟ କରାଯାଇଛି । ଏନେଇ ପ୍ରଧାନ ଶିକ୍ଷକ ଧରଣୀଧର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସୁନ୍ଦରଗଡ଼ କାର୍ଯ୍ୟାଳୟରୁ ୨୦.୦୬.୨୦୨୬ ତାରିଖର ୨୦୧୩ ନମ୍ବର ପତ୍ର ଆଧାରରେ ନିଯୁକ୍ତି କରାଯାଇଛି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଦାବି ହେଉଛି, ବିଭଗୀୟ କାର୍ଯ୍ୟାଳୟ ଠାରୁ କରାଯାଇଥିବା ନିଯୁକ୍ତି ତାଲିକାରେ ବାହ୍ୟ ସଂସ୍ଥା ୟୁ ଟେକ୍ ସର୍ଭିସ ପ୍ରାଇଭେଟ ଲିମିଟେଡ ମାଧ୍ୟମରେ କେବଳ ସବିତା କିସାନ ଙ୍କ ନାମ ଥିବା ସୂଚନା ମିଳିଥିବା ବେଳେ ରଶ୍ମିତା ସିଂ ଓ ପଙ୍କଜିନୀ ଗୁରୁଙ୍କୁ କେଉଁ ଆଧାରରେ ନିଯୁକ୍ତି ଦିଆଗଲା ସେନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି ।

## ଆଦର୍ଶ ପ୍ରଧାନଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ବୋଲଗଡ, ୯।୭ (ନି.ପ୍ର): ବୋଲଗଡ ଗୋଷ୍ଠୀ ଶିକ୍ଷା ମଣ୍ଡଳ ଅଧୀନସ୍ଥ ପାଟବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ସେବା ନିବୃତ୍ତି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ,ମୁଖ୍ୟବକ୍ତା ଶିକ୍ଷାବିତ ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ସୁବାଷ ଚନ୍ଦ୍ର ରାୟଗୁରୁ ଶୈକ୍ଷିକ ଉନ୍ନୟନ ପରିଷଦ ଉପଦେଷ୍ଟା ପଦ୍ମଚରଣ ବେହେରା ସରପଞ୍ଚ ରାମମଣୀ ଦେଇ ସମିତି ସଭ୍ୟ ତୋଫାନ ବେହେରା ଶିକ୍ଷାବିତ ଆଦିକନ୍ଦ ରାଉତରାୟ ଶୈକ୍ଷିକ ଉନ୍ନୟନ ପରିଷଦ ସଭାପତି ରବୀନ୍ଦ୍ର ବେହେରା ପ୍ରଧାନଶିକ୍ଷକ ଭିକାରୀ ପୃଷ୍ଟି ସିଆରସିସି ପ୍ରଦୀପ ବଳବନ୍ତରାୟ ପଞ୍ଚସଖା ସେତୁ ସଭାପତି ବିରଞ୍ଚି ସାମନ୍ତରାୟ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ମଳୟ ପଣ୍ଡା ସମ୍ପାଦକ ଅପର୍ତ୍ତି ଅଚ୍ଚ ଶିକ୍ଷକ ନେତା ଶୈଳେନ ପଟ୍ଟନାୟକ ଶିକ୍ଷକ ସୁକାନ୍ତ ଜେନା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କର ଶୈକ୍ଷିକ ଦକ୍ଷତା ବିଦାୟୀ ଶିକ୍ଷକଙ୍କ ସୁସ୍ଥ ନିରାମୟ ଅବସର ଜୀବନ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରିବାରିକ କଳହ: ସ୍ତ୍ରୀ ଓ ପୁଅ ବୋହୂକୁ ହାଣିଲା ସ୍ୱାମୀ

ଜି.ଉଦୟଗିରି,୯।୭(ନି.ପ୍ର): ଜି. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦୱାର୍ଡ ନମ୍ବର-୪ ଶ୍ରୀରାମପଦାରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି । ସୂଚନା ପ୍ରକାରେ ରବୀନ୍ଦ୍ର ବିଶ୍ୱାଳ (୫୫) ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ବିଶ୍ୱାଳ (୪୭)ଓପୁଅ ବୋହୂ ସ୍ୱପ୍ନାରଣୀ ଶତପଥି (୨୫)ଙ୍କୁ ଏକ ଧାରୁଆ ଅସ୍ତ୍ର ଦ୍ୱାରା ଆକ୍ରମଣ କରିଥିବା ଜଣା ପଡିଛି। ଗୁରୁତ୍ୱର ଆହତ ଶାଶୁ ବିଜୟଲକ୍ଷ୍ମୀ ଏବଂ ପୁଅ ବୋହୁ ସ୍ୱପ୍ନାରଣୀଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକେ ପ୍ରଥମେ ଚିକିତ୍ସା ପାଇଁ ନେଇ ଥିଲେ । ଗୁରୁତର ଶାଶୁ ବୋହୁଙ୍କୁ କାର୍ଯ୍ୟରତ ଡ଼ଃ ଅଶୋକ କୁମାର ପ୍ରଧାନ ପ୍ରଥମିକ ଚିକିତ୍ସା କରିବା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ୧୦୮ ଆମ୍ବୁଲାନ୍ସରେ ଯୋଗେ ଅଧିକ ଚିକିତ୍ସା ପାଇଁ ରେଫର କରିଦେଇଥିଲେ।ଏଭଳି ଏକ ଅଭାବନୀୟ ଖବର ପାଇ ଜି.ଉଦୟଗିରି ଥାନା ଏ.ଏସ. ଆଇ ବୁଲୁ ବେହେରା,ହାବିଲଦାର ବିଷ୍ଣୁପାଣୀ ସେଠୀ ଓ ପୋଲିସ ଟିମ ରବୀନ୍ଦ୍ର ବିଶ୍ୱାଳଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛନ୍ତି ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ



ଫୁଲବାଣୀ,୯।୭(ନି.ପ୍ର): ଫୁଲବାଣୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁଡିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାମାକାନ୍ତ ମହାନ୍ତି, ଡି.ଏସ.ପି. ଫୁଲବାଣୀ ବ୍ରଜମୋହନ ପ୍ରଧାନ, ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ନିମାଇଁ ଚରଣ ବିଶି, ଜିଲ୍ଲା ଆଇନ ସେବା ସମୁଖ କାର୍ଯ୍ୟାଳୟର ରିଟେନର ପୀତାମ୍ବର ସାହୁ, ଦୁଡିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ରଶ୍ମୀତା ତ୍ରିପାଠୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟର ଛାତ୍ରୀବୃନ୍ଦ ଓ ପାରା ଲିଗାଲ ସ୍ୱେଚ୍ଛାସେବି ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ଶିକ୍ଷାର ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । ଶିଶୁଙ୍କ ଅଧିକାର, ସୁରକ୍ଷା, ନିଶୁଳ୍କ ଆଇନ ସହାୟତା ନମ୍ବର-୧୫୧୦୦, ଶିକ୍ଷାର ଗୁରୁତ୍ୱ ଏବଂ ଆଇନଗତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ସରଳ ଭାଷାରେ ଅବଗତ କରାଯାଇଥିଲା। ସେହିପରି ଶିଶୁ ନିର୍ଯ୍ୟାତନା, ବାଲ୍ୟବିବାହ, ଶିଶୁ ଶ୍ରମ ଭଳି ସାମାଜିକ ସମସ୍ୟାରୁ ଦୂରେଇ ରହିବା ସହ ଆବଶ୍ୟକ ସ୍ଥଳରେ ଆଇନର ସହାୟତା ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ବନ୍ଦ ହେବକି ସାମୁହିକ ପ୍ରୀତିଭୋଜନ କାର୍ଯ୍ୟକ୍ରମ 'ବଡ଼ା ଖାନା' ?




ଧାମନଗର,୯।୭(ନି.ପ୍ର) : ଓଡ଼ିଶାରେ ସାଧାରଣତଃ 'ବଡ଼ା ଖାନା' କୌଣସି ସରକାରୀ ସ୍ଥାୟୀ ଯୋଜନା ନୁହେଁ, ବରଂ ଏହା ସହରର ସ୍ୱଚ୍ଛତା କର୍ମୀ ଏବଂ ସରକାରୀ କର୍ମଚାରୀଙ୍କ ମନୋବଳ ବୃଦ୍ଧି ପାଇଁ ଆୟୋଜିତ ଏକ ସାମୂହିକ ପ୍ରୀତିଭୋଜନ କାର୍ଯ୍ୟକ୍ରମ ।ଏହା ସରକାରୀ ସ୍ତରରେ କର୍ମଚାରୀଙ୍କୁ ସମ୍ମାନ ଜଣାଇ ସେମାନଙ୍କ ସହ ଏକାଠି ବସି ଖାଇବା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପଛ ସଫେଇ କର୍ମଚାରୀଙ୍କ ସମ୍ମାନ ବିଶେଷକରି ସ୍ୱଚ୍ଛତା କର୍ମୀ ଏବଂ ସ୍ୱଚ୍ଛ ସାଥୀଙ୍କ ପରିଶ୍ରମକୁ ସ୍ୱୀକୃତି ଦେବା ଏବଂ ସେମାନଙ୍କୁ ସମାଜରେ ଉଚିତ ସମ୍ମାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ବିଶେଷତା ଅଟେ। 'ସେବାକୁ ସମ୍ମାନ ଓ ସମସ୍ତେ ସମାନ' ଲକ୍ଷ୍ୟକୁ ଆଖି ଆଗରେ ରଖି ନଗର ଉନ୍ନୟନ ବିଭାଗର ଉଚ୍ଚ ପଦାଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକା ଅଧ୍ୟକ୍ଷ ଏବଂ ସାଧାରଣ କର୍ମଚାରୀମାନେ ଏକାଠି ଏହି ଭୋଜନରେ ସାମିଲ ହୋଇଥାନ୍ତି। ବିଭିନ୍ନ ଏନଏସି ଓ ପୌରପାଳିକା ପକ୍ଷରୁ ରଜ ସଂକ୍ରାନ୍ତି, ମହିଳା ଦିବସ, କିମ୍ବା ସ୍ୱଚ୍ଛତା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଅବା ତିନି ମାସରେ ଥରେ ଏହାର ଆୟୋଜନ କରାଯାଇଥାଏ। ଧାମନଗର ଏନଏସି ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମ ଥିଲା ସମାନତାର ଏକ ନିଆରା ନିଦର୍ଶନଛ ସରକାର ପରିବର୍ତ୍ତନ ସହ ଯୋଜନା ପ୍ରତି ବିଭାଗ ଓ ଅଧିକାରୀଙ୍କ ସ୍ପୃହା କମୁଥିବାରୁ ଏହି କାର୍ଯ୍ୟକ୍ରମ ପ୍ରାୟ ଆଉ ଅନୁଷ୍ଠିତ ହେଉ ନାହିଁ।ସମ୍ପୃକ୍ତ ବିଭାଗ ଅବା କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଆୟରୁ ଅନୁଷ୍ଠିତ ହେଉଥିବା ଏହି ନିଆରା କାର୍ଯ୍ୟକ୍ରମ ଆଗାମୀ ଦିନରେ ବନ୍ଦ ହେବା ଆଶଙ୍କା ଦେଖା ଦେଇଛି। ସାମ୍ପ୍ରତିକ ସ୍ଥିତିରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏହି ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ। ନଗର ଉନ୍ନୟନ ବିଭାଗ ଅଧିନସ୍ଥ ବିଭିନ୍ନ ଏନଏସି ଓ ମ୍ୟୁନିସିପାଲଟି ପକ୍ଷରୁ ସମାନତା, ସେବା ଓ ସମ୍ମାନ ଏବଂ ସ୍ୱୀକୃତିକୁ ବଜାୟ ରଖିବା ପାଇଁ ଏଭଳି ସାମାଜିକ କାର୍ଯ୍ୟକ୍ରମର ଆବଶ୍ୟକତା କେତେ, ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଶଙ୍ଖ ନଦୀଜଳକୁ ବିଷାକ୍ତ କରୁଛି ଚାରକୁଲ ପାଉଁଶ
## ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବଦ୍ରଷ୍ଟା



ରାଉରକେଲା,୯।୭ (ନି.ପ୍ର): ପାୱାର ପ୍ଲାଣ୍ଟରୁ ବାହାରୁଥିବା ଚାରକୁଲ ପାଉଁଶ ନଦୀ କୂଳରେ ଗଦା କରାଯାଉଛି ।ପାୱାର ପ୍ଲାଣ୍ଟରେ ବିଦ୍ୟୁତ ଉତ୍ପାଦନ ପାଇଁ ହେଉଥିବା କୋଇଲାର ବ୍ୟବହାର ପରେ, ସେଥିରୁ ବାହାରୁଥିବା ଚାରକୁଲ ପାଉଁଶ ନିକଟରେ ଥିବା ଚାଷ ଜମିକୁ ନଷ୍ଟ କରିବା ସହିତ ନଦୀ ଜଳକୁ ମଧ୍ୟ ବିଷାକ୍ତ କରୁଛି। ଏହା ଜାଣି ମଧ ବ୍ରାହ୍ମଣୀତରଙ୍ଗ ଥାନା ଠାରୁ ମାତ୍ର ୫୦୦ମିଟର ଦୂରରେ ଥିବା ଶଙ୍ଖ ନଦୀ ଉପରେ ବେଦବ୍ୟାସରୁ ରାଞ୍ଚି ଯାଇଥିବା ମୁଖ୍ୟ ରାସ୍ତା କଡ଼ରେ ମାଳ ମାଳ ହାଇୱା ଢାଳୁଛନ୍ତି ଚାରକୁଲ ପାଉଁଶ। ଏହି ଚାରକୁଲ ପାଉଁଶ ନଦୀ ଜଳରେ ମିଶିବା ସହିତ ପବନରେ ଜନବସତି ଅଞ୍ଚଳକୁ ଉଡି ଯାଉଛି । ଚାଷ ଜମି ନଷ୍ଟ ହେଉଛି । ପଥଚାରୀଙ୍କୁ ଅଣ ନିଶ୍ୱାସୀ କରୁଛି।ରାଉରକେଲା ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଜାଣି ମଧ୍ୟ ଜନସାଧାରଣଙ୍କ ଜୀବନ ସହିତ ଖେଳ ଖେଳୁଛି ବୋଲି ଅଭିଯୋଗ ହୋଇଛି ।ଏହି ମୁଖ୍ୟ ରାସ୍ତା ଦେଇ ଯାଉଥିବା ପୋଲିସ, ପ୍ରଶାସନିକ ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ମଚାରୀ, ପରିବହନ ବିଭାଗ କର୍ମଚାରୀ ମହାନଗର ନିଗମ କର୍ମଚାରୀ, ଏପରିକି କିଛିଦିନ ପୂର୍ବେ କୁଆଁରମୁଣ୍ଡା ବ୍ଲକରେ ହେଉଥିବା ଜନ ଅଭିଯୋଗ ଶୁଣାଣିକୁ ଯାଉଥିବା ପ୍ରତ୍ୟେକ ଅଧିକାରୀଙ୍କ ଦୃଷ୍ଟିକୁ ଆସିଥିବା ବେଳେ, ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଚେଷ୍ଟା ମଧ୍ୟ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି।କିଛି ଦଲାଲଙ୍କ ମାଧ୍ୟମରେ ଦିନ ରାତି ହାଇୱା ଟ୍ରକରେ ଚାରକୁଲ ପାଉଁଶ ପକାଇ କୃତ୍ରିମ ପାହାଡ ସୃଷ୍ଟି କରାଯାଉଛି। ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । କଳା ପାଉଁଶର ଚାଦରରେ ଢାଙ୍କି ହୋଇଯାଉଛି ସହର। ସହର ଉପକଣ୍ଠ ଜାତୀୟ ରାଜପଥ-୧୪୩ କଡରେ ଗଦା ହୋଇଛି ଚାରକୁଲ ପାଉଁଶ । ଜମି ମାଫିଆ ହେଉଛନ୍ତି ମାଲେମାଲ୍। ଏହି ପାଉଁଶ ପାହାଡ ଧୋଇହୋଇ ୧୦୦/୧୫୦ ମିଟର ପାଖରେ ଥିବା ବ୍ରାହ୍ମଣୀ ନଦୀରେ ସିଧା ସଳଖ ଭାବେ ମିଶିଯାଉଛି।ଏଥିରେ ଜଳଚର ପ୍ରାଣୀ ଯେତିକି ଆକ୍ରାନ୍ତ ହେଉଛନ୍ତି, ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହେଉଛି ସେତିକି।ତୃଣ ଉପରେ ପଡ଼ିଥିବା ବିଷାକ୍ତ ଚାରକୁଲ ପାଉଁଶ ମିଶା ତୃଣକୁ ପଶୁ ଓ ପକ୍ଷୀ ଖାଇ ରୋଗ ଗ୍ରସ୍ତ ହେଉଛନ୍ତି। ରାଉରକେଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧକ୍ଷ ଅନୁପ ମଲ୍ଲିକ ସବୁ ଦେଖି ଚୁପ୍ ରହିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି।। ଯିଏ ଅଭିଯୋଗ କରିବ ତା ଜୀବନ ପ୍ରତି ବିପଦ ନ ଆସିବ ବୋଲି କିଏ କହିବ । ଏଠି ଜୀବନ ଜୀବିକା ବାଜି ଲାଗିଥିବା ବେଳେ, ବିଭାଗ କିନ୍ତୁ ନିଦାବିଷ୍ଟ । ମୋତେ ଯେତେ ମାଠିବୁ ମାଠ୍ ମୁଁ ସେଇ ଦରପୋଡା କାଠ ଭଳି କାରଖାନା ମାଲିକ, ଦଲାଲ ଏବଂ ବିଭାଗୀୟ ଅଧିକାରୀ ସବୁ ଏଠି ମାଉସୀ ପୁଅ ଭାଇ ଭାଇ । ରାଉରକେଲାରେ ଥିବା ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭାଗର ମୁଖ୍ୟ ଅନୁପ କୁମାର ମଲ୍ଲିକଙ୍କୁ ଏ ବିଷୟରେ ପଚାରିବାରୁ, ସେ କହିଥିଲେ ଯେ, ଆମକୁ ଏ ବିଷୟରେ କେହି ଅଭିଯୋଗ କଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବୁ। ତେବେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କେବେ ଏହାଉପରେ ପଦକ୍ଷେପ ଗ୍ରହଣ କରାଯାଉଛି ଦେଖିବାକୁ ବାକି ରହିଲା ।

# ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମର ସମୀକ୍ଷା କଲେ କେନ୍ଦ୍ରୀୟ ଅଧିକାରୀ



କେନ୍ଦୁଝର,୯।୭(ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ (ଓଏସ୍‌ଡବ୍ଲୁଏଏନ୍) ହଲ ଠାରେ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ'ର ଏକ ଗୁରୁତ୍ୱ ପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱାନିଧି ଯୋଜନାର ଉପସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଡ. ଗାଭାଲି ପରାଗ ହର୍ଷର୍ଦଙ୍କ ଅଧ୍ୟକ୍ଷତଓରେ ଅନୁଷ୍ଠିତ ଏହି ବୈଠକ ରେ ଜିଲ୍ଲାର ସାତଟି ଆକାଂକ୍ଷୀ ବ୍ଲକର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଛି । କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଭାବରେ କେନ୍ଦୁଝର ଜିଲ୍ଲାକୁ ଏହା ତାଙ୍କର ଦ୍ୱିତୀୟ ଗସ୍ତ । ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝରର ବାଂଶପାଳ ଓ ହରିଚନ୍ଦନପୁର ବ୍ଲକକୁ ସାମିଲ କରାଯାଇଥିଲା । ପରବର୍ତ୍ତି ସମୟରେ ନୀତି ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଆଉ ୫ ଟି ବ୍ଲକ ଚଂପୁଆ, ଝୁଂପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଫଳରେ ଜିଲ୍ଲାରେ ମୋଟ ଆକାଂକ୍ଷୀ ବ୍ଲକ ସଂଖ୍ୟା ୭ କୁ ବୃଦ୍ଧି ପାଇଛି । ୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସଂପର୍ଣ୍ଣତା ଅଭିଯାନ ୧.୦ ଅ'ର୍ଗତ ୬ ଟି ପ୍ରମୁଖ ସୁଚକାଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକ ୩ ଟି ରେ ଏବଂ ବାଂଶପାଳ ବ୍ଲକ ୨ଟିରେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ହରିଚନ୍ଦନପୁର ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି । ସଂପର୍ଣ୍ଣତା ଅଭିଯାନ ୨.୦ ଦ୍ୱିତୀୟ:୨୦୨୬ ଜାନୁଆରୀ ୩୧ ତାରିଖରୁ ସମସ୍ତ ୭ ଟି ବ୍ଲକରେ ଶୁଭାରମ୍ଭ କରାଯାଇଥିଲା ଓ ଏହି ଅଭିଯାନ ୨୦୨୬ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିଲା । ଯେଉଁଥିରେ ଶିଶୁଙ୍କ ପୃଷ୍ଟିକର ଖାଦ୍ୟ, ଅଙ୍ଗନବାଡି କେନ୍ଦ୍ର ରେ ପାନୀୟ ଜଳ ଓ ଶୌଚାଳୟ ସୁବିଧା ଏବଂ ଗୋପାଳନ କ୍ଷେତ୍ରରେ ଟୀକାକରଣ ଭଳି ୬ ଗୋଟି ଗୁରୁତ୍ୱପୂର୍ଣ ବିଷୟ ଉପରେ ଧ୍ୟାନ ଦିଆଯାଉଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଶିକ୍ଷା ସ୍ୱାସ୍ଥ୍ୟ ଓ ମୌଳିକ ଭିତ୍ତିଭୂମିର ସୁଧାର ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହଉଛି । ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରତ୍ୱପୁର୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୁଚକାଙ୍କ ରେ ବ୍ଲକ ମାନଙ୍କ ମଧ୍ୟରେ ରାଙ୍କୀଂଗ କରାଯାଇ ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଉଛି। ଏହା ଦ୍ୱାରା ଏହି ଅଂଚଳ ଗୁଡିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି। ପରେ ପରେ କେନ୍ଦୁଝର ଆକାଂକ୍ଷୀ ବ୍ଲକର ବିଭିନ୍ନ ପ୍ରକଳ୍ପ ଓ ଅଙ୍ଗନବାଡି କେନ୍ଦ୍ର ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଗଜେନ୍ଦ୍ର କୁମାର ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ୭ ଗୋଟି ବ୍ଲକର ବିଡ଼ିଓ ଓ ଅନ୍ୟ ବ୍ଲକ ଅଧିକାରୀ ଆଭାସୀ ମାଧ୍ୟମରେ ଓସ୍ୱାନ କେନ୍ଦ୍ରରୁ ଯୋଗ ଦେଇଥିଲେ ।

## ମେଘା ଇସ୍ପାତ କାରଖାନା ପାଇଁ ୧୧ତମ ଗ୍ରାମସଭା

ପାଟଣା,୯।୭(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଥାନା ଅଧୀନ ଚିଲିଦା ଗ୍ରାମରେ ଆସନ୍ତା ୧୦ ଜୁଲାଇ ୨୦୨୬ (ଶୁକ୍ରବାର) ସକାଳ ୯ଟାରେ ପ୍ରସ୍ତାବିତ ମେଘା ଇସ୍ପାତ କାରଖାନା ପାଇଁ ୧୧ତମ ଗ୍ରାମସଭା ଅନୁଷ୍ଠିତ ହେବ। ଚେମେଣା ପଞ୍ଚାୟତ ଅନ୍ତର୍ଗତ ଚିଲିଦା ହାଟପଡ଼ିଆ, ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ଏହି ଗ୍ରାମସଭା ଆୟୋଜନ କରାଯିବ। ଏହି ଗ୍ରାମସଭାରେ ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପ ପାଇଁ ୧୯୫.୩୧୦ ଏକର ଘରୋଇ ଜମି ଅଧିଗ୍ରହଣ ସଂପର୍କରେ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରାଯିବ। ଗ୍ରାମସଭାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଚେମେଣା ଓ ଯମୁନାପଶି ପଂଚାୟତର ୧୨ଟି ଗ୍ରାମରେ ପ୍ରାୟ ୪୦ ହଜାର କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଘା ଇସ୍ପାତ କାରଖାନା ସ୍ଥାପନ ପ୍ରସ୍ତାବ ରହିଛି। ଏପର୍ଯ୍ୟନ୍ତ ୧୦ଟି ଗ୍ରାମସଭା ସଂପନ୍ନ ହୋଇଥିବାବେଳେ ଚିଲିଦା ପରେ ଯମୁନାପଶିରେ ଶେଷ ଗ୍ରାମସଭା ଅନୁଷ୍ଠିତ ହେବ। ଗ୍ରାମସଭା ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ସଂପନ୍ନ କରିବା ପାଇଁ ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ବଳ ମୁତୟନ କରାଯାଇଥିବା ସୂଚନା ମିଳିଛି।

## ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ଦେହ ଲାଗି ପୁରୀରୁ ଆସିଲା ଫୁଲୁରି ତେଲ



ପାଟଣା,୯।୭(ନି.ପ୍ର): ଆସନ୍ତା ରଥଯାତ୍ରାକୁ ନେଇ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲୀପଶି ଗ୍ରାମରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଦେହଲାଗି ପାଇଁ ଶ୍ରୀକ୍ଷେତ୍ର ପୁରୀରୁ ପବିତ୍ର ଫୁଲୁରି ତେଲ ଆଣାଯାଇଛି। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଅଣସରରେ ଅବସ୍ଥାନ କରୁଛନ୍ତି। ପରମ୍ପରା ଅନୁଯାୟୀ ପୁରୀର ବଡ଼ ଓଡ଼ିଆ ମଠରୁ ପ୍ରସ୍ତୁତ ଫୁଲୁରି ତେଲ ମହାପ୍ରଭୁଙ୍କ ଦେହଲାଗିରେ ବ୍ୟବହୃତ ହୁଏ। ଏହାପରେ ନବଯୌବନ ଦର୍ଶନ ଦେଇ ମହାପ୍ରଭୁ ରଥାରୂଢ଼ ହୋଇ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ମଲ୍ଲୀପଶିରେ ଅନୁଷ୍ଠିତ ହେଉଥିବା ଐତିହାସିକ ରଥଯାତ୍ରା ପାଇଁ କେନ୍ଦୁଝର ଜିଲ୍ଲା ଆଦିତ୍ୟ ବାହିନୀର କ୍ଷେତ୍ରୀୟ ସଂପାଦକ ପ୍ରହ୍ଲାଦ ମହା'ଙ୍କ ନେତୃତ୍ୱରେ ମଲ୍ଲୀପଶି ଦାରୁବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନ ଅଧୀନସ୍ଥ ରଥଯାତ୍ରା କମିଟିର ୨୦ରୁ ଅଧିକ ସଦସ୍ୟ ପୁରୀ ଗସ୍ତ କରି ଫୁଲୁରି ତେଲ ଆଣିଥିଲେ। ଏହି ରଥଯାତ୍ରାକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ମଠ, ପୁରୀର ସ୍ୱୀକୃତି ମିଳିଥିବା ବିଶେଷ ଉଲ୍ଲେଖନୀୟ। ଏଠାରେ ତିନିଟି ରଥରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ବିଜେ କରନ୍ତି । ବିଶେଷ ପରଂପରା ଅନୁଯାୟୀ ମା' ସୁଭଦ୍ରାଙ୍କ ରଥ କେବଳ ମହିଳାମାନେ ଟାଣିଥାନ୍ତି। ପୁରୀରୁ ଫୁଲୁରି ତେଲ ଆସିବା ପରେ ରାଜା ରବିନାରାୟଣ ସିଂହ, ପାର୍ଥସାରଥୀ ବେଜଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାର ସହ ସ୍ୱାଗତ ଓ ବନ୍ଦାପନା କରିଥିଲେ। ପରେ ଏକ ବିରାଟ ପଟୁଆରରେ ଫୁଲୁରି ତେଲକୁ ଗ୍ରାମ ପରିକ୍ରମା କରାଯାଇ ଶ୍ରୀଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା। ଏହି ପୁରୀ ଗସ୍ତରେ ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ନାଏକଙ୍କ ସମେତ ଯଦୁମଣି ରଣା, ଜତନ ରଣା, ଦୁର୍ଯ୍ୟୋଧନ ମହାନ୍ତ, ଫୁଟୁଲୁ ମହାନ୍ତ, ରଞ୍ଜନ କୁମାର ବାରିକ, ଇଶ୍ୱର ଚନ୍ଦ୍ର ନାଏକ, ହିମାଂଶୁ ବିଶ୍ୱାସ, ଅର୍ଜୁନ ମହାନ୍ତ, କଳାକାର ରଣା, ପାର୍ଥସାରଥୀ ବେଜ, ପୁରୁଷୋତ୍ତମ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# କେନ୍ଦୁଝର ଜିଲ୍ଲା ପରିଷଦର ଦଶମ ଅଧିବେଶନ



କେନ୍ଦୁଝର,୯।୭(ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଆଜି ଷଷ୍ଠ ଜିଲ୍ଲା ପରିଷଦର ଦଶମ ଅଧିବେଶନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ ଅନ' ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ,ମାନ୍ୟବର ବିଧାୟକ ଚଂପୁଆଙ୍କ ପ୍ରତିନିଧି ସୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଯୋଗଦେଇ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ପ୍ରଗତିଶୀଳ ପ୍ରକଳ୍ପ ଓ ସରକାରୀ ଜନହିତକର ଯୋଜନା ଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିବା ସହ ଏହାର ସଫଳ ରୂପାୟନ ଉପରେ ସବିଶେଷ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାରେ ଚାଲିଥିବା ଖଣି କାର୍ଯ୍ୟ ଏବଂ ଏହି ବର୍ଷ ପାଇଁ ମୁର ହୋଇଥିବା ପ୍ରକଳ୍ପଗୁଡ଼ିକର ବିବରଣୀ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ବ୍ୟାପକ ସୁବିଧା ଏବଂ ଚାଷଜମିକୁ ଜଳସେଚନ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ, କୃଷକ ବିକାଶ ଯୋଜନା ଅଧୀନରେ ନୂତନ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ବାସୁଦେବପୁର ଗ୍ରାମରେ ଚାଲିଥିବା କାନୂପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଦ୍ରୁତଗତିରେ ଶେଷ କରିବା ପାଇଁ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲାରେ ବିଭିନ୍ନ ନୂଆ ରାସ୍ତା ଓ ସେତୁ ତିଆରି ପାଇଁ ସରକାରୀ ପାଣ୍ଠିର ସଠିକ୍ ଉପଯୋଗ ଉପରେ ସମୀକ୍ଷା କରାଯାଇଥିଲା। କିଆଶୂଳା–ତୁରୁମୁଙ୍ଗା ରାସ୍ତାର ନେଉଳଯୋଡି ନାଳ ଉପରେ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏବଂ ଘଟଗାଁ ଅଞ୍ଚଳରେ କେତେକ ନୂଆ ଉନ୍ନୟନମୂଳକ କାମ ପାଇଁ ସରକାରୀ ପାଣ୍ଠି ଓ ମୁରୀ ମିଳିବା ସଂପର୍କରେ ଆଲୋଚନା ହୋଇଥିଲା। ଗ୍ରାମ ଗୁଡ଼ିକରେ ନଳକୂପ, ପାଇପ୍ ପ୍ରକଳ୍ପ ଏବଂ ସୋଲାର ସିଷ୍ଟମ୍ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଜିଲ୍ଲାପାଳ ଶ୍ରୀ ସିଂହ ଜିଲ୍ଲାର ପ୍ରଗତି ତଥା ସମସ୍ତ ଜନହିତକର ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାପରିଷଦ ର ସଦସ୍ୟ ଏବଂ ପଂଚାୟତ ସମିତିର ଅଧ୍ୟକ୍ଷ,ଅଧ୍ୟକ୍ଷାଙ୍କୁ ପରାମର୍ଶ ଦେଇଥିଲେ।

## ପଟ୍ଟାରୁ ଅଂଶୀଦାରଙ୍କ ନାଁ ବାଦ୍ ଦେବା ଅଭିଯୋଗ, ଅସ୍ୱୀକାର କଲେ ତହସିଲ କର୍ତ୍ତୃପକ୍ଷ

ହାଟଡିହି,୯।୭(ନି.ପ୍ର): ପୈତୃକ ସମ୍ପତ୍ତିରୁ ଭାଗ ନଦେବାପାଇଁ ଷଡଯନ୍ତ୍ର କରି ଅଂଶୀଦାରଙ୍କ ମୃତ୍ୟୁ ପରେ ପଟ୍ଟାରୁ ଉତ୍ତରାଧିକାରୀମାନଙ୍କ ନାମକୁ ବାଦ ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କେନ୍ଦୁଝର ଜିଲ୍ଲା ହାଟଡିହିର ତତ୍କାଳୀନ ଭାରପ୍ରାପ୍ତ ତହସିଲଦାର ମନୋଜ କୁମାର କେରକେଟା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଅଭିଯୋଗ ଅନୁଯାଇ ଉକ୍ତ ତହସିଲ ଅଧିନ ଭାତକରୁଆ ଗ୍ରାମର ସ୍ୱଗର୍ତ ଅପର୍ତ୍ତି ଜେନା, ସ୍ୱଗର୍ତ ହୃଷି ଜେନା, ସ୍ୱର୍ଗତ ଏକାଦଶୀ ଜେନାଙ୍କ ନାମରେ ବଞ୍ଚୋ ମୌଜାରେ ଖାତା ନଂ–୪୬, ପ୍ଲଟ ନଂ–୪୦୨୦ ରେ ୩୪ ଡେସିମିଲ ଜମି ଥିଲା । ସେମାନଙ୍କ ମୃତ୍ୟୁ ପରେ ଉକ୍ତ ଜମି ଆଇନ ଅନୁଯାଇ ଉତ୍ତରାଧିକାରୀଙ୍କ ନାମକୁ ପରିବର୍ତ୍ତନ ହେବା କଥା । କିନ୍ତୁ, ଜମିର ସମସ୍ତ ଅଂଶୀଦାରଙ୍କ ଉତ୍ତରାଧିକାରୀଙ୍କ ନାଁ ବଦଳରେ ସଂଶୋଧିତ ପଟ୍ଟାରେ କେବଳ ସ୍ୱର୍ଗତ ହୃଷି ଜେନାଙ୍କ ବଡ଼ ପୁଅ ଲକ୍ଷ୍ମୀଧରଙ୍କ ନାଁ ଉଲ୍ଲେଖ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅନ୍ୟ ଅଂଶୀଦାର ତଥା ସ୍ୱର୍ଗତ ଏକାଦଶୀ ଜେନାଙ୍କ ପୁଅ କାମ୍ପାଳ ଜେନା ଏହି ଘଟଣାରେ ହାଟଡିହି ତହସିଲର ତତ୍କାଳୀନ ତହସିଲଦାର ମନୋଜ କୁମାର କେରକେଟା, କିରାଣୀ ବସନ୍ତ କୁମାର ରାଉତ, ରେକର୍ଡ କିପର ମାନସ ପାଢ଼ୀ, ବଂଚୋ ରାଜସ୍ୱ ନିରୀକ୍ଷକ ଦିପ୍ତିମୟୀ ସାହୁଙ୍କ ସଂପୃକ୍ତି ଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। କିନ୍ତୁ ତହସିଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାଇ ଯେଉଁ ପଟ୍ଟା ଦିଆଯାଇଛି ତାହା ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ହୋଇଛି। ଏଥିପାଇଁ ଦୁଇ ଦୁଇ ଥର ନୋଟିସ ଜାରି ହେବା ସହ ଉକ୍ତ ଗ୍ରାମରେ ମଧ୍ୟ ନୋଟିସ ଲଟକା ଯାଇଥିଲା। ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ମଧ୍ୟ ସେହି ନୋଟିସ ରେ ଦାସ୍ତଖତ କରିଥିଲେ। କିନ୍ତୁ ସେତେବେଳେ କେହି ଅଭିଯୋଗ କଲେନି। ଅନ୍ୟ ପକ୍ଷରେ ପଟ୍ଟାଧାରୀ ଲକ୍ଷ୍ମୀଧର ଜେନା କହିଛନ୍ତି ଯେ ଖାତା ନଂ –୪୬ରେ ତିନୋଟି ପ୍ଲଟ ଥିବାବେଳେ ତିନିଜଣ ସତ୍ୱାଧିକାରୀଙ୍କ ମଧ୍ୟରୁ ଦୁଇଜଣ ଦୁଇଟି ପ୍ଲଟ ବିକ୍ରୀ କରିଦେଇ ଥିଲେ। ଏ ଜମିଟି ତାଙ୍କ ଭାଗରେ ପଡିଥିବାରୁ ସେ ଦୀର୍ଘ ବର୍ଷ ଧରି ଦଖଲରେ ଅଛନ୍ତି। ତେଣୁ ନିଜ ନାମରେ ଜମିର ପଟ୍ଟା ପାଇବାକୁ ସେ ହାଇକୋର୍ଟରେ ଆଶ୍ରୟ ନେବାପରେ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ବଳରେ ତହସିଲ ପକ୍ଷରୁ ମୋତେ ପଟ୍ଟା ଦିଆଯାଇଛି ବୋଲି କହିଛନ୍ତି।

## ଦୀର୍ଘ ଦିନ ପରେ ମଧ ମିଳୁନି ହରିଶ୍ଚନ୍ଦ୍ର ଯୋଜନା ସହାୟତା

ହାଟଡିହି,୯।୭(ନି.ପ୍ର): ବିଗତ ସରକାର ଗରିବ ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ଶବ ସତ୍କାର ପାଇଁ ତୁରନ୍ତ ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲେ। ବିଗତ ସରକାର ସମୟରେ ଦୁଇ ହଜାର କରି ସହାୟତା ଯୋଗାଇ ଦିଆ ଯାଉଥିବା ବେଳେ ଏବେ ତାହାକୁ ବୃଦ୍ଧି କରାଯାଇ ୩ ହଜାର କରା ଯାଇଛି। କିନ୍ତୁ କିଛି ସରକାରୀ ବାବୁଙ୍କ ପାଇଁ ଏହି ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନଥିବା ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ହାଟଡିହି ବ୍ଲକ ଗେଡ଼ମା ପଞ୍ଚାୟତରେ। ଏହି ପଞ୍ଚାୟତରେ ବିଗତ ୬ମାସ ଭିତରେ ୨୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ ବି ସେମାନଙ୍କୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ମିଳି ପାରିନି। ଯାହାକୁ ନେଇ ହିତାଧିକାରୀ ମାନେ ନିୟମିତ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକକୁ ଦୌଡୁଥିବା ଦେଖିବାକୁ ମିଳିଛି। ଗେଡ଼ମା ପଞ୍ଚାୟତ ଜଳସରପୁର ଗ୍ରାମର ଲକ୍ଷ୍ମୀପ୍ରିୟା ରାଉତ ୬ମାସ ତଳେ ମୃତ୍ୟୁ ବରଣ କରିଥିବା ବେଳେ ବିପ୍ଳବ କେଶରୀ ଜେନା ହରିଶ୍ଚନ୍ଦ୍ର ସହାୟତା ପାଇଁ ଆବେଦନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ ସହାୟତା ମିଳିଲାନି। ସେହିପରି ଚତୁର୍ଭୁଜ ଚକ୍ର ୫ମାସ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ପ୍ରବୋଧ କୁମାର ନାୟକ ୬ମାସ ତଳେ, ରେବତୀ ପ୍ରଧାନ, ଗୀତାରାଣୀ ସ୍ୱାଇଁ, ଭାମା ସାହୁ, ଗେଡ଼ମା ଗ୍ରାମର ଲକ୍ଷ୍ମୀଧର ଜେନା ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ୫/୬ ମାସ ତଳୁ ମୃତ୍ୟୁବରଣ କରିଥିଲେ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ପାଇ ପାରି ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ସିଲା ରାଣୀ କାଣ୍ଡିଙ୍କୁ ପଚାରିବାରୁ ବ୍ଲକରୁ ସହାୟତା ରାଶି ମିଳୁ ନଥିବାରୁ ଏପରି ସମସ୍ୟା ଦେଖା ଦେଇଛି ବୋଲି କହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ହିତାଧିକାରୀ ମାନେ ଦାବି କରିଛନ୍ତି।

## ହିନ୍ଦୋଳ ବସଷ୍ଟାଣ୍ଡକୁ ଯାଉନି ବସ୍, ଯାତ୍ରୀ ହନ୍ତସନ୍ତ

ହିନ୍ଦୋଳ, ୯।୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଯାତ୍ରୀବାହି ବସ ମାନଙ୍କ ମନମାନି ପାଇଁ ବିଚରା ଯାତ୍ରୀ ନାହିଁ ନଥିବା ଅସୁବିଧାର ହେଉଛନ୍ତି ସମ୍ମୁଖୀନ । ହିନ୍ଦୋଳ ଉପଖଣ୍ଡ ଦେଇ ସମ୍ବଲପୁର, ଅନୁଗୋଳରୁ କଟକ, ଭୁବନେଶ୍ୱର,ନରସିଂହପୁର, ନୟାଗଡ ଆଦି ସ୍ଥାନ ମାନଙ୍କୁ ଅନେକଗୁଡିଏ ବସ ରୁଟ୍ ପରମିଟ ନେଇ ଯାତାୟାତ କରୁଥିଲେ ହେଁ ଅନେକ ଗୁଡିଏ ବସ ସିଧା ସିଧା ଅନୁଗୋଳ ମହୀଧରପୁର ସାତମାଇଲ ଦେଇ ସହର ବାହାରେ ପଳାଇଯାଉଥିବାରୁ ସଦରମହକୁମାବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଅନେକ ଗୁଡିଏ ବସ ବସଷ୍ଟାଣ୍ଡକୁ ନଆସି ଏବଂ ହିନ୍ଦୋଳ ଏନଏସି ଧୁଳିଆମୁଣ୍ଡା ଛକକୁ ନଆସି ବାହାରେ ବାହାରେ ଚାଲିଯାଉଥିବାରୁ ଯାତ୍ରୀ, ମହିଳା, କଲେଜ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଅସୁରକ୍ଷିତ ସ୍ଥାନରେ ବାଧହୋଇ ଅପେକ୍ଷା କରି ରହୁଛନ୍ତି । ଏପରିକି ଜନବସତି ଠାରୁ ୫ଶହ ମିଟର ଦୂରରେ ମଦଦୋକାନ ଖୋଲିବା ନିୟମ ଥିଲେହେଁ ବସଷ୍ଟାଣ୍ଡ ଛକ ଉପରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିବାରୁ ଅସାମାଜିକ ମାନଙ୍କ ଦୌରାତ୍ମ୍ୟ ରହୁଥିବାରୁ ସେହି ସ୍ଥାନରେ ଯାତ୍ରୀ, ଛାତ୍ରଛାତ୍ରୀ ଅପେକ୍ଷା କରିବା ବିପଦପୂର୍ଣ୍ଣ ହୋଇଛି । ତେଣୁ ତୁରନ୍ତ ଏହାର ବିହିତ ପଦକ୍ଷେପ ନେବାକୁ ପ୍ରଶାସନ ଓ ପୋଲିସ ପ୍ରଶାସନ ନିକଟରେ ଉପଖଣ୍ଡବାସି ଦାବି କରିଛନ୍ତି ।

## ସିମେଣ୍ଟ ଦୋକାନରୁ ୪୫ ହଜାର ଟଙ୍କା ସହ ଚାବି ବ୍ୟାଗ ଲୁଟ୍

ପାଟଣା,୯।୭(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାଧୁପଡ଼ା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ସିମେଣ୍ଟ ଓ ଛଡ଼ ଦୋକାନରୁ ୪୫ ହଜାର ଟଙ୍କା ସହ ଚାବି ବ୍ୟାଗ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ଜ୍ୟୋତି ରନ ମହାନ୍ତ ଏନେଇ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ କିଛି ସମୟ ପାଇଁ ଦୋକାନ ବାହାରକୁ ଯାଇଥିବା ବେଳେ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ଦୋକାନ ଭିତରୁ ଟଙ୍କା ଓ ଚାବି ବ୍ୟାଗ ନେଇ ଫେରାର ହୋଇଯାଇଥିଲା। ଅଭିଯୋଗ ପରେ ପାଟଣା ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି କେସ୍ ନଂ. ୨୪୩/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

## ବରାଙ୍ଗ ଜଙ୍ଗଲ ରାସ୍ତାରେ ବାଇକ୍ ଧକ୍କାରେ ହରିଣ ମୃତ

ରାମଚନ୍ଦ୍ରପୁର,୯।୭(ନି.ପ୍ର): କେନ୍ଦୁଝର ବନ୍ୟପ୍ରାଣୀ ଆନନ୍ଦପୁର ବନଖଣ୍ଡ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପୁରୁଣାବାନ୍ଧଗୋଡା–ନଣ୍ଡାବର ରାସ୍ତାରେ ଆଜି ପୂର୍ବାହ୍ନରେ ବାଇକ୍ ଆରୋହୀ ସହିତ ହରିଣର ମୁହାଁମୁହିଁ ଧକ୍କା, ଘଟଣା ସ୍ଥଳରେ ହରିଣର ମୃତ ହେବା ସହିତ ଦୁଇ ଯୁବକ ଗୁରୁତର ହୋଇଥିଲେ । ପୁରୁଣାବାନ୍ଧଗୋଡାର ଆଶୁତୋଷ ମାଝୀ ଏବଂ ସ୍ଥାନୀୟ ଯୁବକଙ୍କ ସହାୟତାରେ ଦୁଇ ଯୁବକକୁ ଉଦ୍ଧାର କରାଯାଇ ପ୍ରଥମେ ପୁରୁଣାବାନ୍ଧଗୋଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ସେଠାରେ ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଦାନଗଦୀ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ଥିବା ଦୁଇ ଯୁବକ ସ୍ଥାନୀୟ କୋଳିକାଳ ଗ୍ରାମର ଗୌତମ ଜେନା(୨୬) ଏବଂ ଟୁନା ଜେନା (୨୨)ବୋଲି ଜଣାପଡ଼ିଛି । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ରାମଚନ୍ଦ୍ରପୁର ବନପାଳ କେଦାର ପାତ୍ର ବନକର୍ମଚାରୀଙ୍କ ସହିତ ପହଞ୍ଚି ମୃତ ହରିଣର ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ସାଇଁକୁଳ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ପଠାଇଦେଇଥିବା ସୂଚନା ମିଳିଛି । ସେପଟେ ଦୁଇ ଆହାତ ଯୁବକ ନିହାତି ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ବନବିଭାଗ ବହନ କରିବାକୁ ସ୍ଥାନୀୟ ବୁଦ୍ଧିଜିବୀ ମହଲରୁ ଦାବୀ କରାଯାଇଛି ।

## ଶ୍ରୀ ଜିଉଙ୍କ ଅନବସର ନୀତି, ମାମୁଁ ଘରୁ ଭଣଜା ପାଇଁ ଯିବ ଭାର

ନିଆଳି,୯।୭ (ନି.ପ୍ର): ଦେବସ୍ନାନ ପୂର୍ଣ୍ଣିମା ପରଠାରୁ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଅଣସରରେ ଅଛନ୍ତି । ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଆରୋଗ୍ୟ କାମନା କରି ମାମୁଘର ନିଆଳି ମାଧବ ପୀଠରୁ ଶୁକ୍ରବାର ଦିନ ଅଣସର ଭାର ଶ୍ରୀମନ୍ଦିରକୁ ପଠାଯିବ । ଶ୍ରୀ ମାଧବାନନ୍ଦଜିଉ ବିକାଶ ପରିଷଦ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ଆମ୍ବ, ପଣସ, କଦଳୀ, ନଡ଼ିଆ, ସପୁରି, ସେଓ, ଅଙ୍ଗୁର, ଲିଚୁ, ଡାଳିମ୍ବ ଆଦି ବିଭିନ୍ନ ଫଳ ଭାର ପ୍ରସ୍ତୁତ ହୋଇ ରହିଛି । ଏହା ସହିତ ତୁଳସୀ, କର୍ପୂର ଆଦି ମଧ ମହାପ୍ରଭୁଙ୍କ ନିମନ୍ତେ ପଠାଯିବ । ଏହି ଦେବ କାର୍ଯ୍ୟରେ ଶ୍ରୀମନ୍ଦିର ସେବାୟତମାନେ ସହଯୋଗ କରିବେ । ଏଥିରେ ବିଭିନ୍ନ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ଭାର କାର୍ଯ୍ୟ ରେ ସାମିଲ ହେବେ । ମାଧବ ମନ୍ଦିର ସେବାୟତ ଅଶୋକ ପୂଜାପଣ୍ଡା, ତ୍ରିଲୋଚନ ପୂଜାପଣ୍ଡା, ନିଆଳି ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ନ୍ୟାୟବ୍ରତ ରାଉତ, ଅଶୋକ ଖୁଣ୍ଟିଆ, ଭାସ୍କର ପୂଜାପଣ୍ଡା, ଜଗୁ ଖୁଣ୍ଟିଆ, ପୀତାମ୍ବର ରାଉତ, ତ୍ରିଲୋଚନ ବେହେରା ଓ ଯୋଗେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିଛନ୍ତି ।

## ଶାଳଣିଆଁ ଡାକ୍ତରଖାନାରେ ମିଳୁନି ଆମ୍ବୁଲାନ୍ସ ସେବା



ହାଟଡିହି,୯।୭(ନି.ପ୍ର): ଶାଳଣିଆଁ ଡାକ୍ତରଖାନା ରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେଉ ନଥିବାରୁ ଜିଲ୍ଲା ପରିଷଦ ବୈଠକରେ ଉଦବେଗ ପ୍ରକାଶ ପାଇଛି। ୩୭ନଂ ଜୋନର ଜିଲ୍ଲା ପରିଷଦ ବିମ୍ବାଧର ବିଶ୍ୱାଳ ଏନେଇ ପ୍ରଶ୍ନ ରଖିବା ସହ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୮ଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ଏଠାରେ ଆବଶ୍ୟକ ଡାକ୍ତର ନଥିବାରୁ ଯେଉଁ ଗୁରୁତର ରୋଗୀଟିଏ ଚିକିତ୍ସା ପାଇଁ ଆସୁଛନ୍ତି ତାଙ୍କୁ ଆନନ୍ଦପୁର ନଚେତ ଭଦ୍ରକ ସ୍ଥାନାନ୍ତର କରାଯାଇଥାଏ। ମାତ୍ର ଏଠାକୁ ଗୋଟିଏ ଆମ୍ବୁଲାନ୍ସ ଡ଼ିଏମଏଫରୁ ଯୋଗାଇ ଦିଆଯାଇଥିଲେ ମଧ୍ୟ ତାହା ଡାକ୍ତରଖାନା ପରିସରରେ ରହୁନି। ଦିନରେ ଶାଳଣିଆଁ ଓ ରାତିରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରହୁଛି। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀଟିଏ ରାତିରେ ଆଣିବାକୁ ହେଲେ ଦୀର୍ଘ ୩୦କିଲୋମିଟର ଦୁର ଆନନ୍ଦପୁରରୁ ଏଠାକୁ ଆମ୍ବୁଲାନ୍ସ ଆସି ରୋଗୀକୁ ନେବା ବେଳକୁ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଶାଳଣିଆଁ ଡାକ୍ତରଖାନାରେ ଆମ୍ବୁଲାନ୍ସ ସେବା ପ୍ରହସନ ପାଲଟିଛି। ଗୋଟିଏ ପଟେ ଆବଶ୍ୟକ ଡାକ୍ତର ନଥିବାରୁ ଲୋକେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବା ବେଳେ ଆମ୍ବୁଲାନ୍ସ ସେବା ନପାଇବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଏଣୁ ଏହାର ସ୍ଥାୟୀ ସମାଧାନ କରିବାକୁ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ବିଶ୍ୱାଳ ଦାବି କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ।

## ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି

# ଏନ୍‌ସିସି ଦାୟିତ୍ୱ ନେବାକୁ ଶିକ୍ଷକ ନାରାଜ



ଆନନ୍ଦପୁର,୯।୭(ନି.ପ୍ର): ଆନନ୍ଦପୁରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ବିଳମ୍ବ ଯୋଗୁଁ ବିଦ୍ୟାଳୟଟି ବିଭିନ୍ନ ସମସ୍ୟା ଦେଇ ଗତିକରୁଥିବା ଦେଖିବାକୁ ମିଳୁଛି । ୧୯୪୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଏହି ସ୍କୁଲର ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟରେ ହଜାର ହଜାର ଛାତ୍ର ଉତୀର୍ଣ୍ଣ ହୋଇ ରାଜ୍ୟ ଓ ଦେଶ ବିଦେଶରେ ସୁନାମ ଅର୍ଜନ କରି ବିଦ୍ୟାଳୟର ଗୌରବକୁ ଆଣିଥିବା ବେଳେ କିଛି ବର୍ଷ ହେବ ବିଦ୍ୟାଳୟର ପୂର୍ବ ଗୌରବ ଓ ଗାରିମା ଲୋପ ପାଇଯାଇଛି । କାରଣ ବିଦ୍ୟାଳୟରେ ଦୀର୍ଘଦିନ ହେବ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ନହେବା ଯୋଗୁ ବିଦ୍ୟାଳୟର ଗାରିମା ନଷ୍ଟ ହୋଇଯିବା ସହ ବିଦ୍ୟାଳୟଟି ସଂପୂର୍ଣ ମୁରବିହୀନ ହେଉଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ମନାନ୍ତର ଲାଗି ରହିଥିବା ବେଳେ ବିଦ୍ୟାଳୟର ଶିକ୍ଷାଦାନରେ ବାଧା ସୃଷ୍ଟି ଉପୁଜିଛି । ଦଶମ ବୋର୍ଡ ପରୀକ୍ଷା ବେଳେ ଫଳାଫଳ ନୈରାଶ୍ୟ ଜନକ ହୋଇଥିବା ଦେଖାଯାଇଛି । ଏ ନେଇ ଉପଖଣ୍ଡର ଅଭିଭାବକମାନେ ତାଙ୍କର ଛୁଆଙ୍କୁ ଏହି ସ୍କୁଲରେ ପାଠ ପଢ଼ାଇବା ପାଇଁ ମୁହଁ ଫେରାଇବା ଦେଖିବାକୁ ମିଳିଛି । ସେହିପରି ଭାବେ ଜଣେ କ୍ରୀଡା ଶିକ୍ଷକ ସୌମ୍ୟରଞ୍ଜନ ସାହୁ ଦାୟିତ୍ୱ ନେବା ପରେ ବିଦ୍ୟାଳୟର ଛାତ୍ରମାନେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଛନ୍ତି । ଶ୍ରୀ ସାହୁଙ୍କୁ ବ୍ଲକର କ୍ରୀଡା ଶିକ୍ଷାର ଦାୟିତ୍ୱ ସହିତ ଜିଲ୍ଲାର କ୍ରୀଡା ଶିକ୍ଷକ ଦାୟିତ୍ୱ ଦିଆଯାଇଥିବା ବେଳେ ଏନସିସି ଦାୟିତ୍ୱ ମଧ୍ୟ ତୁଲାଇ ଥିଲେ । ଦାୟିତ୍ୱ ଅଧିକ ହେବା ଯୋଗୁଁ ସେ ନିଜ ପକ୍ଷରୁ ଏନସିସି ପଦବୀରୁ ଇସ୍ତଫା ଦେଇଥିଲେ ଏବଂ ସେ ୭ ବାଟାଲିୟନ ଏନସିସିଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏବଂ ହାଟଡିହି ବ୍ଲକ ଶିକ୍ଷାଧିକାରୀ ରାଜୀବ ଲୋଚନ ଦଳେଇଙ୍କୁ ମଧ୍ୟ ଅବଗତ କରାଇଥିଲେ । ଏନେଇ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଦଳେଇ ଜୁଲାଇ ତା ୪.୭.୨୦୨୬ ରିଖ ଦିନ ବିଦ୍ୟାଳୟରେ ପହଁଚି ବିଦ୍ୟାଳୟ ପରିଦର୍ଶନ କରିବା ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ଏକ ଜରୁରୀ ବୈଠକ ଡାକିଥିଲେ । ଉକ୍ତ ବୈଠକରେ ଏକ ରିଜୁଲେସନ ମାଧ୍ୟମରେ ଜୈନକ ଶିକ୍ଷକଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା ଏବଂ ପ୍ରସ୍ତାବଟି ଉକ୍ତ ବୈଠକରେ ମୁର ମଧ୍ୟ ହୋଇଥିଲା । ଉକ୍ତ ବିଦ୍ୟାଳୟରେ ୫ ରୁ ଅଧିକ ୪୨ ବୟସରୁ କମ ବୟସର ଶିକ୍ଷକ ଥିଲେ ମଧ୍ୟ ଏନସିସି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି କେନ୍ଦୁଝର ଶିକ୍ଷା ଜିଲ୍ଲାଧିକାରୀ ପତ୍ର ସଂଖ୍ୟା ନମ୍ବର ୩୦୮୪ ତା ୬.୩.୨୦୨୫ ରିଖ ଏକ ଚିଠି ମାଧ୍ୟମରେ ସମସ୍ତ ପ୍ରଧାନଶିକ୍ଷକଙ୍କୁ ଅବଗତ କରାଇଛନ୍ତି ଯେ ଯେଉଁ ଶିକ୍ଷକ ଜେଆରସି ଭଳି ଦାୟିତ୍ୱରେ ଥିବେ ସେହି ଶିକ୍ଷକଙ୍କୁ ଏନସିସି ଓ ସ୍କାଉଡ଼ ଭଳି ବିଭାଗ ଦିଆଯିବ ନାହିଁ । ରାଜ୍ୟ ସରକାରଙ୍କ ବିଦ୍ୟାଳୟକୁ ଆସୁଥିବା ସୁବିଧା ସୁଯୋଗକୁ ବିଦ୍ୟାଳୟରେ ଛାତ୍ର ମାନଙ୍କୁ ଦିଆଯାଉନଥିବା ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଯାଉଥିବା ବେଳେ ମଧ୍ୟାହ୍ନ ଭୋଜନ ନିମ୍ନମାନର ଦିଆଯାଉଛି ଏବଂ ଛାତ୍ର ମାନଙ୍କ ନିମନ୍ତେ ଆସିଥିବା ପୋଷାକ ଠିକ ଭାବେ ବଣ୍ଟନ ହୋଇନଥିବା ବେଳେ ନୂତନ କମିଟି ପୂର୍ବରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କିପରି ବାଣ୍ଟିଲେ । ଦୀର୍ଘ ୨୦ ବର୍ଷ ହେବ ଯୌନଜ ଶିକ୍ଷକ ମଧ୍ୟାହ୍ନ ଭୋଜନର ଦାୟିତ୍ୱରେ ଥିବା ବେଳେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଥିବା କ୍ୱାଟର ୨୦ ବର୍ଷ ଧରି ହାତେଇବା ସାଧାରଣରେ ଚର୍ଚ୍ଚା ହେଉଛି । ଉକ୍ତ ଶିକ୍ଷକ କେଉଁ ରାଜନେତାଙ୍କ ଛତ୍ରଛାୟା ତଳେ ଅଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ଏନେଇ ପୁରାତନ ଛାତ୍ର ସଂସଦର ସଭାପତି ମହେଶ୍ୱର ସାହୁ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଥିବା ବେଳେ ଏହାର ତଦନ୍ତ କେନ୍ଦୁଝର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ କରିବାକୁ ଦାବି ରଖିଥିବା ନେଇ ସୂଚନା ଦେଇଥିବା ବେଳେ ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ବିଭିନ୍ନ ମହଲରୁ ପୁରାତନ ଛାତ୍ର ଦାବି କରିଛନ୍ତି ।

# ବ୍ରହ୍ମାକୁମାରୀସ୍ ଶାନ୍ତିକୁଣ୍ଡ ପକ୍ଷରୁ
# ଆଧାତ୍ମିକ ମୂଲ୍ୟବୋଧଭିତ୍ତିକ ପ୍ରବଚନ କାର୍ଯ୍ୟକ୍ରମ



ବ୍ରହ୍ମପୁର, ୯।୭(ନିପ୍ର): ସ୍ଥାନୀୟ ରାମଚନ୍ଦ୍ରପୁରସ୍ଥିତ ପ୍ରଭୁ ରିଟ୍ରିଟ୍ ସେଣ୍ଟର ଠାରେ ଗୁରୁବାର ରିଲାକ୍ସ ମାଇଣ୍ଡ, ଏନ୍ହାନ୍ସ ମେମୋରି ) ଅର୍ଥାତ୍ ମନକୁ ପ୍ରଫୁଲ୍ଲିତ କରିବା ପୂର୍ବକ ସ୍ମୃତି ଶକ୍ତିର ବିକାଶ ବିଷୟ ସମ୍ପର୍କରେ ଏକ ପ୍ରେରଣାଦାୟକ ମାନସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ତରାଷ୍ଟ୍ରୀୟ ପ୍ରେରକ ବକ୍ତା ରାଜଯୋଗୀ ଡ଼ା. ବ୍ରହ୍ମାକୁମାର ଶକ୍ତିରାଜ ମୁଖ୍ୟବକ୍ତା ରୂପେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀବୃନ୍ଦଙ୍କୁ ଉଦ୍‌ବୋଧନ ଦେଇଥିଲେ । ନିଜର ବିଚାର ପ୍ରଣାଳୀକୁ ସକାରାତ୍ମକ, ସଶକ୍ତ ତଥା ଗୁଣାତ୍ମକ ଦିଶାରେ ପରିଚାଳିତ କରିବା ଯଦ୍ୱାରା ନିଜ ଅନ୍ତରର ଲୁକାୟିତ ମାନସିକ କ୍ଷମତାକୁ ଜାଗ୍ରତ କରିବା ପୂର୍ବକ ନକାରାତ୍ମକ ବିଚାରକୁ ଦୂରକରି ଜୀବନରେ ଏକାଗ୍ରତା ଏବଂ ସଫଳତା ପ୍ରାପ୍ତ କରିବା ସମ୍ଭବ ହୋଇପାରିବ । ପୁଣି ଭ୍ରାତା ଶକ୍ତିରାଜ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ମନକୁ କିପରି ଚିନ୍ତା ରହିତ, ଶାନ୍ତ, ସରଳ ପାରିବ ସେ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ବ୍ରହ୍ମାକୁମାରୀସ୍ ବ୍ରହ୍ମପୁର ସବ୍‌ଜୋନ୍ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା ମନକୁ ଏକାଗ୍ର କରିବା ପୂର୍ବକ ଭାବନାତ୍ମକ ସ୍ୱାସ୍ଥ୍ୟର ଅଭିବୃଦ୍ଧିର ସରଳ ଉପାୟମାନ ଆହରଣ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା ବୃନ୍ଦଙ୍କୁ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବା ସକାଶେ ଧନ୍ୟବାଦ୍ ଅର୍ପଣ କରିବା ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜ୍ଞାନ ବିକାଶ, ବିଏସ୍ଇଟି ବ୍ରହ୍ମପୁର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର, ବ୍ରହ୍ମପୁର ସ୍କୁଲ ଅଫ୍ ନର୍ସିଂ, ଏମ୍‌କେସିଜି ନର୍ସିଂ କଲେଜ, କେସି ପବ୍ଲିକ୍ ସ୍କୁଲ, ରୋଲାଣ୍ଡ୍ ଫାର୍ମାସ୍ୟୁଟିକାଲ୍ କଲେଜ ଆଦି ବିଭିନ୍ନ ବୈଷୟିକ ଅନୁଷ୍ଠାନର ସହସ୍ରାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ବିଶେଷ ଲାଭାନ୍ୱିତ ହୋଇଥିଲେ । ଶେଷରେ ସାମ୍ବାଦିକ ସୁଦୀପ୍ ସାହୁ ଏକ ଆଧାତ୍ମିକ ସଙ୍ଗୀତ ପରିବେଷଣ କରିଥିଲେ ।

# ସୁନା ଧୋଇବା ଆଳରେ ଠକେଇ

ବ୍ରହ୍ମପୁର, ୯।୭(ନିପ୍ର): ଗୋପାଳପୁର ଥାନା ନିକଟସ୍ଥ ରାଣୀ ବଙ୍ଗଳାରେ ରହୁଥିବା ଜଣେ ବୃଦ୍ଧାଙ୍କ ଠାରୁ ୨ଜଣ ଦୁର୍ବୃତ୍ତ ସୁନା ଧୋଇବାକୁ ଆସି ଅସଲି ସୁନାକୁ ନେଇ ଚମ୍ପଟ ମାରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ପ୍ରକାରେ ରାଣୀ ବଙ୍ଗଳାରେ ରହୁଥିବା ବି. ଶକୁନ୍ତଳା (୬୧) ଘରେ ଏକା ଥିବା ସମୟରେ ଦିନ ୧୧ଟାରେ ୨ ଜଣ ବୟସ୍କ ଲୋକ ଆସି ସୁନା ସଫା କରିବାକୁ କହିଥିଲେ । ପରେ ବୃଦ୍ଧା ଜଣକ ଦୁଇ ତୁଳା ସୁନା ଚେନ୍ ୧, ଦୁଇ ତୁଳାର୨ଟି ଚୁଡ଼ି ପ୍ରାୟ ୪ ତୋଳା ସୁନା ଅଳଙ୍କାର ଧୋଇବାକୁ ଦେଇଥିଲେ । ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ବୃଦ୍ଧାଙ୍କ ମୁହଁରେ କିଛି ପାଉଡ଼ର ପୋପାଡ଼ି ଦେଇଥିଲେ। ସେଥିରେ ବୃଦ୍ଧା ଜଣଙ୍କ ଛିଜାପୋରି ନଥିବାରୁ ଅସଲି ୪ ତୋଳା ସୁନା ଧରି ସେଠାରୁ ଚାଲିଯାଇଥିଲେ । ପରେ ଏନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।


**AXIS BANK** | **ଆକ୍ସିସ୍ ବ୍ୟାଙ୍କ ଲିଃ., ଲୋନ୍ ସେଣ୍ଟର, ପ୍ଲଟ୍ ନଂ.: ୦୩, ରାଧା ମାଳତୀ ୩ୟ ମହଲା, ବାପୁଜୀ ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯**

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

**(ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୧) ଅନୁଯାୟୀ)**

ନିମ୍ନ ସ୍ୱାକ୍ଷରକାରୀ **ଆକ୍ସିସ୍ ବ୍ୟାଙ୍କ ଲିଃ.** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ବ୍ୟାଙ୍କ ଋଣ ସହିତ ଚୁକ୍ତି ହାରରେ ସୁଧ ସହିତ ଜୋରିମାନା ସୁଧ, ଦେୟ, ଆଇନଗତ ଖର୍ଚ୍ଚ ଇତ୍ୟାଦି ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ନୋଟିସ୍ ଦର୍ଶିତ ଅର୍ଥ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡିକକୁ ନିମ୍ନଦର୍ଶିତ ତାରିଖରେ ଦଖଲକୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନ ଦର୍ଶିତ ବକେୟା ରାଶି ସହିତ ସେବାବଦ ଚୁକ୍ତି ହାରରେ ସୁଧ, ଜୋରିମାନା ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି ନିମନ୍ତେ **ଆକ୍ସିସ ବ୍ୟାଙ୍କ ଲିଃ.** ନିକଟରେ ଉତ୍ତରଦାୟୀ ରହିବେ । **ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ମୁକ୍ତ କରିବାପାଇଁ ଉପଲବ୍ଧ ସମୟସୀମା ପ୍ରତି ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ।**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | କ) ନୋଟିସ୍ ତାରିଖ ଅନୁଯାୟୀ ବକେୟା ପରିମାଣ<br>ଖ) ଡିମାଣ୍ଡ ନୋଟିସ୍ ତାରିଖ<br>ଗ) ଦଖଲ ତାରିଖ |
|---|---|---|
| **୧. ଶ୍ରୀ ଗଙ୍ଗା ନାୟକ (ଋଣଗ୍ରହୀତା/ପ୍ରାଥମିକ ଆବେଦକ)**, ପିତା-ବାଜିଆ ନାୟକ, ସା-ତଳ ଦାନ୍ତଲିଙ୍ଗି, ଉପର ଦାନ୍ତଲିଙ୍ଗି, ଅସୁରବନ୍ଧ, ସୋରଡ଼ା, ଓଡ଼ିଶା-୭୬୧୧୫୧<br>**୨. ବାଜିଆ ନାୟକ (ସହ-ଆବେଦକ)**, ମାର୍ଫତ-ବୃନ୍ଦାବନ ନାୟକ, ସା-ଦାନ୍ତଲିଙ୍ଗି, ପି. ଦାନ୍ତଲିଙ୍ଗି, ଅସୁରବନ୍ଧ, ସୋରଡ଼ା, ଓଡ଼ିଶା-୭୬୧୧୫୧<br>**୩. ପୁଷ୍ପା ନାୟକ (ସହ-ଆବେଦକ)**, ସ୍ୱାମୀ-ବାଜିଆ ନାୟକ, ସା-ଦାନ୍ତଲିଙ୍ଗି, ଉପର ଦାନ୍ତଲିଙ୍ଗି, ଅସୁରବନ୍ଧ, ସୋରଡ଼ା, ଓଡ଼ିଶା-୭୬୧୧୫୧ | **କୋଲାଟେରାଲ ସିକ୍ୟୁରିଟି :**<br>**ପୁଷ୍ପା ନାୟକ**, ସ୍ୱାମୀ-ବାଜିଆ ନାୟକଙ୍କ ନାମରେ ଥିବା ଜମି ଏବଂ ଏହା ଉପରେ ନିର୍ମିତ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର କ୍ଷେତ୍ର ପରିମାପ: ଏକର ୦.୦୨୨୦ ଡ଼ିସିମିଲ, ଖାତା ନଂ.-୧୦୬/୩୫, ପ୍ଲଟ୍ ନଂ.-୧୦୮/୩୯୯, ମୌଜା-ତଳଦାନ୍ତଲିଙ୍ଗି, ତହସିଲ-ସୋରଡ଼ା, ତହସିଲ ନଂ.-୩୦, ଥାନା-ସୋରଡ଼ା, ଥାନା ନଂ.-୩୦, କିସମ-ଘରବାରି ଏବଂ ଜିଲ୍ଲା-ଗଞ୍ଜାମ । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୮୧୦୨**ର ବକେୟା ପରିମାଣ **ଟ.୧୦,୯୩,୯୧୧.୭୪** (ଦଶ ଲକ୍ଷ ତେୟାନବେ ହଜାର ନଅ ଶହ ଏଗାର ଟଙ୍କା ଏବଂ ଚଉସ୍ତରୀ ପଇସା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୮୧୨୮**ର ବକେୟା ପରିମାଣ **ଟ.୩୦,୨୭୬.୫୧** (ତିରିଶି ହଜାର ଦୁଇ ଶହ ଛଅସ୍ତରୀ ଟଙ୍କା ଏବଂ ଏକାବନ ପଇସା ମାତ୍ର) ଚୁକ୍ତିନାମା ସମାପ୍ତ ହେବା ପରେ ଦେୟ ପରିମାଣ, ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସୁଧ ହାରରେ ଲାଗୁ ନ ହୋଇଥିବା ସୁଧ ସହିତ ।<br>**ଖ) ୧୧.୦୭.୨୦୨୫**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀ ଗୌତମ ପଟ୍ଟନାୟକ (ଋଣଗ୍ରହୀତା/ପ୍ରାଥମିକ ଆବେଦକ)**, ପିତା-ପିତବାସ ପଟ୍ଟନାୟକ, ସା-ହରିପୁର, ଧରାକୋଟ୍, ବରଦାବାଲି, ଗଞ୍ଜାମ, ଓଡ଼ିଶା-୭୬୧୧୦୭<br>**୨. ଶ୍ରୀ ପିତବାସ ପଟ୍ଟନାୟକ (ସହ-ଆବେଦକ)**, ପିତା-କୃପା ପଟ୍ଟନାୟକ @ କୃପାସିନ୍ଧୁ ପଟ୍ଟନାୟକ, ସା-ହରିପୁର, ଧରାକୋଟ୍, ବରଦାବାଲି, ଗଞ୍ଜାମ, ଓଡ଼ିଶା-୭୬୧୧୦୭ | **କୋଲାଟେରାଲ ସିକ୍ୟୁରିଟି :**<br>**ଶ୍ରୀ ପିତବାସ ପଟ୍ଟନାୟକ**, ପିତା-କୃପାସିନ୍ଧୁ ପଟ୍ଟନାୟକଙ୍କ ନାମରେ ପଞ୍ଜିକୃତ ଥିବା ଜମି ଏବଂ ଏହା ଉପରେ ନିର୍ମିତ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର କ୍ଷେତ୍ର ପରିମାପ: ଏକର ୦.୦୧୫ ଡ଼ିସିମିଲ, ଖାତା ନଂ.-୪୫୭/୨୨୨, ପ୍ଲଟ୍ ନଂ.-୩୩୨୦/୬୪୩୬, ମୌଜା-ହରିପୁର, ତହସିଲ-ଧରାକୋଟ୍, ଥାନା-ବଡ଼ଗଡ଼, ଥାନା ନଂ.-୨୦୩ ଏବଂ ଜିଲ୍ଲା-ଗଞ୍ଜାମ, ପଟ୍ଟା ଅନୁଯାୟୀ କିସମ-ଘରବାରି । | କ) ତା. ୧୬.୧୦.୨୦୨୫ ରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୧୦୮୭**ର ବକେୟା ପରିମାଣ **ଟ.୧୦,୭୧,୮୫୬.୧୨** (ଦଶ ଲକ୍ଷ ଏକସ୍ତରୀ ହଜାର ଆଠ ଶହ ଛପନ ଟଙ୍କା ଏବଂ ବାର ପଇସା ମାତ୍ର) ଏବଂ ତା. ୧୬.୧୦.୨୦୨୫ ରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୧୧୦୬**ର ବକେୟା ପରିମାଣ **ଟ.୩୦,୦୬୯.୫୧** (ତିରିଶି ହଜାର ଅଣସ୍ତରୀ ଟଙ୍କା ଏବଂ ଏକାବନ ପଇସା ମାତ୍ର) ଚୁକ୍ତିନାମା ସମାପ୍ତ ହେବା ପରେ ଦେୟ ପରିମାଣ, ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସୁଧ ହାରରେ ଲାଗୁ ନ ହୋଇଥିବା ସୁଧ ସହିତ ।<br>**ଖ) ୨୦.୦୩.୨୦୨୬**<br>**ଗ) ୦୬.୦୭.୨୦୨୬** |
| **୧. କବିତା ସ୍ୱାଇଁ (ପ୍ରାଥମିକ ଆବେଦକ)**, ସ୍ୱାମୀ-ଅନାଦି ସ୍ୱାଇଁ, ଲେବର କଲୋନୀ, ନୂଆଗାମ୍ ଗଣେଶ ମଣ୍ଡପନିକଟ, ଗଞ୍ଜାମ, ଓଡ଼ିଶା-୭୬୧୧୧୧<br>**୨. ଶ୍ରୀ ଚିନ୍ମୟ ପ୍ରସାଦ ସ୍ୱାଇଁ (ସହ-ଆବେଦକ)**, ପିତା-ଅନାଦି ସ୍ୱାଇଁ, ଲେବର କଲୋନୀ, ନୂଆଗାମ୍ ଗଣେଶ ମଣ୍ଡପନିକଟ, ଗଞ୍ଜାମ, ଓଡ଼ିଶା-୭୬୧୧୧୧<br>**୩. ଅନାଦି ସ୍ୱାଇଁ (ସହ-ଆବେଦକ)**, ପିତା-ଗୋବିନ୍ଦ ସ୍ୱାଇଁ, ଲେବର କଲୋନୀ, ନୂଆଗାମ୍ ଗଣେଶ ମଣ୍ଡପନିକଟ, ଗଞ୍ଜାମ, ଓଡ଼ିଶା-୭୬୧୧୧୧<br>**୨. ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ (ସହ-ଆବେଦକ)**, ପିତା-ଘନ ଶ୍ୟାମ ସ୍ୱାଇଁ, ଲେବର କଲୋନୀ, ନୂଆଗାମ୍ ଗଣେଶ ମଣ୍ଡପନିକଟ, ଗଞ୍ଜାମ, ଓଡ଼ିଶା-୭୬୧୧୧୧ | **କୋଲାଟେରାଲ ସିକ୍ୟୁରିଟି :**<br>**ଅନାଦି ସ୍ୱାଇଁ**ଙ୍କ ନାମରେ ବ୍ୟାଙ୍କରେ ଜମା ହୋଇଥିବା ଡିଡି ଏବଂ ପଟ୍ଟା ଅନୁଯାୟୀ ଜମି ଏବଂ ଏହା ଉପରେ ନିର୍ମିତ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର କ୍ଷେତ୍ର ପରିମାପ: ଏକର ୦.୦୭୫ ଡ଼ିସିମିଲ, ଖାତା ନଂ.-୩୪୧/୮୨, ପ୍ଲଟ୍ ନଂ.-୩୯୪୩/୩୯୬୯, ମୌଜା-ଘଟକୁରୀ, ଥାନା-ଆସ୍କା, ତହସିଲ-ଆସ୍କା, ଜିଲ୍ଲା-ଗଞ୍ଜାମ, ଅଧିକାର ରେକର୍ଡ ଅନୁଯାୟୀ (ପଟ୍ଟା ଅନୁଯାୟୀ), କିସମ-ଘରବାରି । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୪୪୭୨**ର ବକେୟା ପରିମାଣ **ଟ.୨୪,୩୩,୨୦୭/-** (ଚବିଶି ଲକ୍ଷ ତେତିଶି ହଜାର ଦୁଇ ଶହ ସାତ ଟଙ୍କା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୪୪୮୫**ର ବକେୟା ପରିମାଣ **ଟ.୩୫,୧୭୩/-** (ପଇଁତିରିଶି ହଜାର ଏକ ଶହ ତେସ୍ତରୀ ଟଙ୍କା ମାତ୍ର) ସହିତ ଚୁକ୍ତିନାମା ବାତିଲ୍ ହେବା ପରେ, ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ତତ୍‌ପରବର୍ତ୍ତୀ ସୁଧ ।<br>**ଖ) ୨୭.୦୫.୨୦୨୫**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀମତୀ ମାମିନି ଦାଶ (ପ୍ରାଥମିକ ଆବେଦକ)**, ସ୍ୱାମୀ-ବିଭୁତି ଭୁଷଣ ଦାଶ, କାମସାଶନ, ଧରାକୋଟ୍, ଗିଡ଼ି ପଲ୍ଲି, ଗଞ୍ଜାମ, ଧାଉଗାମ, ଗଞ୍ଜାମ, ଓଡ଼ିଶା-୭୬୧୧୧୧<br>**୨. ଶ୍ରୀ ତରଣି ଚରଣ ପାଢ଼ି (ସହ-ଆବେଦକ)**, ପିତା-ଆନନ୍ଦ ପାଢ଼ି, ହରିପୁର, ବରଦାବାଲ୍ଲି, ଧରାକୋଟ୍, ବଡଗଡ଼, ବରଦାବାଲ୍ଲି, ଗଞ୍ଜାମ, ଓଡ଼ିଶା-୭୬୧୧୦୭ | **କୋଲାଟେରାଲ ସିକ୍ୟୁରିଟି :**<br>**ଶ୍ରୀମତୀ ମାମିନି ଦାଶ**, ସ୍ୱାମୀ-ବିଭୁତି ଭୁଷଣ ଦାଶଙ୍କ ନାମରେ ପଞ୍ଜିକୃତ ଥିବା ଜମି ଏବଂ ଏହା ଉପରେ ନିର୍ମିତ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର କ୍ଷେତ୍ର ପରିମାପ: ଏକର ୦.୦୪୦ ଡ଼ିସିମିଲ, ଖାତା ନଂ.-୪୫୭/୩୪୪, ପ୍ଲଟ୍ ନଂ.-୩୧୪୯/୬୪୭୯, ମୌଜା-ହରିପୁର, ତହସିଲ-ଧରାକୋଟ୍, ତହସିଲ ନଂ.-୧୩୩, ଥାନା-ବଡ଼ଗଡ଼, ଥାନା ନଂ.-୨୦୩ ଏବଂ ଜିଲ୍ଲା-ଗଞ୍ଜାମ, (ପଟ୍ଟା ଅନୁଯାୟୀ), କିସମ-ଘରବାରି । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୦୫୫୪**ର ବକେୟା ପରିମାଣ **ଟ.୨୨,୧୦,୯୩୨/-** (ବାଇଶି ଲକ୍ଷ ଦଶ ହଜାର ନଅ ଶହ ବତିଶି ଟଙ୍କା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୦୫୬୭**ର ବକେୟା ପରିମାଣ **ଟ.୨୯,୮୩୩/-** (ଅଣତିରିଶି ହଜାର ଆଠ ଶହ ତେତିଶି ଟଙ୍କା ମାତ୍ର) ଦେୟ ତାରିଖ ପର୍ଯ୍ୟନ୍ତ ଅଧିକ ଚୁକ୍ତିଭିତ୍ତିକ ସୁଧ ହାର ସହିତ ।<br>**ଖ) ୨୦.୦୮.୨୦୨୫**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀ ସର୍ବେଶ୍ୱର ଭୂୟାଁ (ଋଣଗ୍ରହୀତା/ପ୍ରାଥମିକ ଆବେଦକ)**, ପିତା-ଆଦିକନ୍ଦ ଭୂୟାଁ, ସା-ଭୂୟାଁ ସାହି, ଡୁବୁଣ୍ଡା, ବଡ଼ବୋରାସିଙ୍ଗି, ଗଞ୍ଜାମ, ଜିଲ୍ଲା-ଗଞ୍ଜାମ, ଓଡ଼ିଶା-୭୬୧୧୨୪<br>**୨. ଶ୍ରୀମତୀ ଶାନ୍ତିଲତା ଭୂୟାଁ (ସହ-ଆବେଦକ)**, ସ୍ୱାମୀ-ଆଦିକନ୍ଦ ଭୂୟାଁ, ସା-ଭୂୟାଁ ସାହି, ଡୁବୁଣ୍ଡା, ବଡ଼ବୋରାସିଙ୍ଗି, ଗଞ୍ଜାମ, ଜିଲ୍ଲା-ଗଞ୍ଜାମ, ଓଡ଼ିଶା-୭୬୧୧୨୪ | **କୋଲାଟେରାଲ ସିକ୍ୟୁରିଟି :**<br>**ଶ୍ରୀମତୀ ଶାନ୍ତିଲତା ଭୂୟାଁ**, ସ୍ୱାମୀ-ଶ୍ରୀ ଆଦିକନ୍ଦ ଭୂୟାଁଙ୍କ ନାମରେ ଥିବା ଜମି ଏବଂ ଏହା ଉପରେ ନିର୍ମିତ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର କ୍ଷେତ୍ର ପରିମାପ: ଏକର ୦.୦୧୩ ଡ଼ିସିମିଲ, ଖାତା ନଂ.-୩୫୬/୧୮, ପ୍ଲଟ୍ ନଂ.-୧୩୯୧/୨୧୫୪, ମୌଜା-ଡ଼ାବାଲୁଣ୍ଡା, ତହସିଲ-ବେଲଗୁଣ୍ଠ, ଥାନା-ଗାଙ୍ଗପୁର, ଥାନା ନଂ.-୬୯/୧ ଏବଂ ଜିଲ୍ଲା-ଗଞ୍ଜାମ, ପଟ୍ଟା ଅନୁଯାୟୀ, କିସମ-ଘରବାରି । | କ) ଏନପିଏ ତାରିଖ ୦୧.୦୫.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୪୩୯୭**ର ବକେୟା ପରିମାଣ **ଟ.୧୨,୪୪,୪୩୭.୩୩** (ବାର ଲକ୍ଷ ଚଉରଉଳିଶି ହଜାର ଚାରି ଶହ ସଇଁତିରିଶି ଟଙ୍କା ଏବଂ ତେତିଶି ପଇସା ମାତ୍ର) ଏବଂ ଏନପିଏ ତାରିଖ ୦୧.୦୫.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୪୪୦୭**ର ବକେୟା ପରିମାଣ **ଟ.୨୪,୧୨୭.୦୦** (ଚବିଶି ହଜାର ଏକ ଶହ ସତେଇଶି ଟଙ୍କା ମାତ୍ର) ଚୁକ୍ତିନାମା ସମାପ୍ତ ହେବା ପରେ ଦେୟ ପରିମାଣ, ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସୁଧ ହାରରେ ଲାଗୁ ନ ହୋଇଥିବା ସୁଧ ସହିତ ।<br>**ଖ) ୨୦.୦୩.୨୦୨୬**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀ ଅଶୋକ କୁମାର ନାୟକ (ପ୍ରାଥମିକ ଆବେଦକ)**, ପିତା-ବିଦ୍ୟାଧର ନାୟକ, ସା-ଦରପୁର, ପିରହାଟ, ଜାମଜୋଡ଼ି, ଜିଲ୍ଲା-ଭଦ୍ରକ, ଓଡ଼ିଶା-୭୫୬୧୩୧<br>**୨. ଶ୍ରୀ ବିଦ୍ୟାଧର ନାୟକ (ସହ-ଆବେଦକ)**, ପିତା-ପଦନ ନାୟକ, ସା-ଦରପୁର, ପିରହାଟ, ଜାମଜୋଡ଼ି, ଜିଲ୍ଲା-ଭଦ୍ରକ, ଓଡ଼ିଶା-୭୫୬୧୩୧ | **କୋଲାଟେରାଲ ସିକ୍ୟୁରିଟି :**<br>**ଶ୍ରୀ ବିଦ୍ୟାଧର ନାୟକ**, ପିତା-ଶ୍ରୀ ପଦନ ନାୟକଙ୍କ ନାମରେ ସମାନ ବନ୍ଧକ ଥିବା ଆବାସିକ ଜମି ଏବଂ ବିଲ୍ଡିଂ ଯାହାର ପରିମାପ କ୍ଷେତ୍ର: ଏକର ୦.୦୩ ଡ଼ିସିମିଲ, ମୌଜା-ଦରପୁର, ତହସିଲ-ତିହିଡ଼ି, ତହସିଲ ନଂ.-୧୨, ଥାନା-ତିହିଡ଼ି, ଥାନା ନଂ.-୧୪୯, ଖାତା ନଂ.-୨୮୯/୯୨, ପ୍ଲଟ୍ ନଂ.-୭୦୮, ଜିଲ୍ଲା-ଭଦ୍ରକ, (ପଟ୍ଟା ଅନୁଯାୟୀ) କିସମ-ଘରବାରି । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୭୫୬୭**ର ବକେୟା ପରିମାଣ **ଟ.୨୬,୮୮,୮୦୬/-** (ଛବିଶି ଲକ୍ଷ ଅଠାଅଶି ହଜାର ଆଠ ଶହ ଛଅ ଟଙ୍କା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୭୫୭୦**ର ବକେୟା ପରିମାଣ **ଟ.୩୨,୦୧୪/-** (ବତିଶି ହଜାର ଚଉଦ ଟଙ୍କା ମାତ୍ର) ଚୁକ୍ତିନାମା ସମାପ୍ତ ହେବା ପରେ ଦେୟ ପରିମାଣ, ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସୁଧ ହାରରେ ଲାଗୁ ନ ହୋଇଥିବା ସୁଧ ସହିତ ।<br>**ଖ) ୨୦.୦୮.୨୦୨୫**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀ ବାଳ କିଷୁନ ଗୌର (ପ୍ରାଥମିକ ଆବେଦକ)**, ପିତା-କପିଳ ଗୌଡ଼, ସା-ମୋହନ ନଗର ଡାକରା, କ୍ୱାଟର ନଂ.-୨୯୦, ଚୁରି ମଧ, ଜିଲ୍ଲା-ଖେଲାରି, ରାଞ୍ଚି, ଝାରଖଣ୍ଡ-୮୨୯୨୧୦<br>**୨. ଦିନବନ୍ଧୁ ଗୌଡ଼ (ସହ-ଆବେଦକ)**, ପିତା-ବାଳକୃଷ୍ଣ ଗୌଡ଼, ସା-ନୁନିପଡ଼ା, ପୋ-ଲୁନି ପଡ଼ା ଶାସନ, ଜିଲ୍ଲା-ଗଞ୍ଜାମ, ଓଡ଼ିଶା-୭୬୧୧୨୩ | **କୋଲାଟେରାଲ ସିକ୍ୟୁରିଟି :**<br>**ଶ୍ରୀ ବାଳକୃଷ୍ଣ ଗୌଡ଼ @ ବାଳ କିଷୁନ ଗୌର**, ପିତା-କପିଳି ଗୌଡ଼ @ କପିଳ ଗୌଡ଼ଙ୍କ ନାମରେ ସମାନ ବନ୍ଧକ ଥିବା ଆବାସିକ ଜମି ଏବଂ ବିଲ୍ଡିଂ ଯାହାର ମୌଜା-ଶାସନ, ତହସିଲ-ବେଲଗୁଣ୍ଠା, ତହସିଲ ନଂ.-୮, ଥାନା-ଗାଙ୍ଗପୁର, ଥାନା ନଂ.-୬୭, ଖାତା ନଂ.-୧୩୯୭/୩୬୯, ପ୍ଲଟ୍ ନଂ.-୩୧୮୫/୭୨୯୩ ପରିମାପ କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲ, , ଜିଲ୍ଲା-ଗଞ୍ଜାମ, କିସମ-ଘରବାରି (ପଟ୍ଟା ଅନୁଯାୟୀ) । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୨୩୭୦**ର ବକେୟା ପରିମାଣ **ଟ.୯,୯୮,୧୦୧/-** (ନଅ ଲକ୍ଷ ଅଠାନବେ ହଜାର ଏକ ଶହ ଏକ ଟଙ୍କା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୨୩୯୬**ର ବକେୟା ପରିମାଣ **ଟ.୩୫,୧୮୭/-** (ପଇଁତିରିଶି ହଜାର ଏକ ଶହ ସତାଅଶି ଟଙ୍କା ମାତ୍ର) ଦେୟ ତାରିଖ ପର୍ଯ୍ୟନ୍ତ ଅଧିକ ଚୁକ୍ତିଭିତ୍ତିକ ସୁଧ ହାର ସହିତ ।<br>**ଖ) ୨୬.୦୮.୨୦୨୫**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀ ଶଶାଙ୍କ ମଣ୍ଡଳ (ପ୍ରାଥମିକ ଆବେଦକ)**, ମାର୍ଫତ-ହରିପଦ ମଣ୍ଡଳ, ସା-କୃଷ୍ଣପୁର, ପୋ-ନଟିଆପାଳ, ଥାନା-କାଶିଆ ମାରିନ୍, ଅଧୁଆନ, କିସ୍ମତକୃଷ୍ଣପୁର, ଭଦ୍ରକ, ଓଡ଼ିଶା-୭୫୬୧୨୫ | **କୋଲାଟେରାଲ ସିକ୍ୟୁରିଟି :**<br>**ଶ୍ରୀ ଶଶାଙ୍କ ମଣ୍ଡଳ**, ପିତା-ହରିପଦ ମଣ୍ଡଳଙ୍କ ନାମରେ ଥିବା ଜମି ଏବଂ ଏହା ଉପରେ ନିର୍ମିତ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର ମୋଟ୍ କ୍ଷେତ୍ର ପରିମିତ: ଏକର ୦.୩୦ ଡ଼ିସିମିଲ, ଖାତା ନଂ.-୧୧୫୩/୨୪୨୪, ପ୍ଲଟ୍ ନଂ.-୪୭୭୦/୭୪୮୭ (କ୍ଷେତ୍ର: ଏକର ୦.୦୫ ଡ଼ିସିମିଲ), ପ୍ଲଟ୍ ନଂ.-୪୭୭୦/୭୭୬୬ (କ୍ଷେତ୍ର: ଏକର ୦.୨୫ ଡ଼ିସିମିଲ), ମୌଜା-ସାନକୃଷ୍ଣପୁର, ତହସିଲ-ବାସୁଦେବପୁର, ତହସିଲ ନଂ.-୧୨୫, ଥାନା-ବାସୁଦେବପୁର, ଥାନା ନଂ.-୧୨୫ ଏବଂ ଜିଲ୍ଲା-ଭଦ୍ରକ, କିସମ-ଘରବାରି (ପଟ୍ଟା ଅନୁଯାୟୀ) । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୦୫୭୦**ର ବକେୟା ପରିମାଣ **ଟ.୨୩,୧୧,୦୯୯.୯୦** (ତେଇଶି ଲକ୍ଷ ଏଗାର ହଜାର ଅନେଶ୍ୱତ ଟଙ୍କା ଏବଂ ନବେ ପଇସା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୦୫୯୬**ର ବକେୟା ପରିମାଣ **ଟ.୩୬,୨୬୪/-** (ଛତିଶି ହଜାର ଦୁଇ ଶହ ଚଉଷଠି ଟଙ୍କା ମାତ୍ର) ଚୁକ୍ତିନାମା ସମାପ୍ତ ହେବା ପରେ ଦେୟ ପରିମାଣ, ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସୁଧ ହାରରେ ଲାଗୁ ନ ହୋଇଥିବା ସୁଧ ସହିତ ।<br>**ଖ) ୦୩.୦୯.୨୦୨୫**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀମତୀ ରିତା କୁମାରୀ ସ୍ୱାଇଁ (ପ୍ରାଥମିକ ଆବେଦକ)**, ପିତା-ବିଜୟ କୁମାର ଜେନା, ସ୍ୱାମୀ-ବାବୁଲା ସ୍ୱାଇଁ, ନୂଆ ସାହି, ବରଡ଼ାବାଲି, ହରିପୁର, ବଡ଼ଗଡ଼, ଗଞ୍ଜାମ, ଓଡ଼ିଶା-୭୬୧୧୦୭ | **କୋଲାଟେରାଲ ସିକ୍ୟୁରିଟି :**<br>**ଶ୍ରୀମତୀ ରିତା କୁମାରୀ ସ୍ୱାଇଁ**, ସ୍ୱାମୀ-ବାବୁଲା ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଏହା ଉପରେ ନିର୍ମିତ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର କ୍ଷେତ୍ର ପରିମାପ: ଏକର ୦.୦୫୧ ଡ଼ିସିମିଲ, ଖାତା ନଂ.-୪୫୭/୩୪୬, ପ୍ଲଟ୍ ନଂ.-୩୮୯୦/୬୪୮୮, ମୌଜା-ହରିପୁର, ତହସିଲ-ଧରାକୋଟ୍, ତହସିଲ ନଂ.-୧୩୩, ଥାନା-ବଡ଼ଗଡ଼, ଥାନା ନଂ.-୨୦୩ ଏବଂ ଜିଲ୍ଲା-ଗଞ୍ଜାମ, କିସମ-ଘରବାରି (ପଟ୍ଟା ଅନୁଯାୟୀ) । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୬୪୭୬**ର ବକେୟା ପରିମାଣ **ଟ.୧୩,୭୯,୩୯୫.୨୦** (ତେର ଲକ୍ଷ ଅଣାଅଶି ହଜାର ତିନି ଶହ ପଞ୍ଚାନବେ ଟଙ୍କା ଏବଂ କୋଡ଼ିଏ ପଇସା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୬୪୮୯**ର ବକେୟା ପରିମାଣ **ଟ.୩୩,୨୮୦/-** (ତେତିଶି ହଜାର ଦୁଇ ଶହ ଅଶି ଟଙ୍କା ମାତ୍ର) ଚୁକ୍ତିନାମା ସମାପ୍ତ ହେବା ପରେ ଦେୟ ପରିମାଣ, ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସୁଧ ହାରରେ ଲାଗୁ ନ ହୋଇଥିବା ସୁଧ ସହିତ ।<br>**ଖ) ୨୫.୦୮.୨୦୨୫**<br>**ଗ) ୦୬.୦୭.୨୦୨୬** |
| **୧. ଶ୍ରୀ ଶିବରାମ ସେଠୀ (ଋଣଗ୍ରହୀତା/ପ୍ରାଥମିକ ଆବେଦକ)**, ପିତା-ସହଦେବ ସେଠୀ, ଠିକଣା-ସା-ହରିପୁର, ବରଡ଼ାବାଲି, ଆସ୍କା, ଡ଼ି. ସିଙ୍ଗିପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୭ | **କୋଲାଟେରାଲ ସିକ୍ୟୁରିଟି :**<br>**ଶିବରାମ ସେଠୀ**, ପିତା-ସହଦେବ ସେଠୀଙ୍କ ନାମରେ ପଞ୍ଜିକୃତ ଥିବା ଜମି ଏବଂ ଏବଂ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର କ୍ଷେତ୍ର ପରିମାପ: ଏକର ୦.୦୧୨୦ ଡ଼ିସିମିଲ, ଖାତା ନଂ.-୩୨୦, ପ୍ଲଟ୍ ନଂ.-୩୦୭୨, ମୌଜା-ହରିପୁର, ତହସିଲ-ଧରାକୋଟ୍, ତହସିଲ ନଂ.-୧୩୩, ଥାନା-ବଡ଼ଗଡ଼, ଥାନା ନଂ.-୨୦୩, ଜିଲ୍ଲା-ଗଞ୍ଜାମ, ଅଧିକାର ରେକର୍ଡ ଅନୁଯାୟୀ (ପଟ୍ଟା ଅନୁଯାୟୀ), କିସମ-ଘରବାରି ଶ୍ରେଣୀ ଅର୍ନ୍ତଭୁକ୍ତ ଅଟେ । | କ) ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୨୪୮୯**ର ବକେୟା ପରିମାଣ **ଟ.୧୦,୦୫,୧୩୮.୪୧** (ଦଶ ଲକ୍ଷ ପାଞ୍ଚ ହଜାର ଏକ ଶହ ଅଠତିରିଶି ଟଙ୍କା ଏବଂ ଏକଚାଳିଶି ପଇସା ମାତ୍ର) ଏବଂ ଏନପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ. **xxxxxxxxxxx୨୪୭୬**ର ବକେୟା ପରିମାଣ **ଟ.୩୪,୨୭୬.୯୦** (ଚଉତିରିଶି ହଜାର ଦୁଇ ଶହ ଛଅସ୍ତରୀ ଟଙ୍କା ଏବଂ ନବେ ପଇସା ମାତ୍ର) ଚୁକ୍ତିନାମା ସମାପ୍ତ ହେବା ପରେ ଦେୟ ପରିମାଣ, ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସୁଧ ହାରରେ ଲାଗୁ ନ ହୋଇଥିବା ସୁଧ ସହିତ ।<br>**ଖ) ୨୭.୦୨.୨୦୨୬**<br>**ଗ) ୦୬.୦୭.୨୦୨୬** |

**ତାରିଖ: ୧୦.୦୭.୨୦୨୬, ସ୍ଥାନ: ଭୁବନେଶ୍ୱର** — **କ୍ଷମତାପ୍ରାପ୍ତ ଅଧିକାରୀ, ଆକ୍ସିସ୍ ବ୍ୟାଙ୍କ ଲିଃ.**


# ବୃକ୍ଷରୋପଣ ସହ ସଚେତନତା ପଦଯାତ୍ରା



ବ୍ରହ୍ମପୁର, ୯।୭(ନିପ୍ର) ସହର ଉପକଣ୍ଠସ୍ଥ ଲାଠି ମୁଖ୍ୟରାସ୍ତାସ୍ଥିତ ଆଦର୍ଶ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଏକ ସପ୍ତାହ ଧରି ବନ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଭାତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ କାହିଁକି କରିବା ଓ ଏହାର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ଆଲୋଚନା ହୋଇଥିଲା । ଏହା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଜନସଚେତନତା ପାଇଁ ପ୍ଲାକାର୍ଡ଼ ସହ ବିଭିନ ସ୍ଲୋଗାନ ଦେଇ ପଦଯାତ୍ରା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ/ ଛାତ୍ରଛାତ୍ରୀ ଉପସ୍ଥିତଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଗୁରୁମା ପ୍ରମିଳା ଷଡ଼ଙ୍ଗୀ, ବିଜୟ ପାତ୍ର, ନରସିଂହ ପଣ୍ଡିତ, ମହେଶ୍ୱରୀ ଦାଶ, ସନ୍ତୋଷ କୁମାର ତ୍ରିପାଠୀ, ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ସାମିଲ ଥିବା ବେଳେ ଛାତ୍ରଛାତ୍ରୀମାନେ ଦଳଗତ ଭାବେ ବୃକ୍ଷରୋପଣ ଓ ତାର ଉପକାରିତା ଏବଂ ଆମର କର୍ତ୍ତବ୍ୟ ସମ୍ପର୍କିତ ଉପରେ ଆଧାରିତ ଅଭିନୟ କରି ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ତ୍ରିନାଥ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

# ଆର୍‌ଡିସି ଅଫିସ୍ ଘେରିବ ବିଜେଡି

ବ୍ରହ୍ମପୁର, ୯।୭(ନିପ୍ର): ପାଠ୍ୟପୁସ୍ତକରେ ଦେଖାଦେଇଥିବା ତ୍ରୁଟି ଏବଂ ରାଜ୍ୟ ସରକାରଙ୍କ ଶିକ୍ଷାନୀତିକୁ ନେଇ ବିଜୁଜନତା ଦଳ ପ୍ରତିବାଦକୁ ତୀବ୍ର କରିଛି । ଶିକ୍ଷା କ୍ଷେତ୍ରରେ ସରକାରଙ୍କ ନୀତି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ବିପନ୍ନ କରୁଥିବା ଅଭିଯୋଗ କରି ଦଳ ପକ୍ଷରୁ ଆସନ୍ତା ୧୦ ଜୁଲାଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ । ଦଳ ପକ୍ଷରୁ ବୁଧବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବିଜୁ ଯୁବ



ଜନତା ଦଳ, ବିଜୁ ଛାତ୍ର ଜନତା ଦଳ, ବିଜୁ ମହିଳା ଜନତା ଦଳ ଏବଂ ଅଭିଭାବକମାନଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆଲୋଚନା ହୋଇଛି । ବିକ୍ଷୋଭରେ ରାଜ୍ୟ ସରକାରଙ୍କ ଶିକ୍ଷାନୀତି ଓ ପାଠ୍ୟପୁସ୍ତକ ପ୍ରକାଶନରେ ହୋଇଥିବା ତ୍ରୁଟି ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ସଂଶୋଧନ ପାଇଁ ଦାବି ଉଠାଯିବ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ପୂର୍ବତନ ସାଂସଦ ଓ ବିଧାୟକ ପ୍ରାର୍ଥୀ, ମେୟର, ବ୍ଲକ୍ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ପୌରାଧ୍ୟକ୍ଷ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ, କର୍ପୋରେଟର, କାଉନ୍‌ସିଲର, ସମିତି ସଭ୍ୟ, ସରପଞ୍ଚଙ୍କ ସମେତ ବିଜେଡ଼ିର ସମସ୍ତ ବରିଷ୍ଠ ପଦାଧିକାରୀ, ଯୁବ, ଛାତ୍ର ଓ ମହିଳା ସଙ୍ଗଠନର କର୍ମକର୍ତ୍ତା ଏବଂ ଦଳୀୟ କର୍ମୀଙ୍କୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆଲୋଚନା କରାଯାଇଛି । ପ୍ରସ୍ତୁତି ବୈଠକରେ ଦୁଇ ଜଣ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଶ୍ରୀରୂପ ଦେଓ,ରଞ୍ଜିତା ସାହୁ, ଯୁବ ବିଜେଡ଼ି ସଭାପତି ନଚିକେତା ସ୍ୱାଇଁଙ୍କ ସତେ ବହୁ କର୍ପୋରେଟର ଉପସ୍ଥିତଥିଲେ ।


## ପ୍ରଥମ ପୃଷ୍ଠାରୁ...


## ଭାରତକୁ ୟୁରାନିୟମ୍ ...

ୟୁରାନିୟମ୍ ପରମାଣୁ ଶକ୍ତି ଉତ୍ପାଦନ ସହିତ ପରମାଣୁ ପ୍ରଯୁକ୍ତି ପାଇଁ ଏକ ଅତ୍ୟନ୍ତ ଆବଶ୍ୟକ ଇନ୍ଧନ। ପ୍ରଧାନମନ୍ତ୍ରୀ ମୋଦୀ ଭାରତ–ଅଷ୍ଟ୍ରେଲିଆ ସମ୍ପର୍କକୁ କ୍ରିକେଟ ସହ ତୁଳନା କରି କହିଛନ୍ତି। ଦୁଇ ଦେଶର ସମ୍ପର୍କ କ୍ରିକେଟ ପରି। ଆମର ବୈଠକ ଏକଦିନିକିଆ ମ୍ୟାଚ୍ ପରି ସୁପରିକଳ୍ପିତ, ଆମର ନିଷ୍ପତ୍ତି ଟି୨୦ ପରି ଦ୍ରୁତ ଏବଂ ଆମର ସହଭାଗୀତା ଟେଷ୍ଟ ମ୍ୟାଚ୍ ପରି ଦୀର୍ଘସ୍ଥାୟୀ ଓ ଦୃଢ଼।

ଆଲବାନିଜ୍ କହିଛନ୍ତି, ୨୦୧୫ ଭାରତ–ଅଷ୍ଟ୍ରେଲିଆ ପରମାଣୁ ସହଯୋଗ ଚୁକ୍ତି ଅନୁଯାୟୀ ଭାରତକୁ ୟୁରାନିୟମ୍ ରପ୍ତାନି ପାଇଁ ଏକ ବ୍ୟବସ୍ଥାରେ ସ୍ୱାକ୍ଷର କରାଯାଇଛି। ଏହା ଦ୍ୱାରା ଉଭୟ ଦେଶର କୌଶଳଗତ ସମ୍ପର୍କ ଆହୁରି ସୁଦୃଢ଼ ହେବ। ଉଭୟ ଦେଶ ଅଷ୍ଟ୍ରେଲିଆ–ଭାରତ ସାଇବର, କ୍ରିଟିକାଲ ଟେକ୍ନୋଲୋଜି ଓ ସପ୍ଲାଇ ଚେନ୍ ପାର୍ଟନରଶିପ (ପିଏସିଟିଏସ୍) ଆରମ୍ଭ କରିବାକୁ ସମ୍ମତ ହୋଇଛନ୍ତି। ଏହି ସହଭାଗୀତା ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର, ସାଇବର ସୁରକ୍ଷା ଓ ଡିଜିଟାଲ ସ୍ଥିତିସ୍ଥାପକତା କ୍ଷେତ୍ରରେ ମିଳିତ ଗବେଷଣା ଏବଂ ପ୍ରଯୁକ୍ତି ସହଯୋଗକୁ ବଢ଼ାଯିବ।

## ବିକଶିତ ଭାରତ ଗଠନରେ ...

ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ ଦେଇ କହିଛନ୍ତି, ଆଜି ଆପଣମାନେ କେବଳ ଏକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପାଉନାହାନ୍ତି, ବରଂ ସମାଜ ପ୍ରତି ଏକ ବଡ଼ ଦାୟିତ୍ୱକୁ ନିଜ କାନ୍ଧକୁ ନେଉଛନ୍ତି। ବିଶ୍ୱରେ ସମସ୍ତ ସମସ୍ୟାର ସମାଧାନ କେବଳ ବିଜ୍ଞାନ ମାଧ୍ୟମରେ ହିଁ ସମ୍ଭବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ନାତକମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଆଜି ଉତ୍ତୀର୍ଣ୍ଣ ହେଉଥିବା ଯୁବପିଢ଼ି ବିଜ୍ଞାନ, ଗବେଷଣା ଏବଂ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ବିଶେଷ ଅବଦାନ ରଖୁଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଗତି ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ। ଆମର ଯୁବ ଗବେଷକ ଓ ସ୍ନାତକମାନେ କେବଳ ଡିଗ୍ରୀ ହାସଲ କରିନାହାନ୍ତି, ବରଂ ଦେଶର ବିକାଶ ଓ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ ଏକ ବଡ଼ ଦାୟିତ୍ୱ ହାତକୁ ନେଇଛନ୍ତି। ଆମର ଯୁବ ବୈଜ୍ଞାନିକମାନେ ସେମାନଙ୍କର ଜ୍ଞାନକୁ ସମାଜର ତୃଣମୂଳ ସ୍ତରର ସମସ୍ୟାର ସମାଧାନ ପାଇଁ ବିନିଯୋଗ କରିବା ଉଚିତ। ଅନୁଷ୍ଠାନର ଶିକ୍ଷାଦାନର ପଦ୍ଧତି ଓ ଗବେଷଣା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାର ପ୍ରଶଂସା କରିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାଇଜରକୁ ଏକ ଅନନ୍ୟ ଅନୁଷ୍ଠାନ ଭାବେ ବର୍ଣ୍ଣନା କରି କହିଛନ୍ତି, ଅତି କମ୍ ସମୟ ମଧ୍ୟରେ ଏହି କ୍ୟାମ୍ପସକୁ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଜି ଉପରାଷ୍ଟ୍ରପତି ସି ପି ରାଧାକ୍ରିଷ୍ଣନ ଗସ୍ତ କରିବା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷାରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି ପାଉଥିବା ବିଷୟରେ ସୂଚନା ଦେଇ ନାଇଜର ଭୁବନେଶ୍ୱରରେ ଏହି ହାର ୪୦ ପ୍ରତିଶତ ଛୁଇଁଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି।

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଦେଶର ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ପ୍ରମାଣପତ୍ର ଗ୍ରହଣ କରିବା ପ୍ରତ୍ୟେକ ସ୍ନାତକଙ୍କ ପାଇଁ ଏକ ଚିରସ୍ମରଣୀୟ ମୁହୂର୍ତ୍ତ। ଏହା କେବଳ ପ୍ରମାଣପତ୍ର ବାଣ୍ଟିବାର ଦିବସ ନୁହେଁ, ବରଂ ଏକ ଗୌରବମୟ ସେବା ଓ ପରମ୍ପରାକୁ ଆଗାମୀ ପିଢ଼ିର ହାତରେ ସମର୍ପଣ କରିବାର ଏକ ପବିତ୍ର ଅବସର। ଉତ୍ସବରେ ପରମାଣୁ ଶକ୍ତି ବିଭାଗର ସଚିବ ଡ. ଅଜିତ କୁମାର ମହାନ୍ତି, ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷ ଏବଂ ଅନୁଷ୍ଠାନର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

# କଳାକାର ସମ୍ବର୍ଦ୍ଧନା ଉତ୍ସବ



ବ୍ରହ୍ମପୁର, ୯।୭(ନିପ୍ର) କଳା ଓ କଳାକାର ପ୍ରତିଷ୍ଠାନ ତରଫରୁ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ସଭାପତି ଇ. ଅରୁଣ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ କଳାକାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ୨ ତାରିଖରେ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଶା ନାଟ୍ୟସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରା ଉତ୍ସବରେ ମଞ୍ଚସ୍ଥ ନାଟ୍ୟକାର ଲିଙ୍ଗରାଜ ନାହାକଙ୍କ ରଚିତ ଏବଂ ନାଟ୍ୟପ୍ରଦୀପ ମଦନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ବାଘ ଉଚ୍ଚପ୍ରଶଂସିତ ହୋଇଥିଲା । ଏଥିରେ ଅଭିନୟ କରିଥିବା କଳାକାର ମନୋଜ ଦଣ୍ଡପାଟ ଓ ଡ଼. ମିହିର ତ୍ରିପାଠୀଙ୍କ ସମେତ ଅନ୍ୟ କଳାକାରମାନଙ୍କୁ ସମ୍ମାନୀତ କରାଯାଇଥିଲା । ବ୍ରହ୍ମପୁର ପ୍ରେସ୍ କ୍ଲବ୍ ସଭାପତି ଅଶୋକ ବ୍ରହ୍ମା, ଓଡ଼ିଶା ନାଟ୍ୟସଂଘର (ଦକ୍ଷିଣାଞ୍ଚଳ) ଉପ ସଭାପତି ଭବାନୀ ଶଙ୍କର ମିଶ୍ର ଓ ବରିଷ୍ଠ ସାମ୍ବାଦିକ ସୁଦୀପ ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲା କଳାକାର ସଂଘର ସଭାପତି ସଙ୍କର୍ଷଣ ସାବତ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଏନ୍. ରାମବାବୁ, ସରୋଜ ପଣ୍ଡା ଓ ସୁଜ୍ଞାନୀ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ ।

# କିଆବାଡ଼ ନ ଦେବାରୁ ସାମାଜିକ ବାସନ୍ଦ
# ଉପଜିଲ୍ଲାପାଳଙ୍କୁ ପୀଡିତଙ୍କ ଗୁହାରି

ବ୍ରହ୍ମପୁର, ୯।୭(ନିପ୍ର) : କିଆବାଡ଼କୁ ଗାଁ ମନ୍ଦିର ଓ ଅନ୍ୟାନ୍ୟ ବିକାଶମୂଳକ କାମ ପାଇଁ ଦେବାକୁ ବାଧ କଲେ । ହେଲେ ନିର୍ଦ୍ଦେଶ ନ ମାନିବାରୁ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ବେଳେ ସେମାନେ ନ୍ୟାୟ ପାଇଁ ଏବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ରଙ୍ଗେଇଲୁଣ୍ଡା ବ୍ଲକ୍ ଲଉଡ଼ିଗାଁର ଏସ୍. କମଳା ଓ ଏସ୍ ଏରକାମାଙ୍କ ପରିବାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ଫେରାଦ୍ ହୋଇ ବାସନ୍ଦରୁ ମୁକ୍ତି ଦେବାକୁ ଆକୁଳ ନିବେଦନ କରିଛନ୍ତି । ସେମାନଙ୍କ ଅଭିଯୋଗ ପ୍ରକାରେ, କିଛି ବ୍ୟକ୍ତି ବାପାଙ୍କ ୫ ଏକର କିଆବାଡ଼କୁ ତାଙ୍କ ଭାଗରେ ଥିବା କିଆବାଡ଼କୁ ଗ୍ରାମର ମନ୍ଦିର ଓ ଅନ୍ୟାନ୍ୟ ବିକାଶ ପାଇଁ ଦେବାକୁ ବାଧ କରୁଛନ୍ତି । ସେମାନେ ଏହାକୁ ବିରୋଧ କରିବାରୁ ପୂର୍ବରୁ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା । ୨୦୨୪ରେ ଏହାକୁ ନେଇ ଉଭୟ ପରିବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ପରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ତାଙ୍କ ଉପରୁ ସାମାଜିକ ବାସନ୍ଦ ଉଠିଥିଲା । ଏବେ ପୁଣି ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଛନ୍ତି । ଫଳରେ ସେମାନେ ଦୁର୍ଦ୍ଦିନ ସ୍ଥିତିରେ ଦିନ କାଟୁଛନ୍ତି । ଖାଦ୍ୟ ସାମଗ୍ରୀ ପାଇଁ ପ୍ରାୟ ୫ ରୁ ୭ କିଲୋମିଟର ଦୂରକୁ ଯିବାକୁ ପଡୁଛି । ଗ୍ରାମର ଅଟୋଚାଳକମାନେ ତାଙ୍କୁ ନେବାକୁ ମନା କରୁଛନ୍ତି । ଗତ ମାସ ୨୪ ତାରିଖରେ ତାଙ୍କ ଜମିରୁ ଜଣେ ବ୍ୟକ୍ତି କିଆ ଫୁଲ ସଂଗ୍ରହ କରୁଥିବା ବେଳେ ଏରକାମା ବିରୋଧ କରିବାକୁ ତାଙ୍କୁ ମାରପିଟ କରିଥିଲେ । ଗତ ମାସ ୨୬ ତାରିଖରେ ଏନେଇ ସେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା ।

# ଶିମିଳିପାଳ ସୁରକ୍ଷା, ରୋଜଗାର ଇତ୍ୟାଦି ଦାବିରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା

ରାଇରଙ୍ଗପୁର,୯।୭(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟରତ ଅଗ୍ରଣୀ ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଶିମିଳିପାଳର ସୁରକ୍ଷା, ବେକାରଙ୍କୁ ରୋଜଗାର, ଦାଦନ ସମସ୍ୟା ଦୂର ଆଦି ଦାବିରେ ଜୁନ ୧୨ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଚାଲିଛି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଖିଚିଂ ସ୍ଥିତ ମା କିଚକେଶ୍ୱରୀଙ୍କ ପୀଠରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଜୁଲାଇ ୮ରେ ରାଇରଙ୍ଗପୁର ମ୍ୟୁନିସିପାଲ୍ଟି ବଜାରରେ ଆୟୋଜିତ ହୋଇଥିଲା। ଭଞ୍ଜସେନାର ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁଙ୍କ



ନେତୃତ୍ୱରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରାରେ ଦାଦନ ହଟିବ ମୟୂରଭଞ୍ଜ ହସିବ ସ୍ଲୋଗାନ ଦିଆଯାଇଥିଲା। ଏଥିରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଇଂ ରମଜାନ୍ ବେଗ, ଗୋବିନ୍ଦ ମୁର୍ମୁ, ଶ୍ରୀରାମ ମୁର୍ମୁ, ସାର୍ଖୁ ମୁର୍ମୁ, କୁଆଁର ମୁର୍ମୁ, ସିପଲ୍ ହାଁସଦା, ରାମ ମୁର୍ମୁ, ସାଇବା ହାଁସଦା, ଡୁମୁକା ମୁର୍ମୁ, ସାଉଁନା ବାସ୍କେ, ବୁଧୁରାମ ହେମ୍ବ୍ରମ, ସାଗୁନ ବାସ୍କେ, ନାରାୟଣ ସୋରେନ, ମଧୁସୁଦନ ହେମ୍ବ୍ରମ, ଚନ୍ଦନ ବାସ୍କେ, ରାଜା ହାଁସଦା, ସଞ୍ଜୟ ମାଝୀ, ଗୋବିନ୍ଦ ସୋରେନ ପ୍ରମୁଖଙ୍କ ସହିତ ଶତାଧିକ ଯୁବ ଛାତ୍ର ସାମିଲ ହୋଇଥିଲେ।

# ପ୍ରଫେସର ଡ.ଅମରେନ୍ଦ୍ର କୁମାର ପଟ୍ଟନାୟକଙ୍କ ଗଣିତରେ ପିଏଚ୍‌ଡି ଲାଭ

କପ୍ତିପଦା,୯।୭ (ନିପ୍ର): ସ୍ଥାନୀୟ ନୂଆସାହି କଲେଜର ଗଣିତ ବିଭାଗର ଅଧ୍ୟାପକ ପ୍ରଫେସର ଡ. ଅମରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଇନ୍ଦୋରସ୍ଥିତ ଡ. ଏପିଜେ ଅବଦୁଲ କଲାମ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଣିତରେ ସମ୍ମାନଜନକ ପିଏଚ୍‌ଡି ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତା ଶିକ୍ଷା ଜଗତ ଓ ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ସୃଷ୍ଟି କରିଛି। ଡ. ପଟ୍ଟନାୟକ ବିନିମୟଶୀଳ ରିଙ୍ଗ ଉପରେ ସଂଜ୍ଞାପିତ କ୍ଲାସିକାଲ୍ ଗ୍ରୁପ୍‌ମାନଙ୍କର ନିଲପୋଟେଣ୍ଟ ଉପଗ୍ରୁପଗୁଡ଼ିକ ଶୀର୍ଷକ ବିଷୟରେ ଗବେଷଣା କରି ପିଏଚ୍‌ଡି ପାଇଛନ୍ତି। ସେ ସ୍ୱାମୀ ବିବେକାନନ୍ଦ ପିଜି କଲେଜ, ନରସିଂହପୁରର ପ୍ରଫେସର ଡ. ଅନିମେଶ କୁମାର ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ ଭାଭା



ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଶ୍ୟାମ ପାଟକରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସା ଲାଭ କରିଛି। ଡ. ପଟ୍ଟନାୟକ ନିଜ ସଫଳତାର ଶ୍ରେୟ ଭଗବାନ ଶ୍ରୀଗୋପାଳଜୀଙ୍କ ସମେତ ପିତା ପୀତାମ୍ବର ପଟ୍ଟନାୟକ, ମାତା କୁମୁଦିନୀ ପଟ୍ଟନାୟକ ଓ ଏବଂ ସମଗ୍ର ପରିବାରକୁ ଅର୍ପଣ କରିଛନ୍ତି। ସଫଳତା ପାଇଁ ଡ. ପଟ୍ଟନାୟକଙ୍କୁ ଆଇଟିଏସ୍ ଚେୟାରମ୍ୟାନ୍ ତପନ ବିହାରୀ ଭଞ୍ଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସ୍ପେସ୍ କିଡ୍‌ସ ଇଣ୍ଡିଆର ଜାତୀୟ କର୍ମଶାଳା ପାଇଁ ସ୍ୱାଗତିକା ସାମନ୍ତରାୟ ମନୋନୀତ

ଭୁବନେଶ୍ୱର,୯।୭(ନିପ୍ର): **କ୍ୟାପିଟାଲ ହାଇସ୍କୁଲର** ପୁରାତନ ଛାତ୍ରୀ ସୁଶ୍ରୀ ସ୍ୱାଗତିକା ସାମନ୍ତରାୟ ସ୍ପେସ୍ କିଡ୍ସ ଇଣ୍ଡିଆ ପକ୍ଷରୁ ଅଗଷ୍ଟ ୨୨ ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେଉଥିବା ଜାତୀୟ କର୍ମଶାଳାରେ ଯୋଗ ଦେବାପାଇଁ ଯୋଗ୍ୟତା ଭିତ୍ତିରେ ମନୋନୀତ ହୋଇଛନ୍ତି। ସ୍ପେସ୍ କିଡ୍ସ ଇଣ୍ଡିଆ ହେଉଛି ଏକ ଭାରତୀୟ ଏରୋସ୍ପେସ୍ ଷ୍ଟାର୍ଟଅପ୍ ଏବଂ ବିଶ୍ୱର ପ୍ରମୁଖ ମହାକାଶ ଶିକ୍ଷା ସଂଗଠନ ମଧ୍ୟରୁ ଗୋଟିଏ। ଯାହା ଡ. କେସନଙ୍କ ଦ୍ୱାରା ପ୍ରତିଷ୍ଠିତ। କଲାମସାଟ୍ ଏବଂ ଆଜାଦିସାଟ୍ ସମେତ ୨୭ଟି ସଫଳ ମହାକାଶ ମିଶନ ସହିତ, ହସ୍ତ–ଅନ୍ ମହାକାଶ ଶିକ୍ଷା ଏବଂ ଅନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିଛି। ମିସନ୍



ଶକ୍ତିସାଟ୍ ହେଉଛି ସଂଗଠନର ପ୍ରମୁଖ ବିଶ୍ୱସ୍ତରୀୟ ପଦକ୍ଷେପ, ଯାହା ୧୦୦ ରୁ ଅଧିକ ଦେଶର ଛାତ୍ରୀ ଏବଂ ମହିଳା ନେତୃବୃନ୍ଦଙ୍କୁ ଏକତ୍ର କରି ଏକ ଚନ୍ଦ୍ର ଉପଗ୍ରହ ନିର୍ମାଣ କରିବା ସହିତ ପରବର୍ତ୍ତୀ ପିଢ଼ିର ମହିଳାମାନଙ୍କୁ ଗଭୀର ପ୍ରଯୁକ୍ତିବିଦ୍ୟାରେ ପ୍ରେରଣା ପ୍ରଦାନ କରେ। ଜୁଲାଇ ୮ରେ ବିଦ୍ୟାଳୟ ସଭାଗୃହରେ ପୁରାତନ ଛାତ୍ର ସଂଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ୧୯୮୩ ମସିହା ଛାତ୍ର ସଂଗଠନ ପକ୍ଷରୁ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ର ଶିବପଦ ସ୍ୱାଇଁ ଏବର୍ଷର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ୧୯୫୮ର ଛାତ୍ର ତଥା ଅବସରପ୍ରାପ୍ତ ଆଇଏଏସ୍ ପ୍ରସନ୍ନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପିଲାଦିନର ଅନୁଭୂତି ବାଣ୍ଟିଥିଲେ। ସଭାରେ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସହକର୍ମୀ, ପୁରାତନ ଛାତ୍ର ସଂସଦର ସମ୍ପାଦକ ପୁଲିନ କୁମାର ସାହୁ, ଯୁଗ୍ମ ସମ୍ପାଦକ ମୃଗାଙ୍କ ଶେଖର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଭିପି ଗୁଣପୁର ଶାଖାର ପ୍ରତିଷ୍ଠା ଦିବସ ଓ ବୃକ୍ଷ ରୋପଣ

ଗୁଣପୁର,୯।୭(ନିପ୍ର): ୧୯୪୯ ଜୁଲାଇ ୯ରେ ପ୍ରତିଷ୍ଠିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ସାରା ଦେଶରେ ୭୮ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଗୁଣପୁର ଶାଖାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ସ୍ଥାନୀୟ ବଂଶଧର କଲେଜରେ ନଗର ସଭାପତି ଲକ୍ଷ୍ମୀ ମହାନ୍ତୁଡ଼ ଓ ସମ୍ପାଦକ ଆଦିତ୍ୟ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପରିଷଦର ପତାକା ଉତ୍ତୋଳନ କରାଯାଇଛି। ବିଭାଗ ପ୍ରମୁଖ ଅଧ୍ୟାପକ ଉମା ଶଙ୍କର ଦାଶ ମାର୍ଗଦର୍ଶନ କରିଥିଲେ। ଶତାଧିକ ବିଦ୍ୟାର୍ଥୀ ରୋଜଗାର, ଶିକ୍ଷା ନିମନ୍ତେ ରାଜ୍ୟ ବଜେଟରେ ୧୦ ପ୍ରତିଶତ ଅର୍ଥ ବରାଦ, ଖୁନ୍ ଭି ଦେଙ୍ଗେ ଯାନ ଭି ଦେଙ୍ଗେ, ଦେଶ କି ମିଟି କଭି ନା ଦେଙ୍ଗେ ଆଦି ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ଜିଲ୍ଲା ସଂଯୋଜକ ବି ସତୀଶ କୁମାର, ଏସ ଶିବାଜୀ,




ଅଧ୍ୟାପକ ପୂଣ୍ୟ ଶ୍ଳୋକ ସାହୁ, କାରଣ ଗୁରୁଜୀ, ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ସଞ୍ଚାଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ କଲେଜ ପରିସର ଓ ଆମରୁ ନଗର ଠାରେ ନିମ, ବଉଳ, ଅଁଳା ଓ ବାଦାମ ଭଳି ବୃକ୍ଷରୋପଣ କରାଯାଇଥିଲା ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଶୁଭାରମ୍ଭ



କୋରାପୁଟ,୯।୭(କାଳି ପ୍ରସାଦ ପଣ୍ଡା): ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କୁ ସୁରକ୍ଷା କବଚ ପ୍ରଦାନ ଲକ୍ଷ୍ୟରେ କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଶୁଭାରମ୍ଭ ହୋଇଛି। ଜୟପୁରସ୍ଥିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବୈଠକରେ ଜିଲ୍ଲାର ସର୍ବାଧିକ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବା ସହ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମରେ ସଚେତନତା ସୃଷ୍ଟି ପାଇଁ ବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି। ଫସଲ ବୀମା ଜିଲ୍ଲା କୋର୍ଡିନେଟର ଦିବାକର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ବଢ଼ୁଥିବା ବେଳେ ଚାଷୀଙ୍କ ଆର୍ଥିକ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯୋଗ୍ୟ ଜଣେ ବି ଚାଷୀ ଯେପରି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ଫସଲ ବୀମା ଯୋଜନାର ବ୍ୟାପକ ପ୍ରଚାର, ସମୟସୀମା ମଧ୍ୟରେ ଚାଷୀଙ୍କ ପଞ୍ଜୀକରଣ, ଗ୍ରାମସ୍ତରରେ ସଚେତନତା ଶିବିର ଆୟୋଜନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ଚାଷୀମାନେ କିପରି ସହଜରେ ବୀମା ସୁବିଧା ପାଇପାରିବେ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଯୋଜନାର ସଫଳ ରୂପାୟନ ପାଇଁ ପ୍ରତ୍ୟେକ ବ୍ଲକରେ ସ୍ୱତନ୍ତ୍ର ସଚେତନତା ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକର ବ୍ଲକ କୋର୍ଡିନେଟରମାନେ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ।

# ଆଶାକର୍ମୀ ସଂଘର ବିଶାଳ ରାଲି ଓ ଦାବିପତ୍ର ପ୍ରଦାନ

କୋରାପୁଟ,୯।୭(ନିପ୍ର): କୋରାପୁଟ ଜିଲ୍ଲା ସଦର ମହକୁମାରେ ୯ ଦଫା ଦାବିକୁ ନେଇ ଆଶାକର୍ମୀଙ୍କ ବିଶାଳ ରାଲି ସମାବେଶ ଦେଖିବାକୁ ମିଳିଛି। ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ କୋରାପୁଟ ଜିଲ୍ଲା ଶାଖାର ହଜାର ହଜାର ଆଶାକର୍ମୀ ମାନେ ଶୋଭାଯାତ୍ରା କରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ସମବେତ ହୋଇଥିଲେ। ଦାବିପତ୍ରରେ ଉଲ୍ଲେଖ ଥିବା ଦାବି ସଂପର୍କରେ ଆଲୋକପାତ କରାଯାଇଥିଲା।ଏହାପରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ



କରିଥିଲେ।ଆଶା କର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା,ସରକାରୀ ମାନ୍ୟତା ପର୍ଯ୍ୟନ୍ତ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରିବା, ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା, ଅବସରକାଳୀନ ସହାୟତା ରାଶି ଏକକାଳୀନ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା ସହ ମାସିକ ଭତ୍ତା ୫ ହଜାର ଟଙ୍କା ପ୍ରଦାନ କରିବା, ଅଙ୍ଗନୱାଡ଼ି କେନ୍ଦ୍ରକୁ ଲାଗି ଆଶାକେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାଗୃହ ନିର୍ମାଣ କରିବା,୫ଜି ମୋବାଇଲ ପ୍ରଦାନ ପ୍ରମୁଖ ଦାବି ରହିଥିବା ଅଖିଳ ଭାରତୀୟ ଆଶାକର୍ମୀ ମହାସଂଘର ସଭାନେତ୍ରୀ ଝିମୀମା ଖରା କହିଛନ୍ତି।ଯଦି ସରକାର ଦାବିପୂରଣ ନ କରନ୍ତି ତେବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି।ବିଏମଏସର ଜିଲ୍ଲା ସଭାପତି ବିରଞ୍ଚି ନାରାୟଣ ଷଡଙ୍ଗୀଙ୍କ ନେତୃତ୍ୱରେ ରାଲି ଆୟୋଜନ କରାଯାଇଥିଲା

# ହିଣ୍ଡାଲକୋ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ

ହୀରାକୁଦ,୯।୭(ନିପ୍ର): ପରିବେଶ ସୁରକ୍ଷା, ସବୁଜାୟନ ଓ ସ୍ଥାୟୀ ବିକାଶକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ହୀରାକୁଦ ପାୱାର ଏବଂ ସ୍ମେଲ୍ଟର ୟୁନିଟ୍ ପକ୍ଷରୁ ବନ ମହୋତ୍ସବ– ଅବସରରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସବୁଜ ଓ ସ୍ୱଚ୍ଛ ପରିବେଶ ଗଠନ ପାଇଁ ଅଙ୍ଗୀକାରକୁ ଦୋହରାଇ ଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ୟୁନିଟ୍ ହେଡ୍ ସୁମିତ ମୁଖାର୍ଜୀ କରିଥିଲେ। ଏହି ଅବସରରେ ପ୍ଲାଣ୍ଟ ହେଡ୍ (ସ୍ମେଲ୍ଟର) ପ୍ରତାପ ସାହୁ, ପ୍ଲାଣ୍ଟ ହେଡ୍ (ପାୱାର) ଅରୁଣ କୁମାର ସିଂହ, ପ୍ରେସିଡେଣ୍ଟ (ଏଚ୍‌ଆର




କର୍ପୋରେଟ୍) ସଞ୍ଜୟ ଶିବନାନୀ, ମୁଖ୍ୟ– (ପରିବେଶ) ରଞ୍ଜନ ଜେନା, ମୁଖ୍ୟ –(ଟ୍ରାନ୍ସଫର୍ମେସନ) ଅଂଶୁବାବୁ, ସୁକାନ୍ତ ମହାପାତ୍ର, ମୁଖ୍ୟ– (ସିଏସଆର) ଆନନ୍ଦ ଚକ୍ରବର୍ତ୍ତୀ, ଦୀପ୍ତି ସାହୁ, ପ୍ରିୟଙ୍କା ପାଲୌର ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ, ଆଶ୍ ମ୍ୟାନେଜମେଣ୍ଟ, ଅପରେସନ୍ସ, ଏଚ୍‌ଆର, ପର୍ଚେଜ୍, ଆକାଉଣ୍ଟସ, ଆଇଟି, ସିଏସଆର ଆଦି ବିଭାଗର କର୍ମଚାରୀମାନେ ବୃକ୍ଷରୋପଣରେ ଭାଗ ନେଇଥିଲେ । ଏହି ଅଭିଯାନ ହିଣ୍ଡାଲକୋର ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା, ପରିଚର୍ଯ୍ୟା ସହ ଏକ ସବୁଜ, ସ୍ୱଚ୍ଛ ଓ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ।

# ରଥ ନିର୍ମାଣ କାର୍ଯ୍ୟର ତଦାରଖ କଲେ ଜୟପୁର ବିଧାୟକ

ଜୟପୁର, ୯/୭(ନି ପ୍ର): ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା (ରଥଯାତ୍ରା) ପାଇଁ ପ୍ରସ୍ତୁତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପରିଦର୍ଶନ କରି ତଦାରଖ ଓ ସମୀକ୍ଷା କରିଛନ୍ତି। ରଥଖଳାରେ ପହଞ୍ଚି ବିଧାୟକ ରଥ ନିର୍ମାଣ କାର୍ଯ୍ୟର ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ଯେପରି ସୁଚାରୁରୂପେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ ହେବ, ସେନେଇ ସମ୍ପୃକ୍ତ ଅଧିକାରୀ ଓ ଦାୟିତ୍ୱପ୍ରାପ୍ତ ବ୍ୟକ୍ତି ଏବଂ ମହାରଣାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜୟପୁର ତହସିଲଦାର ତଥା ଦେବୋତ୍ତର ବିଭାଗର



କାର୍ଯ୍ୟନିର୍ବାହୀ ଅଧିକାରୀ ସବ୍ୟସାଚୀ ଜେନା, ଦେବୋତ୍ତର କମିଟିର ସଭାପତି ଦେବେନ୍ଦ୍ର ବାହିନୀପତିଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ରହି ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅବଲୋକନ କରିଥିଲେ। ରଥଯାତ୍ରା ସୁଚାରୁ ଓ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ସମସ୍ତଙ୍କ ସମନ୍ୱୟରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା।

# ଜୋର ଧରିଲା ଜିଲ୍ଲା ଦାବି, ମନ୍ତ୍ରୀଙ୍କୁ ଭେଟିଲେ ଆନ୍ଦୋଳନକାରୀ

ରାଇରଙ୍ଗପୁର,୯।୭(ନିପ୍ର): ଓଡ଼ିଶାର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜର ଦୁଇ ଉପଖଣ୍ଡ ବାମନଘାଟୀ ଓ ପାଞ୍ଚପିଡ଼କୁ ନେଇ ଏକ ଜିଲ୍ଲା ଗଠନ ପାଇଁ ଦାବି ଜୋରଦାର ହୋଇଛି। ବିଭିନ୍ନ ସମୟରେ ରାଜନୈତିକ ଦଳର ନେତା, ସମାଜସେବୀ, ସାମ୍ବାଦିକ, ଆଇନଜୀବୀ ଓ ବୁଦ୍ଧିଜୀବୀଗଣ ଏକତ୍ରିତ ହୋଇ ନୂତନ ଜିଲ୍ଲା ଗଠନ ଦାବି କରିଆସୁଛନ୍ତି। ସଂପ୍ରତି ନୂତନ ଜିଲ୍ଲା ଗଠନ ପାଇଁ ଅଣ୍ଟା ଭିଡ଼ିଛି ବିଜାତଳା ବ୍ଲକର ଅଗ୍ରଣୀ ଅନୁଷ୍ଠାନ ରାମଦୋଳି ୟୁଥ ପାୱାର ଆସୋସିଏସନ। ଏହାର ସଦସ୍ୟଗଣ



ଜୁନ ୨୮ରେ ତିରିଂରୁ ପଦଯାତ୍ରା ଆରମ୍ଭ କରି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେଠାରେ ଯଶିପୁର ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ଭେଟି ବାମନଘାଟି ଏବଂ ପାଞ୍ଚପୀଢ଼କୁ ନେଇ ନୂତନ ଜିଲ୍ଲା ଗଠନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଶୁକ୍ରବାର ଦିନ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବେ ବୋଲି ସଂଘର ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡା ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ବନମହୋତ୍ସବ ପାଳନ

**ରାୟଗଡ଼ା**:୯/୭(ନି.ପ୍ର): ରାୟଗଡା ବନଖଣ୍ଡ ଅନ୍ତର୍ଗତ ରାୟଗଡା ବନାଞ୍ଚଳ ର ଅଡୁଗୁଡା ଗ୍ରାମ ନିକଟସ୍ଥ ସହରାଞ୍ଚଳ ବନୀକରଣ ପରିସରରେ ଜିଲ୍ଲା ସ୍ତରୀୟ ୭୭ ତମ ବନମହୋତ୍ସବ ସପ୍ତାହ ପାଳନ ଉଦ୍ଦେଶ୍ୟରେ ମାଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଦାମଦର ରଥ ,ଜିଲ୍ଲା ମାଜିଷ୍ଟ୍ରେଟ , ରାୟଗଡା ଯୋଗଦାନ କରି ନିଜ ମାଁ ଙ୍କ ନାମ ରେ ଏକ ଗଛ ଟିଏ ରୋପଣ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥି ଭାବେ ଶ୍ରୀ ସଂଜିତ କୁମାର ବେହେରା ସ୍ୱତନ୍ତ୍ର ଜର୍ଜ,ଅଜ୍ଞନା ସ୍ୱାଇଁ ଅତିରିକ୍ତ ଜିଲ୍ଲା ଜର୍ଜ, ଅର୍ପଣା ମହାପାତ୍ର ମୁଖ୍ୟ ବିଚାରପତି ,ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଡିଏଲ୍‌ଏସଏ ସମ୍ପାଦକ, ଶ୍ରୀମତୀ ସସ୍ମିତା ମିଶ୍ର ସିଭିଲ ଜର୍ଜ, ଶ୍ରୀ ଆଶିଷ ପଟ୍ଟନାୟକ ସିଭିଲ ଜର୍ଜ,



ଶ୍ରୀମତୀ ସୁଦେସନା ପଟ୍ଟନାୟକ ଏସଡିଜେଏମ୍ ରାୟଗଡା, ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ଜେଏମ୍‌ଏଫ୍‌ସି କୋଲନରା, ଶ୍ରୀ ରଣା ଘୋଷ ରେଜିଷ୍ଟ୍ରର ସିଭିଲ ଜର୍ଜ,ରାୟଗଡ଼ା , ସାଲିମ କୁମାର ଏସ , ଉପ କମାଣ୍ଡଣ୍ଟ, ସିଆରପିଏଫ୍ ସହ ସେଞ୍ଚୁରିଆନ ପବ୍ଲିକ ସ୍କୁଲ ର ଶିକ୍ଷକ ଶ୍ରୀ ନୀଳାଞ୍ଚଳ ପାଳ , ଛାତ୍ରଛାତ୍ରୀ, ଅଡୁଗୁଡ଼ା ଗ୍ରାମର ଗ୍ରାମବାସୀ ଏବଂ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ସମସ୍ତେ ନିଜ ମାଙ୍କ ନାମରେ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ। ପରିଶେଷରେ ଶ୍ରୀ ସଚିନ ଆନ୍ନା ସାହେବ ଓହୋଲ ବନଖଣ୍ଡ ଅଧିକାରୀ ରାୟଗଡା ଉପସ୍ଥିତ ଗଣ ମାଧ୍ୟମ ପ୍ରତିନିଧିଙ୍କ ମଧ୍ୟମରେ ରାୟଗଡା ଜନସାଧାରଣଙ୍କୁ ଚଳିତ ବର୍ଷ ବନବିଭାଗର ବିଭିନ୍ନ ନର୍ସରୀ ଗୁଡ଼ିକରୁ ଚାରା ପିଛା ୧ ଟଙ୍କା ମୂଲ୍ୟରେ ନେଇ ନିଜ ବାଡ଼ି ବଗିଚାରେ ରୋପଣ କରି ପରିବେଶକୁ ସବୁଜ ଓ ସୁନ୍ଦର କରିବାକୁ ଅନୁରୋଧ କରିଥିଲେ। ଏହି ପରିପେକ୍ଷୀରେ ଶ୍ରୀ ସନ୍ଦୀପ କୁମାର ପୃଷ୍ଟି ସହକାରୀ ବନସଂରକ୍ଷକ ରାୟଗଡା ଓ ଶ୍ରୀ ସଚ୍ଚିଦାନନ୍ଦ ସେଠୀ ସହକାରୀ ବନସଂରକ୍ଷକ ରାୟଗଡା ଚଳିତ ବର୍ଷ ରେ ରାୟଗଡା ବନଖଣ୍ଡରେ ହେବାକୁ ଥିବା ବନୀକରଣ ବିଷୟରେ ବିସ୍ତୃତ ଭାବେ ବିବରଣୀ ଦେଇଥିଲେ।ଏହି କାର୍ଯ୍ୟକ୍ରମ ଟିକୁ ଶ୍ରୀ ଅନିଲ କୁମାର ପାଣିଗ୍ରାହୀ ବନାଞ୍ଚଳ ଅଧିକାରୀ ରାୟଗଡା ସୂଚାରୁ ରୂପେ ପରିଚାଳନା କରିଥିଲେ।

## ଲେଡୀସ କ୍ଲବ ପକ୍ଷରୁ

(ନିପ୍ର) ଲେଡୀସ କ୍ଲବ, ରାୟଗଡା ପକ୍ଷରୁ ବନମହୋତ୍ସବ ପାଳନ ଅବସରରେ ପ୍ରେମ ପାହାଡ଼ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହିଳା କ୍ଲବ ର ସଦସ୍ୟା ମାନେ ଏହିଭଳି ପରିବେଶ ସୁରକ୍ଷା, ସାମାଜିକ ଓ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଧାରା ବାହିକ ଭାବେ କରି ଆସୁଛନ୍ତି । ଜଳବାୟୁ କୁ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷ ରୋପଣ ଏବଂ ତାହାର ଯତ୍ନ ହିଁ ଏକ ମାତ୍ର



ଭରସା। ଏଣୁ ଏଭଳି ଏକ ବାର୍ତ୍ତା ଦେବା ସହ ପରିବେଶକୁ ସୁରକ୍ଷିତ ରଖିବା ଥିଲା କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ।କ୍ଲବର ସଭାପତି ଶ୍ରୀମତୀ କସ୍ତୁରୀ ସାହୁ ଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ସର୍ବୋପରି କ୍ଲବ ର ବରିଷ୍ଠ ତଥା ଉପଦେଷ୍ଟା ଶ୍ରୀମତୀ ଅଳକା ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସମ୍ପାଦିକା ଶ୍ରୀମତୀ ଜ୍ୟୋତିପ୍ରଭା ମହାପାତ୍ର, କୋଷାଧ୍ୟକ୍ଷା ଶ୍ରୀମତୀ ବୁରୁଡି ଲକ୍ଷ୍ମୀ ତଥା କ୍ଲବର ସମସ୍ତ ସଦସ୍ୟାମାନେ ବର୍ଷା ହେବା ସତ୍ତ୍ୱେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହାଇୱା ଚାଳକଙ୍କ ମୃତ୍ୟୁ

କୋଇଡ଼ା:, ୦୯।୭(ନିପ୍ର) ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ଅନ୍ତର୍ଗତ କାଶୀରା ସେଗାସାଇ ବାଇପାସ ନିକଟରେ ଆଜି ଏକ ଅଭାବନୀୟ ସଡ଼କ ଦୁର୍ଘଟଣାରେ ଜଣେ ହାଇୱା ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଜଣାପଡ଼ି ନଥିବା ବେଳେ ସେ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ସୂଚନା ମିଳିଛି ଏବଂ ତାଙ୍କ ଗାଡ଼ି ନମ୍ବର ୦୯.୧୯୨୭ ବୋଲି ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଉକ୍ତ ଚାଳକ ଜଣକ ରୋଡ୍? କଡ଼ରେ ପାର୍କିଂ ହୋଇଥିବା ନିଜ ହାଇୱାର ଖୋଲା ଗେଟ୍ ନିକଟରେ ବସି ପାଣି ପିଉଥିବା ସମୟରେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା ଏବଂ ସେ ଉପରୁ ସିଧା ରାସ୍ତାକୁ ପଡ଼ିଯାଇଥିଲେ। ଠିକ୍ ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଲାଇନ୍ ଟ୍ରକ ୧୩/୮୭୨୭) ତାଙ୍କ ଉପରେ ଚଢ଼ିଯିବାରୁ ଚାଳକ ଜଣକ ଚକା ତଳେ ଚାପି ହୋଇ ପ୍ରାଣ ହରାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଅନ୍ୟ ଟ୍ରକ ଚାଳକମାନେ ସେଗାସାଇ ସ୍ଥିତ ଖଣିର ସେକ୍ୟୁରିଟି ଗାର୍ଡମାନଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଚାଳକମାନଙ୍କ ଅଭିଯୋଗ ଅନୁସାରେ, ଖଣିର ସୁରକ୍ଷା କର୍ମୀମାନେ କେବଳ ଲାଞ୍ଚ ବା ଟଙ୍କା ଦେଉଥିବା ଗାଡ଼ିଗୁଡ଼ିକୁ ଖଣି ଭିତରକୁ ଯିବା ପାଇଁ ଅନୁମତି ଦେଉଛନ୍ତି, ଯାହାଫଳରେ ରାସ୍ତାରେ ଟ୍ରକଗୁଡ଼ିକର ଏକ ମାଇଲ୍ ଲମ୍ବା ଲାଇନ ଲାଗି ରହୁଛି। ଏହି ଦୀର୍ଘ ପ୍ରତୀକ୍ଷା ଯୋଗୁଁ ଚାଳକମାନଙ୍କୁ ସେଠାରେ ଦୀର୍ଘ ସମୟ ଧରି ଖାଇବା କିମ୍ବା ପାଣି ମଧ୍ୟ ମିଳୁନାହିଁ ଏବଂ ଭୋକଶୋଷରେ ସଂଜ୍ଞାହୀନ ହୋଇ ସେହି ଚାଳକ ଜଣକ ଗାଡ଼ିରୁ ଖସିପଡ଼ିଥିଲେ ବୋଲି ଅନ୍ୟ ଚାଳକମାନେ ଦାବି କରିଛନ୍ତି।

# ସେଞ୍ଚୁରିଅନ ପବ୍ଲିକ ସ୍କୁଲରେ ନବାଗତଙ୍କ ପରିଚୟ କାର୍ଯ୍ୟକ୍ରମ

ରାୟଗଡ଼ା, ୯।୭(ନିପ୍ର): ସ୍ଥାନୀୟ ସେଞ୍ଚୁରିଅନ ପବ୍ଲିକ ସ୍କୁଲ ପକ୍ଷରୁ ବୁଧବାର ଏକାଦଶ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଭବ୍ୟ ପରିଚୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାୟ ୧୩୦ ଜଣ ନବାଗତ ଛାତ୍ରଛାତ୍ରୀ ସେମାନଙ୍କର ଅଭିଭାବକ ଓ ପରିବାର ସଦସ୍ୟଙ୍କ ସହ କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ଶିକ୍ଷା ଜୀବନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ଉଦ୍‌ବୋଧନ ଦେଇ କହିଲେ, ଶୃଙ୍ଖଳା, ନୈତିକତା, ସମୟାନୁବର୍ତ୍ତିତା ଓ ନିରନ୍ତର ପରିଶ୍ରମ ହେଉଛି ସଫଳତାର ମୂଳମନ୍ତ୍ର। କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ, ଏହାର ସକାରାତ୍ମକ ବ୍ୟବହାର ଏବଂ



ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତାଭିତ୍ତିକ କ୍ୟାରିଅର ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ଆକର୍ଷଣ ଥିଲା ସେଞ୍ଚୁରିଅନ ସ୍କୁଲ ମୋବାଇଲ୍ ଆପ୍‌ର ଉପସ୍ଥାପନା। ଏହି ଆପ୍ ମାଧ୍ୟମରେ ଅଭିଭାବକମାନେ ଘରେ ବସି ନିଜ ସନ୍ତାନଙ୍କର ଦୈନିକ ଉପସ୍ଥାନ, ଶ୍ରେଣୀକାର୍ଯ୍ୟ, ପରୀକ୍ଷା ସୂଚନା, ଫଳାଫଳ, ବିଜ୍ଞପ୍ତି ଏବଂ ବିଦ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ସହଜରେ ପାଇପାରିବେ। ବିଦ୍ୟାଳୟର ସବୁଜ ସୁନ୍ଦର, ପ୍ରଦୂଷଣମୁକ୍ତ ଓ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ କ୍ୟାମ୍ପସ, ବିଶାଳ ଖେଳ ପଡ଼ିଆ, ସ୍ମାର୍ଟ ଶ୍ରେଣୀଗୃହ, ଶିକ୍ଷା ଓ ସୁରକ୍ଷା ବ୍ୟବସ୍ଥାକୁ ଅଭିଭାବକମାନେ ପ୍ରଶଂସା କରିଥିଲେ। ପ୍ରିନ୍ସପାଲ ରାଧାକୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସିମରନ ନାୟକ, ଐଶ୍ୱର୍ଯ୍ୟା ପଟ୍ଟନାୟକ ଓ ନିହାରିକା ପାତ୍ର ପରିଚାଳନା କରିଥିଲେ।

# କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର, ତଦନ୍ତ ଆରମ୍ଭ

ଲକ୍ଷ୍ମୀପୁର, ୦୯/୦୭ (ନି.ପ୍ର.): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସଦର ମହକୁମା ଢେପାଗୁଡ଼ା ଗ୍ରାମ ନିକଟସ୍ଥ ଏକ କେନାଲରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ଜଣକ ହେଲେ ଢେପାଗୁଡ଼ା ଗ୍ରାମର ଦୟା ହୁଇକାଙ୍କ ସ୍ତ୍ରୀ ଚିନାମା ହୁଇକା (୪୫)। ସକାଳେ ଗ୍ରାମର ଲଚନ ମାଣ୍ଡିଙ୍ଗା କେନାଲରେ ମୃତଦେହ ଭାସୁଥିବା ଦେଖି ଅନ୍ୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା। ଗ୍ରାମବାସୀଙ୍କ ସହଯୋଗରେ ମୃତଦେହକୁ କେନାଲରୁ ଉଦ୍ଧାର କରାଯାଇଥିଲା। ମୃତକଙ୍କ ଝିଅଙ୍କ କହିବାନୁସାରେ, ଚିନାମା ସକାଳେ ବଜାରକୁ ଯାଇ ଫେରୁଥିବା ସମୟରେ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ, ମୃତକଙ୍କ ସ୍ୱାମୀ ଦୟା ହୁଇକା ଓ ପୁଅ ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ଆନ୍ଧ୍ରପ୍ରଦେଶକୁ ଯାଇଥିବା ସୂଚନା ମିଳିଛି। ପୋଲିସ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଘଟଣାର ତଦନ୍ତ ଜାରି ରହିଛି।

# ଅବିଶ୍ରାନ୍ତ ବର୍ଷାରେ ଦିଲ୍ଲୀ ବେହାଲ

## ରାସ୍ତା ପାଲଟିଲା ନଦୀ, ଘର ଭୁଶୁଡ଼ି ୩ ମୃତ



**ନୂଆଦିଲ୍ଲୀ,୯।୭(ଏଜେନ୍ସି):** ରାତି ତମାମ ବର୍ଷା ଯୋଗୁ ଦିଲ୍ଲୀ ସହର ଅଚଳ ହୋଇଯାଇଛି। ସହରର ଏକ ବଡ଼ ଅଂଶ ଜଳମଗ୍ନ ହୋଇଯାଇଛି। ରାସ୍ତାରେ ଏଭଳି ଭାବେ ପାଣିର ସୁଅ ଛୁଟୁଛି ଯେ ଏହା ନଦୀର ଭ୍ରମ ସୃଷ୍ଟି କରିଛି। ସହରର ଡ୍ରେନେଜ୍ ପଦ୍ଧତି ବର୍ଷାଜଳରେ ବୁଡ଼ି ଯାଇଛି। ପ୍ରବଳ ବର୍ଷା ଯୋଗୁ ରୋହିଣୀରେ ଏକ ଅଭାବନୀୟ ଘଟଣା ଘଟିଛି। ୪ ମହଲା କୋଠା ଭୁଶୁଡ଼ି ଏଠାରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି।

ଦିଲ୍ଲୀ ସହରର ସଦର ବଜାର, ଗ୍ରେଟର କୈଳାସ, ବଦରପୁର, ନସିରପୁର, ତେଲିୱାଡ଼ା, ମହାବୀର ବଜାର, ସ୍ୱରୂପ ନଗର, କୁଶକ ରୋଡ୍, ମୁର୍ନିକା, ଦ୍ୱାରକା, ବିକାଶ ମାର୍ଗ, ପୂର୍ବ ଦିଲ୍ଲୀ ଏବଂ ନୂଆଦିଲ୍ଲୀ ରେଳ ଷ୍ଟେସନ୍ ଅଞ୍ଚଳ ସମେତ ଅନେକ ଅଂଶରେ ଜଳବନ୍ଦୀ ସମସ୍ୟା ଉପୁଜିଛି। ଲଗାଣ ବର୍ଷା ଯୋଗୁ ମାଟି ଦୁର୍ବଳ ହୋଇ ଦିଲ୍ଲୀର ଅନେକ ସ୍ଥାନରେ ଗଛ ମଧ୍ୟ ଉପୁଡ଼ି ପଡ଼ିଛି। ଏଥିଯୋଗୁ ରାସ୍ତା ବନ୍ଦ ରହି ଟ୍ରାଫିକ ସମସ୍ୟା ଉପୁଜିଛି।

ଦିଲ୍ଲୀ ଏନ୍‌ସିଆର ସମେତ ପଡ଼ୋଶୀ ଗୁରୁଗ୍ରାମ, ଉତ୍ତରପ୍ରଦେଶର ନଏଡ଼ା , ଗାଜିଆବାଦର ବିଭିନ୍ନ ଅଂଶରେ ମଧ୍ୟ ରାତି ତମାମ ବର୍ଷା ଯୋଗୁ ଅତି ସାଂଘାତିକ ଜଳବନ୍ଦୀ ସମସ୍ୟା ଉପୁଜିଛି। ଦିଲ୍ଲୀର ସମସ୍ତ ଅଂଶ ପାଇଁ ଭାରତୀୟ ପାଣିପାଗ ବିଭାଗ ରେଡ ଆଲର୍ଟ ଜାରି କରିଛି। ଆଗକୁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ସତର୍କ ସୂଚନା ଜାରି କରିଛି।

ଅନ୍ୟପକ୍ଷେ ଗାଜିଆବାଦ, ନଏଡ଼ା, ମିରଟ ଏବଂ ଗୁରୁଗ୍ରାମ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ନଏଡ଼ା, ଗାଜିଆବାଦ, ଉତ୍ତର ଏବଂ ପୂର୍ବ ଦିଲ୍ଲୀ ପାଖାପାଖି ୨୦୦ ମିମି ବର୍ଷା ଓ କେନ୍ଦ୍ରୀୟ, ପଶ୍ଚିମ, ଏବଂ ଦକ୍ଷିଣ ଦିଲ୍ଲୀ ସହ ଫରିଦାବାଦ ମଧ୍ୟ ୧୦୦ରୁ ୧୫୦ ମିମି ବର୍ଷାଜଳ ହୋଇପାରେ। ପ୍ରବଳ ବର୍ଷା ଯୋଗୁ ନରସିଂହପୁର, ବସାଇ, ଉମଙ୍ଗ, ଭରଦ୍ୱାଜ ଛକ, କନ୍ଦିପୁର, ସେକ୍ଟର ୧୦ଏ ଏବଂ ସୋହନା ରୋଡ୍‌ରେ ବ୍ୟାପକ ଟ୍ରାଫିକ୍ ଜାମ୍ ସମସ୍ୟା ଉପୁଜିଛି।

## ସମଗ୍ର ଦେଶକୁ ଛୁଇଁଲା ମୌସୁମୀ

### ଦେଶରେ ୧୯୫.୫ ମିମି ବର୍ଷା ହୋଇଛି

**ନୂଆଦିଲ୍ଲୀ,୯।୭(ଏଜେନ୍ସି):** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକଠାରୁ ଗୋଟିଏ ଦିନ ବିଳମ୍ବରେ ଜୁଲାଇ ୯ ଗୁରୁବାର ସୁଦ୍ଧା ସମଗ୍ର ଭାରତକୁ ସ୍ପର୍ଶ କରିଛି। ଏପର୍ଯ୍ୟନ୍ତ ଦେଶରେ ମୋଟ ୧୯୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି, ଏହି ପରିମାଣର ବର୍ଷା ସ୍ୱାଭାବିକଠାରୁ କମ୍‌ଛି। ବର୍ତ୍ତମାନ ସୁଦ୍ଧା ୨୩୦.୪ ମିମି ବର୍ଷା ହେବା କଥା। କିନ୍ତୁ ସମ୍ପ୍ରତି ମୌସୁମୀଜନିତ ବର୍ଷା ବୃଦ୍ଧି ପାଇଥିବାରୁ ଏହା ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ପାଇଁ ଲାଭକାରୀ ହେବ ବୋଲି କୁହାଯାଉଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଜୁନ୍ ମାସରେ ମୌସୁମୀ ବର୍ଷା ୪୦ ପ୍ରତିଶତ କମ୍ ରହିଥିଲା। ମାତ୍ର ୯୯.୫ ମିମି ବର୍ଷା ହୋଇଥିଲା। କିନ୍ତୁ ଜୁଲାଇରେ ଅଳ୍ପଦିନ ଭିତରେ ତାହା ବୃଦ୍ଧି ପାଇ ୧୯୫.୫ ମିମିରେ ପହଞ୍ଚିଛି, ଯାହା ଦୁଇଗୁଣରୁ ଅଧିକ। ଉତ୍ତର, ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାରତର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି। କେତେକ ରାଜ୍ୟରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ସାଧାରଣରୁ ଅଧିକ ବର୍ଷା ରେକର୍ଡ କରାଯାଇଛି।

ଆଇଏମ୍‌ଡି କହିଛି, ଚଳିତ ବର୍ଷ ମୌସୁମୀର ପ୍ରଗତି କୃଷି କ୍ଷେତ୍ର ପାଇଁ ଅନୁକୂଳ ରହିଛି। ଭଲ ବର୍ଷା ଯୋଗୁ ଧାନ, ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଖରିଫ ଫସଲର ବୁଣାକାମ ଦ୍ରୁତ ଗତିରେ ଚାଲିଛି। ଜଳଭଣ୍ଡାରଗୁଡ଼ିକରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ଜଳସେଚନ ଓ ପାନୀୟ ଜଳ ଯୋଗାଣ ପାଇଁ ଲାଭଦାୟକ ହେବ। ତେବେ ପାଣିପାଗ ବିଭାଗ ସତର୍କ କରିଛି ଯେ, ଆଗାମୀ କିଛିଦିନ ମଧ୍ୟରେ ଉତ୍ତର-ପଶ୍ଚିମ, ମଧ୍ୟ ଓ ପୂର୍ବ ଭାରତର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଫଳରେ ସହରାଞ୍ଚଳରେ ଜଳବନ୍ଦୀ, ନଦୀର ଜଳସ୍ତର ବୃଦ୍ଧି ଓ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ରହିଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପୂର୍ବ ପ୍ରସ୍ତୁତି ରଖିବା ପାଇଁ ପରାମର୍ଶ ଦିଆଯାଇଛି।

## ଜୋତା କାରଖାନାରେ ଅଗ୍ନିକାଣ୍ଡ, ୨୮ ମୃତ



**ବେଜିଂ,୯।୭(ଏଜେନ୍ସି):** ଚୀନ୍‌ର ପୂର୍ବ ଫୁଜିଆନ ପ୍ରଦେଶରେ ଏକ ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଛି ଏବଂ ଏଥିରେ ୨୮ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଜିନଜିଆଙ୍ଗ ସହରରେ ଜିଆଙ୍ଗତୋଉ ଗ୍ରାମରେ ଥିବା ଏକ ଜୋତା ଫ୍ୟାକ୍ଟ୍ରିରେ ଅପରାହ୍ନ ୧୨.୦୪ ସମୟରେ ନିଆଁ ଲାଗି ଯାଇଥିଲା। ସଙ୍ଗେସଙ୍ଗେ ନିଆଁ ଚାରିଆଡ଼କୁ ବ୍ୟାପିଯିବାରୁ ଅନେକ ଲୋକ ଜୀବନ୍ତ ଦଗ୍ଧ ହୋଇଗଲେ। ତୁରନ୍ତ ଘଟଣାସ୍ଥଳରେ ଅଗ୍ନି ନିର୍ବାପକ ଏବଂ ଇମର୍ଜେନ୍ସି ଟିମ୍ ମୁତୟନ ହୋଇଥିଲେ। କିନ୍ତୁ ଫ୍ୟାକ୍ଟ୍ରି ଭିତରେ ଅତି ଭୟଙ୍କର ସ୍ଥିତି ପାଇଁ ଉଦ୍ଧାରକାରୀ ଦଳ କୋଠା ଭିତରକୁ ପଶି ପାରିନଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, କୋଠାର ଗ୍ରାଉଣ୍ଡ ଫ୍ଲୋର୍ ଯେଉଁଠାରେ ଜୋତା ତିଆରି ସାମଗ୍ରୀ ରଖାଯାଇଥିଲା ସେଠାରୁ ହିଁ ନିଆଁ ଲାଗିଥିଲା। ଜୋତା ତିଆରି ସାମଗ୍ରୀ ରଖାଯାଇଥିବାରୁ ନିଆଁ ସଙ୍ଗେସଙ୍ଗେ ଚାରିଆଡ଼କୁ ବ୍ୟାପିଯାଇଥିଲା। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଉକ୍ତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅଗ୍ନିକାଣ୍ଡ କିଭଳି ହେଲା ସେନେଇ ଅଧିକ ତଦନ୍ତ ଜାରି ରହିଛି।

## ଏମ୍‌ସିଡି ଅଧିକାରୀଙ୍କୁ ସୁପ୍ରିମ୍ କୋର୍ଟଙ୍କ ସମନ



**ନୂଆଦିଲ୍ଲୀ,୯।୭(ଏଜେନ୍ସି):** ଦିଲ୍ଲୀରେ ବେଆଇନ ଓ ବିପଜ୍ଜନକ କୋଠା ନିର୍ମାଣକୁ ନେଇ ସୁପ୍ରିମ୍‌କୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି କୋଠା ବିରୋଧରେ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ (ଏମ୍‌ସିଡି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଏମ୍‌ସିଡିର କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ଦିନ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ ମଧ୍ୟ କହିଛନ୍ତି। ମାମଲାର ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟ କହିଛନ୍ତି, ଦିଲ୍ଲୀରେ ବେଆଇନ ନିର୍ମାଣ ଓ ବିପଜ୍ଜନକ କୋଠା ସମସ୍ୟା ବର୍ଷ ବର୍ଷ ଧରି ଚାଲିଆସୁଛି। କିନ୍ତୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଏହାକୁ ରୋକିବାରେ ପ୍ରଭାବଶାଳୀ ପଦକ୍ଷେପ ନେଉନାହାନ୍ତି। ଏଥିଯୋଗୁ ଲୋକଙ୍କ ଜୀବନ ବିପଦରେ ପଡୁଛି ଏବଂ ଅନେକ ସମୟରେ କୋଠା ଭୁଶୁଡ଼ି ପ୍ରାଣହାନି ମଧ୍ୟ ଘଟୁଛି।

ଅଦାଲତ ପ୍ରଶ୍ନ କରିଛନ୍ତି ଯେ, ବେଆଇନ ନିର୍ମାଣ ହେଉଥିବାବେଳେ ସମ୍ପୃକ୍ତ ଅଧିକାରୀମାନେ କାହିଁକି ନିରବ ରହୁଛନ୍ତି। କୋଠା ନିର୍ମାଣ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଆରମ୍ଭରୁ ଏହାକୁ ରୋକିବା ପାଇଁ କ'ଣ ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ମଧ୍ୟ କୋର୍ଟ ଜବାବ ମାଗିଛନ୍ତି। ଯଦି ନିୟମିତ ଭାବେ ନିରୀକ୍ଷଣ କରାଯାଏ, ତେବେ ଅଧିକାଂଶ ବେଆଇନ ନିର୍ମାଣକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋକାଯାଇପାରିବ। ଦିଲ୍ଲୀରେ ଚିହ୍ନଟ ହୋଇଥିବା ବିପଜ୍ଜନକ କୋଠା, ସେଗୁଡ଼ିକ ବିରୋଧରେ ନିଆଯାଇଥିବା ପଦକ୍ଷେପ, ଭଙ୍ଗାଯାଇଥିବା କୋଠାର ସଂଖ୍ୟା ଏବଂ ଏବେ ବି କେତେ କୋଠା ବିପଜ୍ଜନକ ଅବସ୍ଥାରେ ରହିଛି, ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ପଡ଼ିବ। ଏହାସହ ବେଆଇନ ନିର୍ମାଣକୁ ପ୍ରୋତ୍ସାହନ ଦେଇଥିବା ଅଧିକାରୀଙ୍କ ବିରୋଧରେ କ'ଣ ଆପରାଧିକ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହାର ବିବରଣୀ ମଧ୍ୟ ଦେବାକୁ ଅଦାଲତ କହିଛନ୍ତି ।

## ପତ୍ନୀଙ୍କୁ ତଣ୍ଟି ଚିପି ହତ୍ୟା କଲା ସଫ୍ଟୱେର୍ ଇଞ୍ଜିନିୟର

**ୱାଶିଂଟନ,୯।୭(ଏଜେନ୍ସି):** ଆମେରିକାରେ କାର୍ଯ୍ୟରତ ଜଣେ ୩୦ ବର୍ଷୀୟ ଭାରତୀୟ ସଫ୍ଟୱେର୍ ଇଞ୍ଜିନିୟର ବିବାହର ମାତ୍ର ୬ ମାସ ଭିତରେ ପତ୍ନୀଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ କରିଛି ଯେ ଇଞ୍ଜିନିୟର ଜଣକ ପତ୍ନୀକୁ ହତ୍ୟା କରିବା ପରେ ଅପରାଧ ଲୁଚାଇବା ପାଇଁ ପତ୍ନୀଙ୍କୁ କେହି ହତ୍ୟା କରିଥିବା ପରି ଅଭିନୟ କରିଥିଲା। ଭାରତରେ ଅନ୍ୟ ଜଣେ ମହିଳାଙ୍କ ସହିତ ଅଭିଯୁକ୍ତର ଗୁପ୍ତ ପ୍ରେମ ସମ୍ପର୍କ ରହିଥିଲା ଓ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ବ୍ୟାପକ ତଦନ୍ତ ପରେ ପୋଲିସ କହିଛି।



ପୋଲିସ ଅଭିଯୁକ୍ତ ତେଲେଙ୍ଗାନାର ସଫ୍ଟୱେର୍ ଡେଭେଲପମେଣ୍ଟ ଇଞ୍ଜିନିୟର ଅବିନାଶ ନାର୍ନେଙ୍କୁ ଗିରଫ କରି ତାଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛି। ଅଭିଯୁକ୍ତଙ୍କୁ ୫ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୪୮ କୋଟି ଟଙ୍କା) ଜାମିନରେ ଅଟକ ରଖାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ଆମେରିକାରେ ତାଙ୍କୁ ଆଇନ ଅନୁଯାୟୀ ଆଜୀବନ କାରାଦଣ୍ଡାଦେଶ ହୋଇପାରେ।

ସୂଚନାଯୋଗ୍ୟ, ଅକ୍ଟୋବର ୨୦୨୫ରେ ଅବିନାଶଙ୍କ ପତ୍ନୀ ରଜିତା ସକ୍କିନେନି (୨୭) ମୃତ ଅବସ୍ଥାରେ ମିଳିଥିଲେ। ଅବିନାଶ ସ୍ଥାନୀୟ ବେଲେଭ୍ୟୁ ପୋଲିସକୁ ଏକ ଫୋନ୍ କଲ୍ କରି କହିଥିଲେ ତାଙ୍କ ପତ୍ନୀ ଶୌଚାଳୟ ଭିତରେ ବନ୍ଦ ହୋଇଯାଇଥିବାବେଳେ ଜବାବ ଦେଉନାହାନ୍ତି। ପୋଲିସ ଆସିବା ପରେ ଗାଧୁଆ ଘରୁ ସକ୍କିନେନିଙ୍କୁ ଅଚେତ ଅବସ୍ଥାରେ ପାଇଥିଲା। ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ତେବେ ପରେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଲା ଯେ, ଶ୍ୱାସରୁଦ୍ଧ ହେବା ଯୋଗୁ ସକ୍କିନେନିଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏହାକୁ ହତ୍ୟା ମାମଲା ଭାବେ ଗ୍ରହଣ କରି ତଦନ୍ତ କରିଥିଲା। ତଦନ୍ତ ଅଗ୍ରସର ହେବା ସହିତ ସ୍ୱାମୀ ଅବିନାଶ ଉପରେ ପୁଲିସର ସନ୍ଦେହ ବଢ଼ିବାରେ ଲାଗିଲା।

ଅବିନାଶ ପୋଲିସକୁ କହିଥିଲା, ଘଟଣା ଦିନ ସେ କିଛି ଜିନିଷ ଆଣିବାକୁ ବାହାରକୁ ଯାଇଥିଲେ ଓ ପ୍ରାୟ ୪୦ ମିନିଟ୍ ପରେ ଫେରି ଆସିଥିଲେ। ଫେରିବା ପରେ ସେ ପତ୍ନୀଙ୍କୁ ବାଥରୁମ୍ ଭିତରେ ବନ୍ଦ ଥିବା ଦେଖିଥିଲେ। ଅନେକ ଚେଷ୍ଟା ପରେ ମଧ୍ୟ କୌଣସି ଉତ୍ତର ନପାଇବାରୁ ସେ ପୋଲିସକୁ ଫୋନ୍ କରିଥିଲେ, କିନ୍ତୁ ତଦନ୍ତକାରୀ ପୋଲିସ କହିଛି ଯେ, ଡିଜିଟାଲ୍ ପ୍ରମାଣ ତାଙ୍କ କାହାଣୀକୁ ମିଥ୍ୟା ପ୍ରମାଣିତ କରିଛି। ତଦନ୍ତ ସମୟରେ ଯେତେବେଳେ ପୁଲିସ ଅବିନାଶଙ୍କ ଫୋନ୍ ରେକର୍ଡ, ମେସେଜ୍ ଓ ବ୍ୟକ୍ତିଗତ ସମ୍ପର୍କ ଯାଞ୍ଚ କରିଥିଲା ବିବାହ ପୂର୍ବରୁ ଅବିନାଶର ଭାରତରେ ଅନ୍ୟ ଜଣେ ମହିଳାଙ୍କ ସହିତ ଗୁପ୍ତ ସମ୍ପର୍କ ରହିଥିବା ଜାଣିବାକୁ ପାଇଥିଲା। ପୋଲିସ ଦାବି କରିଛି ଯେ, ବିବାହ ପରେ ଏହି ସମ୍ପର୍କ ଜାରି ରହିଥିଲା ଓ ମହିଳା ଜଣକ ଦମ୍ପତିଙ୍କ ବିବାହ ଉତ୍ସବରେ ମଧ୍ୟ ଯୋଗ ଦେଇଥିଲେ। ଅବିନାଶ ତାଙ୍କ ପତ୍ନୀଙ୍କ ମୃତ୍ୟୁର ପରଦିନ ମୃତଦେହର ଏକ ଫଟୋ ସେହି ମହିଳାଙ୍କ ନିକଟକୁ ପଠାଇଥିଲା। ପଚରାଉଚରା ସମୟରେ ସେ ଏକଥା ସ୍ୱୀକାର ମଧ୍ୟ କରିଛି।

## ରୁଷର ତୈଳ ଡିପୋ, ଟ୍ୟାଙ୍କର ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆଟାକ୍



**କିଭ୍,୯।୭(ଏଜେନ୍ସି):** ୟୁକ୍ରେନ ପକ୍ଷରୁ ରୁଷର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଛି। ୟୁକ୍ରେନର ଡ୍ରୋନ୍ ରୁଷର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ସହ ଆଜୋଭ ସାଗରରେ ଦୁଇଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଛି। ତୈଳ ଟ୍ୟାଙ୍କରଗୁଡିକରେ ନିଆଁ ଲାଗି ଯାଇଛି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି। ପଶ୍ଚିମ ରୁଷ ସହର ଟଭରରେ ଏକ ତୈଳ ଡିପୋରେ ଗୁରୁବାର ସକାଳେ ଏକ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ଯୋଗୁ ନିଆଁ ଲାଗିଯାଇଛି ବୋଲି କାର୍ଯ୍ୟକାରୀ ଆଞ୍ଚଳିକ ରାଜ୍ୟପାଳ ଭିଟାଲି କୋରୋଲିଓଭ କହିଛନ୍ତି।

ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ ପାଇଁ ଲାଇସେନ୍ସ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଏହି ଆକ୍ରମଣ ହୋଇଛି। ତୁର୍କିରେ ନାଟୋ ଶିଖର ସମ୍ମିଳନୀ ଅବସରରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକ ବୈଠକ ସମୟରେ ସେ ଏହି ଘୋଷଣା କରିଥିଲେ। ୟୁକ୍ରେନ ପକ୍ଷରୁ ତୈଳ ବିଶୋଧନାଗାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁ ରୁଷରେ ଇନ୍ଧନ ସଙ୍କଟ ସୃଷ୍ଟି ହୋଇଛି। ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ଅଭାବ ଏବଂ ଇନ୍ଧନ ଅଭାବ ଥିବା ରିପୋର୍ଟ ହୋଇଛି। ଲୋକେ ଟାଙ୍କି ପୂରଣ କରିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି।

ଦକ୍ଷିଣ ଷ୍ଟାଭ୍ରୋପୋଲ ରାଜ୍ୟପାଳ ଭ୍ଲାଦିମିର ଭ୍ଲାଦିମିରଭ କହିଛନ୍ତି, ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣରେ ଭୟାଜନିକିରେ ଏକ ତୈଳ ଭଣ୍ଡାର ପୋଡ଼ି ଯାଇଛି। ନିଆଁ ବ୍ୟାପିବା ପରେ କର୍ତ୍ତୃପକ୍ଷ ଏହା ଆଖପାଖରେ ଥିବା ଅନେକ ଆପାର୍ଟମେଣ୍ଟର ବାସିନ୍ଦାଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୋସ୍ତଭ ରାଜ୍ୟପାଳ ୟୁରି ସ୍ଲୁସାରଙ୍କ ଅନୁଯାୟୀ, ଆଜୋଭ ସାଗରରେ ୟୁକ୍ରେନୀୟ ଡ୍ରୋନ୍ ଦୁଇଟି ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଇଛି। ଗୋଟିଏ ଜାହାଜ ଏବେ ବି ଜଳୁଛି ଏବଂ କର୍ମଚାରୀମାନଙ୍କୁ ଖାଲି କରାଯାଇଛି।

ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଆମର ବାୟୁ ପ୍ରତିରକ୍ଷା ବୁଧବାର ବିଳମ୍ବିତ ରାତିଠାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୭୩ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଖସାଇ ଦେଇଛି। ୟୁକ୍ରେନର ବାୟୁସେନା କହିଛି, ରୁଷ ରାତିସାରା ୟୁକ୍ରେନ ଉପରେ ୯୪ଟି ଦୂରଗାମୀ ଷ୍ଟ୍ରାଇକ୍ ଡ୍ରୋନ୍ ଏବଂ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ୭୨ଟି ଡ୍ରୋନ୍‌କୁ ଅଟକା ଯାଇଛି। ତେବେ ୯ଟି ଡ୍ରୋନ ଏବଂ ଉଭୟ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରି ୧୩ଟି ସ୍ଥାନକୁ କ୍ଷତି ପହଞ୍ଚାଇଛି।

### ଆମେରିକାର ସହଯୋଗୀ ରାଷ୍ଟ୍ରଙ୍କୁ ଇରାନର ଧମକ

## ସମର୍ଥନ କଲେ ଆମ ନିଶାଣର ସମ୍ମୁଖୀନ ହେବ

**ତେହରାନ,୯।୭(ଏଜେନ୍ସି):** ଆମେରିକା-ଇରାନ ମଧ୍ୟରେ ପୁଣି ଥରେ ଯୁଦ୍ଧ ଉତ୍ତେଜନା ଦେଖାଦେଇଛି। ଏହି ଉତ୍ତେଜନା ମଧ୍ୟରେ ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଇରାନ ଧମକ ଦେଇଛି। ବିଶେଷକରି ଆମେରିକାକୁ ସାମରିକ ଭିତ୍ତିଭୂମିର ସହଯୋଗ ଯୋଗାଇ ଦେଉଥିବା ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ ଇରାନ ଧମକ ଦେଇଛି। ଇରାନ କହିଛି, ଆମେରିକାକୁ ସହଯୋଗ କରୁଥିବା ରାଷ୍ଟ୍ରଗୁଡିକ ଇରାନର ନିଶାଣର ସମ୍ମୁଖୀନ ହେବେ। ଏହିସବୁ ରାଷ୍ଟ୍ରଗୁଡିକ ଉପରେ ଇରାନ ଆକ୍ରମଣ କରିବ ଓ ଏହି ଆକ୍ରମଣକୁ ବୈଧ ଦର୍ଶାଯିବ। ଇରାନର ସେନା ପକ୍ଷରୁ ଜାରି ଚେତାବନୀରେ କୁହାଯାଇଛି ଯେ, ଯଦି କୌଣସି ଦେଶ କିମ୍ବା ସ୍ଥାନ ଆମେରିକାକୁ ଇରାନ ଉପରେ ଆକ୍ରମଣ କରିବା ପାଇଁ ସାମରିକ ସହାୟତା କିମ୍ବା ଆଶ୍ରୟ ପ୍ରଦାନ କରେ, ତେବେ ତାହାକୁ ଇରାନ ସେନା ନିଜର 'ବୈଧ ସାମରିକ ଟାର୍ଗେଟ୍' ଭାବେ ଗ୍ରହଣ କରିବ। ଇରାନର ବୈଦେଶିକ ମନ୍ତ୍ରଣାଳୟ ପାରସ୍ୟ ଉପସାଗର ଅଞ୍ଚଳରେ ଥିବା ପଡ଼ୋଶୀ ଦେଶଗୁଡ଼ିକୁ ସେମାନଙ୍କର ମାଟି ଆମେରିକାକୁ ବ୍ୟବହାର କରିବାକୁ ନଦେବା ପାଇଁ ଅନ୍ତର୍ଜାତୀୟ ଆଇନର ଦ୍ୱାହି ଦେଇ ସତର୍କ କରାଇଛି।

### ୟୁରୋପରେ ଭୟଙ୍କର ଗରମ

## ୧୧ ହଜାରରୁ ଅଧିକ ମୃତ

**ପ୍ୟାରିସ୍/ଲଣ୍ଡନ,୯।୭(ଏଜେନ୍ସି):** ସମଗ୍ର ପଶ୍ଚିମ ୟୁରୋପରେ କିଛିଦିନ ହେଲା ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅତ୍ୟଧିକ ଗରମ ଯୋଗୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଏପର୍ଯ୍ୟନ୍ତ ପ୍ରମୁଖ ଦେଶଗୁଡ଼ିକରେ ୧୧ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ ଦର୍ଶାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ରିଟେନ, ଆୟର୍ଲ୍ୟାଣ୍ଡ ଏବଂ ଫ୍ରାନ୍ସ ଆଦି ଦେଶରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସତର୍କତା ଜାରି କରାଯାଇଛି।

ସ୍ପେନ ଏବଂ ଫ୍ରାନ୍ସର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୩୬ ରୁ ୩୯ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ବୁଧବାର ସ୍ପେନର ବାର୍ସିଲୋନା ସହରରେ ସର୍ବାଧିକ ତାପମାତ୍ରା ୪୦.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି, ଯାହା ୧୧୨ ବର୍ଷର ଇତିହାସରେ ସର୍ବାଧିକ। ସ୍ପେନର କିଛି ଅଞ୍ଚଳରେ ପାରଦ ୪୪ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ହିଟ୍ ୱେଭ୍ କାରଣରୁ ଫ୍ରାନ୍ସର ଏକ ବଡ଼ ଅଞ୍ଚଳରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଇଟାଲୀର ଫ୍ଲୋରେନ୍ସ ଏବଂ ବୋଲୋଗ୍ନା ସହରରେ ତାପମାତ୍ରା ୩୬ ଡିଗ୍ରୀ ଉପରେ ରହିଛି।

### ବାର୍ସିଲୋନାରେ ଭାଙ୍ଗିଲା ୧୧୨ ବର୍ଷର ରେକର୍ଡ

ସାଧାରଣତଃ ଶୀତଳ ରହୁଥିବା ବ୍ରିଟେନ ଓ ଆୟର୍ଲ୍ୟାଣ୍ଡରେ ଗ୍ରୀଷ୍ମର ପ୍ରକୋପ ଦେଖିବାକୁ ମିଳିଛି। ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଇଂଲଣ୍ଡରେ ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିବା ଆଶଙ୍କା ଥିବାରୁ ସ୍ୱାସ୍ଥ୍ୟ ଚେତାବନୀ ଦିଆଯାଇଛି। ଲଣ୍ଡନରେ ତାପମାତ୍ରା ୩୪ ଡିଗ୍ରୀ ଛୁଇଁପାରେ ବୋଲି ଆକଳନ କରାଯାଇଛି। ଆୟର୍ଲ୍ୟାଣ୍ଡ ପ୍ରଶାସନ ହାଇ ଟେମ୍ପରେଚର ୱାର୍ଣ୍ଣିଂ ଜାରି କରିଛି। ରବର୍ଟ କୋଚ୍ ଇନଷ୍ଟିଚ୍ୟୁଟ୍ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ କେବଳ ଜର୍ମାନୀରେ ୫,୧୨୦ ଜଣ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପ୍ରାଣ ହରାଇଛନ୍ତି। ସେଥିମଧ୍ୟରୁ ପ୍ରାୟ ୪,୨୭୦ ଜଣଙ୍କ ବୟସ ୭୫ରୁ ଅଧିକ। ମୃତକଙ୍କ ମଧ୍ୟରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ ରହିଛି। ଫ୍ରାନ୍ସ, ବେଲଜିୟମ, ସ୍ପେନ ଏବଂ ନେଦରଲାଣ୍ଡରେ ଜୁନ୍‌ରେ ୪,୭୦୦ରୁ ଅଧିକ ମୃତ୍ୟୁ ରେକର୍ଡ କରାଯାଇଛି। ବେଲଜିୟମରେ ଜୁନ୍‌ରେ ୧,୭୪୭ ଜଣଙ୍କର ମୃତ୍ୟୁ ଘଟିଛି, ଯାହା ସେଠାରେ ୨୦୦୦ ମସିହା ପରଠାରୁ ସବୁଠାରୁ ଅଧିକ।

### ନାଟୋ ସମ୍ମିଳନୀରେ ସ୍ପେନକୁ ଟ୍ରମ୍ପଙ୍କ ଭର୍ତ୍ସନା

## ବାଣିଜ୍ୟ କାରବାର ବନ୍ଦ କରିବାକୁ ଧମକ

**ଅଙ୍କାରା,୯।୭(ଏଜେନ୍ସି):** ତୁର୍କୀର ରାଜଧାନୀ ଅଙ୍କାରାଠାରେ ଚାଲିଥିବା ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋ ସହଯୋଗୀ ଦେଶ ସ୍ପେନ୍ ଉପରେ ପ୍ରବଳ ବର୍ଷିଛନ୍ତି। ସ୍ପେନର ପ୍ରତିରକ୍ଷା ଖର୍ଚ୍ଚ ଓ ସାମରିକ ନୀତିକୁ ନେଇ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟ୍ରମ୍ପ ସ୍ପେନ୍‌କୁ ନାଟୋର ଏକ ଖରାପ ପାର୍ଟନର ବୋଲି ଆଖ୍ୟା ଦେଇଛନ୍ତି। ଏହାସହ ଆମେରିକା ଏଣିକି ସ୍ପେନ ସହ କୌଣସି ବ୍ୟାବସାୟିକ ସମ୍ପର୍କ ରଖିବାକୁ ଚାହେଁ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ନାଟୋ ମହାସଚିବ ମାର୍କ ରୁଟ୍ଟେଙ୍କ ସହ ଏକ ପ୍ରେସ କନଫରେନ୍ସରେ ଆଲୋଚନା ବେଳେ ଟ୍ରମ୍ପ ସେଠାରେ ଉପସ୍ଥିତ ଥିବା ତାଙ୍କର ଟ୍ରେଜେରୀ ସେକ୍ରେଟାରୀ ସ୍କଟ୍ ବେସେଣ୍ଟଙ୍କୁ ସ୍ପେନ୍ ସହ ସମସ୍ତ ପ୍ରକାର ବାଣିଜ୍ୟିକ କାରବାର ଓ ଗସ୍ତ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ସ୍ପେନ୍ ହେଉଛି ଏକ ବେକାର ଦେଶ। ଆମେ ସେମାନଙ୍କ ସହ କୌଣସି ବାଣିଜ୍ୟ କରିବାକୁ ଚାହୁଁନାହୁଁ। ସେମାନେ ଆମଠାରୁ ବହୁତ ପଇସା କମାଉଛନ୍ତି, କିନ୍ତୁ ଏବେ ତାହା କମିଯିବ। ଟ୍ରମ୍ପ ସମସ୍ତ ନାଟୋ ସଦସ୍ୟ ଦେଶଙ୍କୁ ସେମାନଙ୍କ ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଚାପ ପକାଉଥିବା ବେଳେ ସ୍ପେନ୍ ଏହାକୁ ଗ୍ରହଣ କରିନାହିଁ। ସ୍ପେନ୍ ବର୍ତ୍ତମାନ ପ୍ରାୟ ୨.୧% ଖର୍ଚ୍ଚ କରୁଛି। ଦ୍ୱିତୀୟତଃ ଇରାନ ସହ ଚାଲିଥିବା ଯୁଦ୍ଧ ପରିସ୍ଥିତିରେ ସ୍ପେନ୍ର ସମାଜବାଦୀ ସରକାର ଆମେରିକା ସେନାକୁ ସେମାନଙ୍କର ଏୟାରବେସ୍ ବ୍ୟବହାର କରିବାକୁ ଅନୁମତି ଦେବାକୁ ମନା କରିଦେଇଛି।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ– ସୁରେଶ ପରିଡ଼ା
Editor - Suresh Parida